# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

◆VOLUME- 44 ◆ISSUE-01 ◆THURSDAY ◆25 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୧ ◆ଗୁରୁବାର ◆୨୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


# ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

**ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକୁ ବାରମ୍ବାର ପଲ୍ୟୁସନ ଚେକ୍ କରିବାରୁ କୋହଳ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ ସାର୍ଟିଫିକେଟ୍'ର ବୈଧତା ୧ ବର୍ଷରୁ ବୃଦ୍ଧି କରି ୩ ବର୍ଷ କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ। ଏହି ଅନୁଯାୟୀ, ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ସମ୍ପର୍କରେ ନୂତନ ନିୟମ ବିଚାର କରୁଛନ୍ତି। ବିଏସ୍-୬ ଯାନ ପାଇଁ ଏହାର ବୈଧତା ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

ପିୟୁସିସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ କରାଯାଇପାରେ। ସୂତ୍ର ଅନୁଯାୟୀ, ବାଣିଜ୍ୟିକ ▶ପୃଷ୍ଠା-୧୦

# କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ



**ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ**

■ କୋଲକାତା, ୨୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ରାଜଧାନୀ କୋଲକାତାସ୍ଥିତ ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତି କମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

**ପିଲାଙ୍କ ପଢ଼ା ବହିରେ ତ୍ରୁଟି**


# ସରିଲା ତଦନ୍ତ; କାର୍ଯ୍ୟାନୁଷ୍ଠାନ କେବେ ?

## ସାର୍ବଜନୀନ ହେବ ତ ରିପୋର୍ଟ !

■ ଭୁବନେଶ୍ୱର, ୨୪।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିସନର ଦେଓ ରଞ୍ଜନ କୁମାର ସିଂହଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିର ଅବଧି ଆଜି ସରିଛି। ଦୀର୍ଘ ୭ ଦିନ ଧରି ତନାଘନା କରିବା ପରେ ପୁସ୍ତକ ପ୍ରସ୍ତୁତିରେ କାହାର ଭୂମିକା କ'ଣ ରହିଥିଲା ଓ କିଏ ଉତ୍ତରଦାୟୀ, କମିଟି ତାହା ଅନୁଧ୍ୟାନ କରିଛି। ଆଜି ସକାଳେ କମିଟିର ଅନ୍ୟତମ ସଦସ୍ୟ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ ଏବଂ ଗଣଶିକ୍ଷା ବିଭାଗ ସଚିବ ଏନ୍ ତିରୁମାଳା ନାୟକଙ୍କ ସହ ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ ପହଞ୍ଚି ତନାଘନା କରିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଭିନ୍ନ ତଥ୍ୟ ଯାଞ୍ଚ କରିବା ପରେ ଏକାଧିକ ଫାଇଲ ନେଇଛନ୍ତି। ମୁଖ୍ୟତଃ କଣ୍ଟେଣ୍ଟ ପ୍ରସ୍ତୁତି ଓ ବିକଶିତ କରାଯାଇଥିବା ଦସ୍ତାବିଜ୍‌କୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପୂର୍ବ ନିର୍ଦ୍ଦେଶକ୍ରମେ କମିଟି ଆସନ୍ତାକାଲି ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ଦାଖଲ କରିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତଦନ୍ତ ସରିବା ପରେ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। କେଉଁ ଅଧିକାରୀଙ୍କ ବିରୋଧରେ କେବେ ଓ କ'ଣ କାର୍ଯ୍ୟାନୁଷ୍ଠାନ ହେବ, ତାହାକୁ ନେଇ କ୍ଷମତା କରିଡରରେ ଆଲୋଚନା ଜୋର୍ ଧରିଛି। ଦିନକୁ ଦିନ ପୁସ୍ତକରେ ଥିବା ମାଳମାଳ ତ୍ରୁଟି ଲୋକଲୋଚନକୁ ଆସୁଥିବାରୁ ସରକାର ଅକଳରେ ▶ପୃଷ୍ଠା-୧୦

## ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ !




■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସବୁ ମହଲରେ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢ଼ାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜ ଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ▶ପୃଷ୍ଠା-୧୦

**ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ**

# ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସିନେଟ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଏକ ବିଲ୍ ପାରିତ କରିଛି। ମଙ୍ଗଳବାର ସିନେଟରେ ହୋଇଥିବା ଏହି ଭୋଟିଂରେ ରାଷ୍ଟ୍ରପତିଙ୍କ ନିଜ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ ବଳ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ହୋଇଥିବା ସଂଘର୍ଷକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ଟ୍ରମ୍ପଙ୍କ ଦଳର କିଛି ସଦସ୍ୟ ମଧ୍ୟ ଏହି ଯୁଦ୍ଧକୁ ସମର୍ଥନ କରୁନଥିବା ଏହି ଭୋଟିଂରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ଇରାନ ସହିତ ଏକ ଶାନ୍ତି ଚୁକ୍ତି ପାଇଁ ▶ପୃଷ୍ଠା-୧୦

# ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ




**ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ**

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

**ବାଣ ଭିଡ଼ିବା ବେଳେ ବିସ୍ଫୋରଣ**

# ପୁଅ ମୃତ; ବାପା, ମାଆ ଗୁରୁତର



■ ସାନଖେମୁଣ୍ଡି ୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ପୁଅର ମୃତ ହୋଇଥିବା ବେଳେ ବାପା ମାଆ ଗୁରୁତର ହୋଇଥିବା ନିଜର ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ପଡ଼ିଶା ଘର କାନ୍ଥ ମଧ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୃତକ ପୁଅ ଜଣଙ୍କ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ପରିବାର ଘରେ ଥିବା ବେଳେ ହଠାତ୍ ଘରେ ଥିବା ବାଣ ଗୁଡିକ ଫୁଟି ଯାଇଥିଲା ଫଳରେ ଘରେ ଥିବା ଆକାଶ ଦାସଙ୍କ ମୃତ ହୋଇଥିବା ବେଳେ ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ ଏବଂ ଘରର ଚାଳ ଛପର ସମ୍ପୂର୍ଣ୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ▶ପୃଷ୍ଠା-୧୦

**ରଥ ପୂର୍ବରୁ ପୁରୀ ଅଶାନ୍ତ**

# ହୋଟେଲ ମାଲିକଙ୍କୁ ହତ୍ୟା



ଅଭିଯୁକ୍ତକୁ ପୁଲିସ୍‌ର ଏନ୍‌କାଉଣ୍ଟର

■ ପୁରୀ, ୨୪।୬ (ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତ ଚଳାଇଥିବା ବେଳେ ଅଶାନ୍ତ ହୋଇପଡ଼ିଛି ପୁରୀ। ଆଇନ ଶୃଙ୍ଖଳା ପାଇଁ ତୁହାକୁ ତୁହା ବୈଠକ ଚାଲିଥିବା ବେଳେ ଅପରାଧୀମାନେ ଏହାକୁ ଖୋଲାଖୋଲି ଚାଲେଞ୍ଜ କରିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ଏହା ସ୍ପଷ୍ଟ ହୋଇଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟରେ ପୁଲିସ ଅଭିଯୁକ୍ତକୁ ଏନକାଉଣ୍ଟର କରିଛି। ହତ୍ୟାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଛି ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ ଅନୁସନ୍ଧାନରୁ ଜଣାପେଡ଼ିଛି। ଅଭିଯୁକ୍ତ ▶ପୃଷ୍ଠା-୧୦






**ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ**

# ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

**ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ**

**ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳତଳିଆଙ୍କୁ ବଳି**

■ ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ନିଶା ବଟିକା ଓ କଫସିରପ୍ ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ▶ପୃଷ୍ଠା-୧୦






## ୪ରେ ଖାମେନେଇଙ୍କ ଅନ୍ତ୍ୟେଷ୍ଟି; ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ

ତେହେରାନ, ୨୪।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ରାଷ୍ଟ୍ରୀୟ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବା ପାଇଁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଜୁଲାଇ ୪ରୁ ଏହି ଶୋକ ସଭା କାର୍ଯ୍ୟକ୍ରମ ଆରମ୍ଭ ହେବ। ଗତ ଫେବୃଆରୀ ୨୮ ରେ ଇସ୍ରାଏଲ ଏବଂ ଆମେରିକାର ମିଳିତ ବାୟୁସେନା ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମାର୍ଚ୍ଚ ୪ରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ହେବାର ଥିଲା। କିନ୍ତୁ ଯୁଦ୍ଧ ପରିସ୍ଥିତି ଏବଂ ପ୍ରବଳ ଜନସମାଗମ ଆଶଙ୍କାରେ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ କି ନାହିଁ ସେ ନେଇ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ।

## ସଂସଦରେ ଅଫିସ ହରାଇବ 'ସେନା'

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୬ ଜଣ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏହାପରେ ଦଳ ସଂସଦ ଭବନ ପରିସରରେ ଥିବା ଦଳୀୟ କାର୍ଯ୍ୟାଳୟ ହରାଇବା ସ୍ଥିତିରେ ପହଞ୍ଚିଛି। ଉଦ୍ଧବଙ୍କ ଶିବସେନାର ସଦସ୍ୟ ସଂଖ୍ୟା ୩କୁ ଖସିଛି। ନିୟମ ଅନୁଯାୟୀ, ଦଳର ୫ କିମ୍ବା ଊର୍ଦ୍ଧ୍ୱ ସାଂସଦ ଥିଲେ ହିଁ ସଂସଦ ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିବସେନା (ୟୁବିଟି) ର ସଂସଦୀୟ କାର୍ଯ୍ୟାଳୟ ପୁରୁଣା ସଂସଦ ଭବନ ବା 'ସମ୍ବିଧାନ ସଦନ'ର ରୁମ୍ ନମ୍ବର ୧୨୮ଏରେ ପରିଚାଳିତ ହେଉଛି।


ମୁମ୍ବଇ


ଅରୁଣାଚଳ ପ୍ରଦେଶ

## ମୁମ୍ବଇ ବେହାଲ, ଅରୁଣାଚଳରେ ବର୍ଷାର ତାଣ୍ଡବ

- ମୁମ୍ବଇ ଜଳବନ୍ଦୀ, ବସ-ଟ୍ରେନ ସେବାରେ ବାଧା
- ଅରୁଣାଚଳରେ ବନ୍ୟା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ, ଭାସିଗଲା ଘର

ମୁମ୍ବଇ, ୨୪।୬ (ଏଜେନ୍ସି): ପ୍ରାୟ ୧୩ ଦିନ ବିଳମ୍ବରେ ମୁମ୍ବଇରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ପହଞ୍ଚିଛି। ମାତ୍ର ପ୍ରଥମ ଦିନରେ ହିଁ ସହରରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର କେତକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଫଳରେ ସମଗ୍ର ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ରେଳ ଓ ସଡ଼କ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇର ଜୀବନରେଖା କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ରେଳବାଇର କେତକ ଷ୍ଟେସନରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ରେଳ ଧାରଣା ଧସିଯାଇଥିବା ସୂଚନା ମିଳିଛି। ଫଳରେ ଥାନେ-ୱାଶି ସେକ୍ସନରେ ଟ୍ରେନ୍ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା। ପଶ୍ଚିମ ରେଳବାଇ ସେବା ସ୍ୱାଭାବିକ ଥିଲେ ମଧ୍ୟ ଯାତ୍ରୀମାନେ ପ୍ରବଳ ଭିଡ଼ ଓ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। ଅନ୍ଧେରୀ ସବୱେକୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ମାଲଭାନୀ ଫାୟାର ଷ୍ଟେସନରେ ସର୍ବାଧିକ ୩୩୪ ମିଲିମିଟର ଏବଂ ଏଫ-ସାଉଥ ୱାର୍ଡରେ ୩୨୮ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁଁ ଭିଖ୍ରୋଲି ପଶ୍ଚିମରେ ଏକ ଆବାସିକ କୋଠାର କାନ୍ଥ ଭୁଶୁଡି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାନବାହାନ ନଷ୍ଟ ହୋଇଥିବା ଖବର ମଧ୍ୟ ମିଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବଇ ଓ ପାଲଘର ପାଇଁ ପୂର୍ବରୁ ଜାରି କରାଯାଇଥିବା ରେଡ୍ ଆଲର୍ଟକୁ ପରେ ଅରେଞ୍ଜ ଆଲର୍ଟରେ ପରିବର୍ତ୍ତନ କରାଯାଇଛି। ସମୁଦ୍ରରେ ଜୁଆର ଆସିବା ସମ୍ଭାବନା ଥିବାରୁ ବିଏମ୍‌ସି ଓ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଅରୁଣାଚଳ ପ୍ରଦେଶର କେତକ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ସୃଷ୍ଟି ହୋଇଥିବା ଆକସ୍ମିକ ବନ୍ୟା ବ୍ୟାପକ ଧ୍ୱଂସଲୀଳା ରଚିଛି। ରାଜ୍ୟର ଲୋୟର ସୁବନସିରି ଏବଂ କେୟି ପାନ୍ୟୋର ଜିଲ୍ଲାରେ ମାତ୍ର କେଇ ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଏହାସହ ଘରଦ୍ୱାର, ଭିତ୍ତିଭୂମି ଓ ଚାଷଜମିର ବହୁଳ କ୍ଷୟକ୍ଷତି ଘଟିଛି। କେୟି ପାନ୍ୟୋର ଜିଲ୍ଲାର ୟାଜାଲି ସ୍ଥିତ ଏକ କଲୋନୀରେ ବନ୍ୟା ଜଳ ପ୍ରବେଶ କରି ୧୫ଟି ଆବାସିକ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଛି। ଏହା ସହିତ ଏକ ପ୍ରମୁଖ ହାଇୱେ ବ୍ରିଜ୍ ବନ୍ୟା ଜଳରେ ଭାସିଯାଇଛି। ତେଣୁ ସେହି ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମଗୁଡିକରେ ମଧ୍ୟ ବନ୍ୟା ଯୋଗୁଁ ବହୁ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଚାଷ କାର୍ଯ୍ୟ ମଧ୍ୟ ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ବ୍ୟାପକ ଫଳ ବଗିଚା ଗୁଡ଼ିକ ବନ୍ୟା ଜଳରେ ଧୋଇଯାଇଛି।

## ଫ୍ରାନ୍ସ ମହୋତ୍ସବରେ ଦୁଷ୍କର୍ମ, ସିରିଞ୍ଜ୍ ଆକ୍ରମଣ



ପ୍ୟାରିସ୍, ୨୪।୬ (ଏଜେନ୍ସି): ଫ୍ରାନ୍ସର ପାରମ୍ପରିକ ବାର୍ଷିକ ସଙ୍ଗୀତ ମହୋତ୍ସବ 'ଫେଟେ ଡି ଲା ମ୍ୟୁଜିକ୍' ପାଳନ ଅବସରରେ ବ୍ୟାପକ ହିଂସା, ଦୁଷ୍କର୍ମ, ଅସଦାଚରଣ ଏବଂ ମହିଳାମାନଙ୍କୁ ସିରିଞ୍ଜରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗତ ରାତିରେ ପ୍ୟାରିସ୍ ସମେତ ଫ୍ରାନ୍ସର ବିଭିନ୍ନ ସହରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ତଥା ଅନ୍ୟ ଦେଶର ପର୍ଯ୍ୟଟକ ଯୋଗ ଦେଇଥିଲେ। ଏହି ସମୟରେ ପ୍ରାୟ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହାସହ ଅନେକ ମହିଳାଙ୍କୁ ସିରିଞ୍ଜ୍‌ରେ ଫୋଡ଼ି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଅନେକ ମହିଳାଙ୍କ ସହ ଅସଦାଚରଣ, ଯୌନ ଉତ୍ପୀଡ଼ନ ଏବଂ ଛୁରାମାଡ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଭିଡ଼ ଭିତରେ ହଠାତ୍ ଛୁଞ୍ଚି ଫୋଡ଼ି ହେବା ପରେ କିଛି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ୟାରିସର 'ଚାଟେଲେଟ୍' ପରି କେତେକ ଅଞ୍ଚଳରେ ପ୍ରବଳ ଭିଡ଼ ଓ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଆତଙ୍କର ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ମୋଟ ୨୪୩ ଜଣଙ୍କୁ ବିଶୃଙ୍ଖଳା କରିବା ଅଭିଯୋଗରେ ଗିରଫ କରାଯାଇଛି।

## ଇରାନର 'ଜେଲିଫିଂସ୍' ଡ୍ରୋନ୍ ଆକ୍ରମଣ



ୱାସିଂଟନ/ତେହେରାନ, ୨୪।୬(ଏଜେନ୍ସି):ଇରାନ ସହିତ ସଂଘର୍ଷ ସମୟରେ ଗତ ଏପ୍ରିଲରେ ଆମେରିକାର ଶକ୍ତିଶାଳୀ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧ ବିମାନ ଖସିଥିଲା। ଏଥିରୁ ଉଦ୍ଧାର ହୋଇଥିବା ଆମେରିକୀୟ ପାଇଲଟ ବିମାନ ଖସିବା ନେଇ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ତାଙ୍କ ଅନୁଯାୟୀ, ବିମାନଟି କୌଣସି ମିସାଇଲ୍ ଦ୍ୱାରା ନୁହେଁ, ବରଂ 'ଜେଲିଫିସ୍' ଭଳି ଦେଖାଯାଉଥିବା ଅତ୍ୟାଧୁନିକ ଡ୍ରୋନ୍ ସମୂହର ଆକ୍ରମଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦାବି ସତ୍ୟ ପ୍ରମାଣିତ ହେଲେ ଏହା ଇରାନର ଯୁଦ୍ଧ କୌଶଳର ନୂତନ ଦିଗ ଉନ୍ମୋଚିତ କରିବ। ପାଇଲଟଙ୍କ ସୂଚନା ଅନୁସାରେ, ଆକାଶରେ ଅନେକ ଗୁଡ଼ିଏ ଡ୍ରୋନ୍ ଏକାଠି ଗତି କରୁଥିଲେ। ଏହା ଦୂରରୁ ସାମୁଦ୍ରିକ 'ଜେଲିଫିସ୍' ଭଳି ଦେଖାଯାଉଥିଲା। ଏଥିରେ ଏକ ବଡ଼ 'ମଦରଶିପ୍' ଡ୍ରୋନ୍ ଉପରେ ରହିଥିବା ବେଳେ ତା' ତଳେ ଅନେକ ଛୋଟ ଡ୍ରୋନ୍ ଗୋଡ଼ ଭଳି ଝୁଲି ରହିଥିଲେ। ପାଇଲଟ୍ ଏହାକୁ 'ପୁରା ଏଲିଅନ୍ସ (ଅନ୍ୟ ଗ୍ରହର ଜୀବ) ମାନଙ୍କ କାମ ଭଳି ବୋଲି ବର୍ଣ୍ଣନା କରିଛନ୍ତି। ଏହି ଡ୍ରୋନ୍ ସମୂହ ଆକାଶରେ ଏକ 'ମାଇନଫିଲ୍ଡ' ଭଳି କାମ କରନ୍ତି, ଯାହା ଶତ୍ରୁ ପକ୍ଷର ବିମାନକୁ ଘେରିଯାଇ ଆକ୍ରମଣ କରିଥାନ୍ତି। ଏଗୁଡ଼ିକ କମ୍ ଉଚ୍ଚତାରେ ଉଡ଼ିପାରୁଥିବାରୁ ରାଡାର ଏବଂ ଏୟାର୍ ଡିଫେନ୍ସ ସିଷ୍ଟମ୍ ପକ୍ଷରେ ଏହାକୁ ଚିହ୍ନଟ କରିବା ବଡ଼ ଆହ୍ୱାନ ହୋଇଥାଏ। ଏହାର ଅଦ୍ଭୁତ ଆକୃତି ଶତ୍ରୁ ପାଇଲଟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ବିଶେଷଜ୍ଞଙ୍କ ମତରେ, ଏହି ସମୂହରୁ କିଛି ଡ୍ରୋନ୍ ନଷ୍ଟ ହେଲେ ମଧ୍ୟ ଅନ୍ୟ ଡ୍ରୋନ୍ ଗୁଡ଼ିକ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ କରି ଆକ୍ରମଣ ଜାରି ରଖିପାରନ୍ତି। ପୂର୍ବରୁ ଏହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ ଚୀନ୍ ଏବଂ ରୁଷିଆ ପାଖରେ ଥିବା ବିଶ୍ୱାସ କରାଯାଉଥିଲା।

## ଗ୍ରୀଷ୍ମ ତାଣ୍ଡବ; ପାଣିରେ ବୁଡ଼ି ୪୦ ମୃତ



ଲଣ୍ଡନ,୨୪।୬(ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଫ୍ରାନ୍ସରେ ଅତ୍ୟଧିକ ଗରମ ଯୋଗୁଁ ୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସମଗ୍ର ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ସ୍ପେନ, ଇଟାଲୀ, ବ୍ରିଟେନ, ଫ୍ରାନ୍ସ ସମେତ ୧୪ଟି ଦେଶରେ ରେଡ୍ ଆଲର୍ଟ ଜାରି କରାଯାଇଛି। ଫ୍ରାନ୍ସରେ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ନଦୀ, ହ୍ରଦ ଓ କେନାଲରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଣିରେ ବୁଡ଼ି ୪୦ରୁ ଊର୍ଦ୍ଧ୍ୱ ମୃତ୍ୟୁବରଣ କରିଛନ୍ତି।। ପରିସ୍ଥିତି ଏତେ ଗମ୍ଭୀର ହୋଇଛି ଯେ ଫ୍ରାନ୍ସର ଗୋଲଫେଶ ପରମାଣୁ ବିଦ୍ୟୁତ କେନ୍ଦ୍ରକୁ ବନ୍ଦ କରିବାକୁ ପଡ଼ିଛି। ୧୩୫୦ରୁ ଅଧିକ ବିଦ୍ୟାଳୟ ବନ୍ଦ କରାଯାଇଛି। ପ୍ୟାରିସ ସମେତ ଦେଶର ଅନେକ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି। ଚଳିତ ବର୍ଷର ଗ୍ରୀଷ୍ମ ପ୍ରବାହ ୨୦୦୩ ମସିହା ଗ୍ରୀଷ୍ମ ପ୍ରବାହ ସହ ସମାନ ହୋଇଛି। ତେବେ ୨୦୦୩ରେ ୧୬ ଦିନ ଧରି ଚାଲିଥିବା ଭୟଙ୍କର ଗରମରେ ପ୍ରାୟ ୧୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା।

## ତେଜୁଛି ରାମ ମନ୍ଦିର ଚାନ୍ଦା ଚୋରି ବିବାଦ

- ଏସ୍ଆଇଟି ରିପୋର୍ଟରେ ୧୭ ଜଣଙ୍କ ନାମ
- ଏଫ୍ଆଇଆର୍ ଦାଖଲ ପାଇଁ ସୁପାରିସ
- ସନ୍ଦେହ ଘେରରେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟ



ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରରେ ସାତ କୋଟି ଟଙ୍କାର ଦାନ ଓ ଦକ୍ଷିଣା ଚୋରି ମାମଲା ଦିନକୁ ଦିନ ବିସ୍ଫୋରକ ହେବାରେ ଲାଗିଛି। ପ୍ରଭୁ ରାମଙ୍କ ନାମରେ ଆସିଥିବା କୋଟି କୋଟି ଟଙ୍କା ଘୋଟାଲାରେ ମନ୍ଦିର ଟ୍ରଷ୍ଟର ଅନେକ ବଡ଼ ବଡ଼ କର୍ମକର୍ତ୍ତା ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଦ୍ୱାରା ଗଠିତ ଏସ୍ଆଇଟି ଇତିମଧ୍ୟରେ ଯେଉଁ ପ୍ରାଥମିକ ରିପୋର୍ଟ ଦେଇଛି, ତାହା ସମସ୍ତଙ୍କର ହୋସ୍ ଉଡ଼ାଇ ଦେଇଛି। ଏଥିରେ ୧୭ ଜଣଙ୍କୁ ଅଭିଯୁକ୍ତ କରାଯିବା ସହିତ ସେମାନଙ୍କ ବିରୋଧରେ ତୁରନ୍ତ ଏଫ୍ଆଇଆର ଦାଖଲ ପାଇଁ କୁହାଯାଇଛି। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏଫଆଇଆର ଦାଖଲ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟରେ ଯେଉଁ ୧୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କ ମଧ୍ୟରେ ରାମ ଜନ୍ମଭୂମି ଟ୍ରଷ୍ଟର ଅନେକ ବରିଷ୍ଠ ଓ ପ୍ରଭାବଶାଳୀ କର୍ମକର୍ତ୍ତା ଥିବା କୁହାଯାଉଛି। ମନ୍ଦିର ଟ୍ରଷ୍ଟ ଭାଙ୍ଗି ନୂଆ ପ୍ରଶାସକ ନିଯୁକ୍ତ ଲାଗି ମଧ୍ୟ ଏସ୍ଆଇଟି ସୁପାରିସ କରିଥିବା ଜଣପଡ଼ିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅଯୋଧ୍ୟାରେ ପ୍ରାରମ୍ଭିକ ସରଜମିନ ଯାଞ୍ଚ ପରେ ଏସଆଇଟି ଯେଉଁ ରିପୋର୍ଟ ଦେଇଛି, ସେଥିରେ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଏବଂ ତାଙ୍କର ଅନେକ ସହଯୋଗୀଙ୍କ ନାମ ରହିଛି। ରିପୋର୍ଟରେ ୧୫୦ରୁ ଅଧିକ ସେବାଦାର ଏବଂ କର୍ମଚାରୀଙ୍କୁ ସନ୍ଦିଗ୍ଧ ତାଲିକାରେ ରଖିବା ସହିତ ସେମାନଙ୍କ ବିରୋଧରେ ମଧ୍ୟ ଏଫ୍ଆଇଆର ଦାଖଲ କରିବାକୁ କୁହାଯାଇଛି। ମନ୍ଦିର ଦାନ ବାକ୍ସର ଚାବି ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବ ପାଖରୁ ମିଳିଛି। ଟିନ୍ନୁ ହେଉଛି ଚମ୍ପତ ରାୟଙ୍କ ଡ୍ରାଇଭର। ତାଙ୍କ ଘରୁ ମଧ୍ୟ ବିପୁଳ ପରିମାଣର ସଂପତ୍ତି ଜବତ ହୋଇଥିବାର ଖବର ମିଳିଛି। ଟିନ୍ନୁ ଜଣେ ଟେମ୍ପୋ ଡ୍ରାଇଭର ଥିଲେ। ରାମ ମନ୍ଦିର ନିର୍ମାଣ ଆରମ୍ଭ ବେଳେ ସେ ଚମ୍ପତ ରାୟଙ୍କ ଗାଡ଼ି ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସଂପତ୍ତି ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିଛି। ଜଣେ ଗାଡ଼ି ଡ୍ରାଇଭର ପାଖରେ ଦାନ ବାକ୍ସଗୁଡ଼ିକର ଚାବି କେମିତି ଆସିଲା ବୋଲି ଏସ୍ଆଇଟି ପ୍ରଶ୍ନ କରିଛି। କେବଳ ଟିନ୍ନୁ ନୁହେଁ, ଟ୍ରଷ୍ଟର ଅନେକ କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଭାଗ୍ୟ ମଧ୍ୟ ବଦଳିଯାଇଛି। ରାତାରାତି ସେମାନେ କୋଟିପତି ହୋଇଯାଇଛନ୍ତି। ଚମ୍ପତ ରାୟଙ୍କର ଆଉ ଜଣେ ସହଯୋଗୀ ଫୁଲକାନ୍ତ ମିଶ୍ରଙ୍କ ସଂପତ୍ତି ମଧ୍ୟ ସନ୍ଦିଗ୍ଧ ଭାବେ ରାତାରାତି କୋଟି କୋଟି ଟଙ୍କା ହୋଇଯାଇଛି। ଏହି ସମସ୍ତ ଘୋଟାଲାର ମୁଖ୍ୟ କାର୍ପଟେଦାର ଚମ୍ପତ ରାୟ ବୋଲି ବିରୋଧୀମାନେ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିର ନିର୍ମାଣ ଦିନ ଠାରୁ ଟ୍ରଷ୍ଟରେ ଏଭଳି ଘୋଟାଲା ଚାଲିଥିବା ନେଇ ଅନେକ ସେବାଦାର ଜାଣିଥିଲେ। କିନ୍ତୁ ଏଥିରେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିବାରୁ ଏହା ବିରୋଧରେ ସେମାନେ ମୁହଁ ଖୋଲୁନଥିଲେ। ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିରରୁ ୧୨୫୦ଟି ସୁନା, ରୁପା ଓ ହିରା ଖଚିତ ଏବଂ ଅଷ୍ଟଧାତୁ ଇଟା ମଧ୍ୟ ଗାଏବ ହୋଇଯାଇଛି।

## ସୀମାରେ ପାକିସ୍ତାନର ସାମରିକ ପ୍ରସ୍ତୁତି

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଥିବା ବେଳେ ସୀମାରେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିଛି। ପାକିସ୍ତାନ ସେନାର ୮ମ ବ୍ରିଗେଡ୍ ନିୟନ୍ତ୍ରଣ ରେଖା ନିକଟରେ ୩୫ଟି ଆଣ୍ଟି-ଡ୍ରୋନ୍ ୟୁନିଟ୍ ମୁତୟନ କରିଛି। ସୀମାରେ ନଜର ରଖିବା ଓ ଶତ୍ରୁପକ୍ଷକୁ ଟାର୍ଗେଟ୍ କରିବା ପାଇଁ ଏଆଇ କ୍ଷମତା ସମ୍ପନ୍ନ ଫେନସିଂ କରିଛି। ବାଲୋଚିସ୍ତାନ ଓ ଖାଇବର ପଖ୍ତୁନଖ୍ୱାରେ ଦୁଇଟି ନୂତନ ଏୟାରବେସ୍ ନିର୍ମାଣ ହେଉଛି। ଚୀନ ପାକିସ୍ତାନକୁ ୩୬ଟି ଜେ ସିରିଜ୍ ମଲ୍ଟିରୋଲ୍ ଯୁଦ୍ଧ ବିମାନ ଯୋଗାଇ ଦେଇଛି ଏବଂ ୫ମ ପିଢ଼ିର ଜେ-୩୫ ଷ୍ଟେଲଥ୍ ଫାଇଟର ଜେଟ୍ ମଧ୍ୟ ମିଳିବାର ସମ୍ଭାବନା ରହିଛି।

## ପାକିସ୍ତାନ ସୀମାରେ ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଦିଲ୍ଲୀରୁ ଅମୃତସର ଯାଉଥିବା ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଅଳ୍ପ ସମୟ ପାଇଁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିଥିବା ଜଣାପଡ଼ିଛି। ଅମୃତସରରେ ଅବତରଣ କରିବା ପାଇଁ 'ଗୋ-ଆରାଉଣ୍ଡ' କରିବା ବେଳେ ଏପରି ଘଟିଥିବା ଏୟାରଲାଇନ୍ସ ବୁଧବାର ସ୍ପଷ୍ଟ କରିଛି। ଏୟାର ଇଣ୍ଡିଆର ବିମାନ ଏଆଇ୪୭୯ ଅଟ୍ଟାରୀ ନିକଟରେ ଥିବା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ପାକିସ୍ତାନ ସୀମା ମଧ୍ୟରେ ପ୍ରାୟ ୨ମିନିଟ ଯାଏଁ ରହିଥିଲା। ତୁରନ୍ତ ପୁଣି ଭାରତୀୟ ସୀମାକୁ ଫେରି ଆସିଥିଲା।

## ଶୁଭେନ୍ଦୁଙ୍କ ପ୍ରଶଂସାରେ ଶତମୁଖ ମହୁଆ



କଲିକତା, ୨୪।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ଟିଏମ୍‌ସିର ଶକ୍ତିଶାଳୀ ନେତ୍ରୀ ତଥା ସାଂସଦ ମହୁଆ ମୈତ୍ର, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ମହୁଆ, ଶୁଭେନ୍ଦୁଙ୍କ ସହ ତାଙ୍କର ବେଶ୍ ଭାବପ୍ରବଣ ସମ୍ପର୍କ ଥିବା କଥା ବୁଧବାର କହିଛନ୍ତି। ବିବିସିକୁ ଦେଇଥିବା ଏକ ସାକ୍ଷାତକାରରେ ମହୁଆ କହିଛନ୍ତି ଯେ, ୨୦୧୪ରେ ତାଙ୍କୁ ଲୋକସଭା ଟିକେଟ ମିଳିନଥିଲା। ସେହି ସମୟରେ ସେ ଦୁଃଖରେ ଭାଙ୍ଗିପଡ଼ି ସାରା ରାତି କାନ୍ଦିଥିଲେ। ସେତେବେଳେ କେବଳ ଶୁଭେନ୍ଦୁ ହିଁ ତାଙ୍କୁ ସାନ୍ତ୍ୱନା ଦେବା ସହ ସାହାଯ୍ୟର ହାତ ବଢ଼ାଇଥିଲେ। ଏପରିକି ୨୦୧୬ରେ ମଧ୍ୟ ସେ କରିମପୁରରୁ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ଦଳର କୌଣସି ବରିଷ୍ଠ ନେତା ତାଙ୍କ ପାଇଁ ପ୍ରଚାର କରିବାକୁ ଆସିନଥିଲେ। କିନ୍ତୁ କେବଳ ଶୁଭେନ୍ଦୁ ହିଁ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିଥିଲେ। ବର୍ତ୍ତମାନ ଟିଏମସି ମଧ୍ୟରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମହୁଆ ବିଜେପିର କାର୍ଯ୍ୟଶୈଳୀ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଟିଏମସିରୁ ଅଯୋଗ୍ୟ ନେତା ମାନଙ୍କୁ ବାହାର କରି ଦଳର ଶୁଦ୍ଧିକରଣ କରିଥିବାରୁ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମହୁଆ ଶୁଭେନ୍ଦୁଙ୍କୁ ପ୍ରଶଂସା କରିଛନ୍ତି, ତଥାପି ସେ ତୃଣମୂଳ କଂଗ୍ରେସ ଛାଡ଼ିବା କିମ୍ବା ଦଳ କଂଗ୍ରେସ ସହ ମିଶ୍ରଣ ହେବା ଖବରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

## ୟୁକ୍ରେନରେ ଭାରତୀୟ ସେନା ମୁତୟନ ପ୍ରସ୍ତାବକୁ ହସରେ ଉଡ଼ାଇଲେ ଟ୍ରମ୍ପ


ୱାସିଂଟନ, ୨୪।୬(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଶାନ୍ତି ରକ୍ଷାକାରୀ ମିଶନ ପାଇଁ ଭାରତୀୟ ସେନାଙ୍କୁ ମୁତୟନ କରିବାକୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହସରେ ଉଡ଼ାଇ ଭାରତ ଏଥିପାଇଁ କେବେ ଅର୍ଥ ନଷ୍ଟ କରିବ ନାହିଁ ବୋଲି କହିଥିଲେ। ଦି ନ୍ୟୁୟର୍କ ଟାଇମ୍ସର ସାମ୍ବାଦିକ ମ୍ୟାଗି ହାବରମ୍ୟାନ ଏବଂ ଜୋନାଥନ ସ୍ୱାନଙ୍କ ଦ୍ୱାରା ଲିଖିତ 'ରେଜିମ ଚେଞ୍ଜ' (ସତ୍ତା ପରିବର୍ତ୍ତନ) ନାମକ ପୁସ୍ତକରେ ଏହି ଦାବି କରାଯାଇଛି। ୨୦୨୫ରେ ଓଭାଲ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁକ୍ରେନକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ କେଲଗ ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ପରି ୟୁରୋପୀୟ ଦେଶଗୁଡ଼ିକରୁ ଶାନ୍ତି ରକ୍ଷାକାରୀ ବାହିନୀ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜେଡି ଭାନ୍ସ ଯୁକ୍ତି ବାଢିଥିଲେ ଯେ, ନାଟୋ ସଦସ୍ୟ ଦେଶଙ୍କ ସେନା ୟୁକ୍ରେନରେ ମୁତୟନ ହେଲେ ରୁଷ ଏହାକୁ ବିପଦ ଭାବେ ଗ୍ରହଣ କରିବ। ଏହାର ବିକଳ୍ପ ଭାବେ ଭାନ୍ସ ଭାରତ ଏବଂ ସାଉଦି ଆରବ ପରି ଅଣ-ୟୁରୋପୀୟ ଦେଶଗୁଡ଼ିକୁ ଏହି ଦାୟିତ୍ୱ ଦେବାକୁ କହିଥିଲେ। ପୁସ୍ତକ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସ୍ତାବ ଶୁଣି ହସିଥିଲେ ଏବଂ କହିଥିଲେ, 'ଭାରତୀୟମାନେ ଏହା କରିବେ ନାହିଁ। ସେମାନେ ଏଭଳି କୌଣସି କାମ ପାଇଁ ଅର୍ଥ ଦେବେ ନାହିଁ'। ତେବେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।



## ନ୍ୟୁୟର୍କ ସିଟିରେ ଭାରତୀୟ କିଶୋରଙ୍କ ସ୍ମୃତିରେ 'ରୋମାଞ୍ଜ୍ସ ଲ'

ନ୍ୟୁୟର୍କ, ୨୪।୬(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ୍ ପାର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୮ ବର୍ଷୀୟ ଭାରତୀୟ କିଶୋର ରୋମାଞ୍ଚ ମହାଜନଙ୍କ ସମ୍ମାନାର୍ଥେ ସହରର ଘୋଡ଼ା ଗାଡ଼ି ନିଷେଧ ବିଲ୍‌ର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ରାଇଡର୍ସ ଲ' ନାମରେ ଜଣାଶୁଣା ଏହି ବିଲ୍ ଏବେ 'ରୋମାଞ୍ଜ୍ସ ଲ' ଭାବେ ନାମିତ ହୋଇଛି। ଗତ ସପ୍ତାହରେ ସେଣ୍ଟ୍ରାଲ୍ ପାର୍କରେ ରୋମାଞ୍ଚ ତାଙ୍କ ପରିବାର ସହ ଘୋଡ଼ା ଗାଡ଼ିରେ ଭ୍ରମଣ କରୁଥିଲେ। ଏହି ସମୟରେ ଘୋଡ଼ାଟି କୌଣସି କାରଣରୁ ଡରିଯାଇ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଥିଲା। ଫଳରେ ରୋମାଞ୍ଚଙ୍କ ମାଆ ଗାଡ଼ିରୁ ପଡ଼ିଯାଇଥିଲେ ଏବଂ ତାଙ୍କୁ ରକ୍ଷା କରିବା ପାଇଁ ରୋମାଞ୍ଚ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନ୍ୟୁୟର୍କ ସିଟି କାଉନସିଲ୍ ସଦସ୍ୟ କ୍ରିଷ୍ଟୋଫର ମାର୍ଟେ ସୋମବାର ଆୟୋଜିତ ଏକ ଶୋକସଭାରେ ଏହି ନାମ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ସହରରେ ନୂତନ ଘୋଡ଼ା ଗାଡ଼ି ଲାଇସେନ୍ସ ପ୍ରଦାନ ବନ୍ଦ କରାଯିବ ଏବଂ ୨୦୨୮ ଜୁନ୍ ୧ ସୁଦ୍ଧା ଏହି ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯିବ। ପୂର୍ବରୁ ଏହି ବିଲ୍ 'ରାଇଡର୍' ନାମକ ଏକ ୨୬ ବର୍ଷୀୟ ଘୋଡ଼ାର ନାମରେ ନାମିତ ଥିଲା। ୨୦୨୨ରେ କାର୍ଯ୍ୟରତ ଅବସ୍ଥାରେ ରାଇଡର୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସୂଚନାଯୋଗ୍ୟ, ବିଗତ ୧୩ ମାସ ମଧ୍ୟରେ ୮ଟି ଘୋଡ଼ା ଜନିତ ଦୁର୍ଘଟଣା ଘଟିସାରିଛି।

## ୧୨୨.୪ ଡେସିବଲ୍ ତୀବ୍ରତାରେ ଚିତ୍କାର କରି ବିଶ୍ୱ ରେକର୍ଡ



କାନ୍‌ବେରା, ୨୪।୬(ଏଜେନ୍ସି): ଜଣେ ଅଷ୍ଟ୍ରେଲୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାର ବାସିନ୍ଦା ୫୮ ବର୍ଷୀୟ ଜୋସେଫ୍ ମ୍ୟାକଗ୍ରେଲ୍-ବ୍ୟାଟଅପ୍ ୧୨୨.୪ ଡେସିବଲ୍ ତୀବ୍ରତାରେ ନାଓ ଶବ୍ଦଟିକୁ ଚିତ୍କାର କରି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସଫଳତା ସହ ଜୋସେଫ୍ ପ୍ରାୟ ୩୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୯୯୪ରେ ଉତ୍ତର ଆୟର୍ଲାଣ୍ଡର ଜଣେ ଶିକ୍ଷୟିତ୍ରୀ ଆନାଲିସା ଫ୍ଲାନାଗାନ୍ ୧୨୧.୭ ଡେସିବଲ୍ ତୀବ୍ରତାରେ 'କ୍ୱାଏଟ୍' ଶବ୍ଦ ଚିତ୍କାର କରି ବିଶ୍ୱ ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଜୋସେଫ୍‌ଙ୍କ ଏହି ଚିତ୍କାରର ଶବ୍ଦ ଏକ ଚେନ୍-ସ (ମୋଟର କରତ), ନିକଟରେ ଯାଉଥିବା ଆମ୍ବୁଲାନ୍ସ ସାଇରନ୍ କିମ୍ବା ଏକ ଜେଟ୍ ବିମାନ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଶବ୍ଦ ସହ ସମାନ। ଜୋସେଫ୍ ପେଶାରେ ଜଣେ ଏୟାର କଣ୍ଡିସନର ମିସ୍ତ୍ରୀ ଭାବେ କାମ କରନ୍ତି। ଜୋସେଫ୍ କହିଛନ୍ତି ଯେ, ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ସମ୍ଭବ ନୁହେଁ। ଏହି ରେକର୍ଡ ପାଇଁ ତାଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱର ବସି ଯାଇଥିଲା। ତେବେ ଜୋସେଫ୍ ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ବ୍ୟକ୍ତି ଭାବେ ରେକର୍ଡ କରିଥିବା ବେଳେ ଫ୍ଲାନାଗାନ୍ ଏବେ ମଧ୍ୟ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ମହିଳା ଭାବେ ନିଜର ରେକର୍ଡ ବଜାୟ ରଖିଛନ୍ତି।

## ବିନିକା ବ୍ଲକ୍ ଅଧ୍ୟକ୍ଷାଙ୍କ ଘରକୁ ଗୁଳିମାଡ଼ ଘଟଣାରେ ୪ ଗିରଫ

# ବିଜେଡି ନେତା ଅଶୋକ ନନ୍ଦଙ୍କୁ ହତ୍ୟା ପାଇଁ ହୋଇଥିଲା ଯୋଜନା

ତରଭା,୨୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ ଏବଂ ବିଜେଡି ନେତା ଅଶୋକ ନନ୍ଦଙ୍କ ଘର ଉପରକୁ ଗତ ଶୁକ୍ରବାର ରାତିରେ ଗୁଳି ମାଡ଼ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ବଲାଙ୍ଗିର ଗାନ୍ଧୀନଗରପଡ଼ାର ମୁନା ବାରିକ (୩୦), ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ସଂହାରପଡ଼ାର ଦୁର୍ବାସା ବେହେରା (୪୫), ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ଲୁଡକିବେଡ଼ାର ଲୋକନାଥ ନାୟକ (୨୩) ଏବଂ ସୁବର୍ଣ୍ଣପୁର ଜିଲ୍ଲା ଏସ୍ ରାମପୁର ଥାନା ଅଧୀନ ବ୍ରାହ୍ମଣୀପାଲିର ତନ୍ମୟ ବାଗ(୨୬)। ଏମାନଙ୍କଠାରୁ ୨ଟି ପିସ୍ତଲ, ୨୦ଟି ଗୁଳି, ୨ଟି ମୋବାଇଲ୍ ଫୋନ୍, ୨ଟି ଖଣ୍ଡା, ଗୋଟିଏ ଛୁରି ଜବତ ହୋଇଛି। ତଦନ୍ତ ସମୟରେ ପ୍ରଥମେ ତନ୍ମୟ ଏହି ଗୁଳିକାଣ୍ଡରେ ସାମିଲ ଥିବା ଜଣାପଡିଥିଲା। ତେଣୁ ପୁଲିସ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ଅଶୋକଙ୍କ ସହ ତା'ର ଶତ୍ରୁତା ଥିବା ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ଘଟଣା ଦିନ ସେ ଦୁର୍ବାସାର ପ୍ରାରୋଚନାରେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଅଶୋକଙ୍କୁ ଗିଳି କରି ହତ୍ୟା କରିବାକୁ ଯୋଜନା କରିଥିଲା। ସେଦିନ ରାତିରେ ସେମାନେ କାର୍‌ରେ ପହଞ୍ଚି ଅଶୋକଙ୍କୁ ଡାକିଥିଲେ। ଅଶୋକ ଘରୁ ବାହାରିବା ବେଳେ ସେମାନେ ତାଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ; ଅଶୋକ କିନ୍ତୁ ବର୍ତ୍ତି ଯାଇଥିଲେ। ତାଙ୍କ ଘରର ଏଣେତେଣେ ଗୁଳି ବାଜିଥିଲା। ଏହାପରେ ସେମାନେ ଫେରାର୍ ହୋଇଯାଇଥିଲେ।

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଅନୁଗୋଳ୨୪।୬(ସମିସ): ଜିଲ୍ଲାରେ ପୁଣି ଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ସକାଳେ ଅନୁଗୋଳ ସଦର ରେଞ୍ଜ ଶରଧାପୁର ଗାଁରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣରେ ଗୁଲ ସାହୁ (୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁଲ ସାହୁ ତାଙ୍କ ଭାଉଜ ହେଲେନ ସାହୁଙ୍କ ସହ ଗାଁ ନିକଟସ୍ଥ ଭାଲୁଖାଇ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଅଚାନକ ସେଠାରେ ଥିବା ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହେଲେନ କୌଶଳକ୍ରମେ ବର୍ତ୍ତି ଯାଇଥିବାବେଳେ ହାତୀଟି ଗୁଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗତ ସୋମବାର ଜଗନ୍ନାଥପୁରରେ ଜଣେ ହାତୀ ଜଗୁଆଳିଙ୍କ ମୃତ୍ୟୁର ଦୁଇ ଦିନ ପରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ବାରମ୍ବାର ହାତୀ ଆକ୍ରମଣ ଓ ବନବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଜେଲ୍ ଗଲେ କୋଟିପତି ନିର୍ବାହୀ ଯନ୍ତ୍ରୀ

# ଶ୍ରୀଲଙ୍କାରେ କରୁଥିଲେ ବେଟିଂ, ୧୧୯% ଆୟ ବହିର୍ଭୂତ ସମ୍ପତ୍ତି

ସମ୍ବଲପୁର, ୨୪।୬ (ସମିସ): ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସମ୍ବଲପୁର କମାଣ୍ଡ ଏରିଆ ଡେଭେଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକଙ୍କ ସମ୍ବଲପୁର ସମେତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ତଦନ୍ତ ଓ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିବାବେଳେ ତାଙ୍କ ପାଖରେ ଆୟଠାରୁ ୪ କୋଟି ୩୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଏହି ସମ୍ପତ୍ତି ସମ୍ପର୍କରେ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଆଜି ତାଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀର ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏହାସହ ତଦନ୍ତ ସମୟରେ ତାଙ୍କ ପାଖରୁ ଏକ ପାସ୍‌ପୋର୍ଟ ଜବତ ହୋଇଛି। ଏଥିରୁ ଇଂ. ନାୟକ ଏକାଧିକ ବିଦେଶ ଗସ୍ତ କରିଥିବା ଜଣାପଡ଼ିଛି ଏବଂ ସେ ବିଶେଷକରି ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ (ଜୁଆ) ଏବଂ ବେଟିଂରେ ଲିପ୍ତ ଥିଲେ। ଏଥିରେ ସେ କେତେ ଟଙ୍କା ନିବେଶ କରିଛନ୍ତି ଏବଂ ଅନ୍ୟ ତଥ୍ୟ ସକାଶେ ଖୋଳତାଡ଼ ଚାଲିଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି।

ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ସକାଳ ୭ଟାରୁ ସମ୍ବଲପୁରରେ ଭଡ଼ାଘର ଓ କାର୍ଯ୍ୟାଳୟ ସମେତ କଟକ, ବାଲେଶ୍ୱର ଓ ମାଲକାନଗିରିରେ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ଶେଷ ହେବାପରେ ବୁଧବାର ସମ୍ପତ୍ତିର ଆକଳନ କରାଯାଇ ୪ କୋଟି ୩୫ ଲକ୍ଷ ଟଙ୍କାର ଅଧିକ ସମ୍ପତ୍ତି ଥିବା ଜଣାପଡ଼ିଛି। ଏହା ତାଙ୍କ ବୈଧ ଆୟର ପ୍ରାୟ ୧୧୯ ପ୍ରତିଶତ ଅଧିକ। ନିର୍ବାହୀ ଯନ୍ତ୍ରୀ ଇଂ. ନାୟକଙ୍କ ନାମ ସହିତ ତାଙ୍କ ପତ୍ନୀ ଓ ସନ୍ତାନମାନଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି। ଯାହାକୁ ହିସାବ କଲେ ୫ କୋଟିରୁ ମଧ୍ୟ ଅଧିକ ହେବ। ବର୍ତ୍ତମାନ ସୁଦ୍ଧା ତାଙ୍କର ୧୮ ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି, ଯାହା ବାଲେଶ୍ୱର, ଯାଜପୁର ଜିଲାର କୋରେଇ ଥାନା ଅନ୍ତର୍ଗତ ରାସ୍ତା କଡ଼ରେ ଏବଂ କଟକର ବିଦ୍ୟାଧରପୁର ଭଳି ପ୍ରମୁଖ ସ୍ଥଳ ମାନଙ୍କରେ



### ୪ କୋଟି ୩୫ ଲକ୍ଷର ଆୟବହିର୍ଭୂତ ସମ୍ପତ୍ତି
### ୧୮ ଟି ପ୍ଲଟ, ୩ ମହଲା ଘର, ବହୁ ଯାନବାହନ
### ବିଦେଶ ଗସ୍ତ ଓ ଗ୍ୟାମ୍ବଲିଂକୁ ନେଇ ତଦନ୍ତ ଜାରି

ରହିଛି। ଏହାବ୍ୟତୀତ କଟକରେ ଏକ ୩ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା ରହିଛି ଯେଉଁଠାରେ ତାଙ୍କ ପରିବାର ରହୁଛନ୍ତି। ତାଙ୍କ ପୈତୃକ ଗ୍ରାମରେ ଏକ ୨ ମହଲା ଏବଂ ଏକ ୧ ମହଲା ବିଶିଷ୍ଟ ୨ଟି କୋଠା ରହିଛି। ଇନ୍‌ସୁରେନ୍ସ ପଲିସି, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାର ମାର୍କେଟରେ ହୋଇଥିବା ବିପୁଳ ନିବେଶର ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି, ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇପାରେ। କଟକ ବାସଭବନ ଯାଞ୍ଚବେଳେ ସେଠାରୁ ଆମେରିକୀୟ ଡଲାର, ନେପାଳୀ ମୁଦ୍ରା, ବାହାରିନ୍‌ର ଦିନାର ଏବଂ ଶ୍ରୀଲଙ୍କାର ମୁଦ୍ରା ଆଦି ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କ ପାଖରୁ ଜବତ ହୋଇଥିବା ପାସପୋର୍ଟରୁ ଏକାଧିକ ଥର ବିଦେଶ ଗସ୍ତ କରିଥିବା ଜଣାପଡ଼ିଥିବାବେଳେ ବହୁବାର ଶ୍ରୀଲଙ୍କା ଗସ୍ତ କରିଛନ୍ତି। ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ସେ ଶ୍ରୀଲଙ୍କାରେ ଗ୍ୟାମ୍ବଲିଂ ଏବଂ ବେଟିଂରେ ଲିପ୍ତ ଥିଲେ। ଏନେଇ ତଦନ୍ତ ଜାରି ରହିଛି। ସେ କେବେ କେବେ ବିଦେଶ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ପାସପୋର୍ଟ ଅଫିସ୍ ସହ ଯୋଗାଯୋଗ କରାଯାଇଥିବା ସେ କହିଛନ୍ତି। ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ୍ କରାଯାଇଛି। ତାଙ୍କର ସମସ୍ତ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ (ସିଜ୍) କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଭିଜିଲାନ୍ସ ବିଭାଗ ପକ୍ଷରୁ ଆରମ୍ଭ କରାଯିବ। ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନଙ୍କଠାରୁ ସେ ଏହି ସମସ୍ତ ଅର୍ଥ ଆଦାୟ କରୁଥିବା ସନ୍ଦେହ କରାଯାଉଛି। ଚଢ଼ଉ ସମୟରେ ୩ଟି ଚାରିଚକିଆ ଯାନ, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ୟାଙ୍କର, ଗୋଟିଏ ଟ୍ରାକ୍ଟର, ଗୋଟିଏ ଟ୍ରକ୍ ଏବଂ ୨ଟି ଦୁଇଚକିଆ ଯାନ ଠାବ କରାଯାଇଛି। ସୂଚନାଯୋଗ୍ୟ ଯେ, ଇଂ. ନାୟକ ୧୯୯୧ ଜୁଲାଇ ମାସରେ ନିଜର ଚାକିରୀକାଳ ସମ୍ବଲପୁରରୁ ହିଁ କନିଷ୍ଠ କୃଷି ଯନ୍ତ୍ରୀ ଭାବେ ମାତ୍ର ୨୬୦୦ ଟଙ୍କା ଦରମାରେ ଆରମ୍ଭ କରିଥିଲେ। ମଝିରେ ଥରେ ସହକାରୀ ଯନ୍ତ୍ରୀ (ଏଏଇ) ପାହ୍ୟାକୁ ପଦୋନ୍ନତି ପାଇ ସମ୍ବଲପୁରକୁ ବଦଳି ହୋଇ ଆସିଥିବାବେଳେ ସମ୍ପ୍ରତି ୧-୧୨-୨୦୨୩ରୁ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଆସନ୍ତା ୨୦୨୭ ମସିହା ଫେବୃଆରୀ ମାସରେ ତାଙ୍କର ଅବସରଗ୍ରହଣ କରିବାର ଥିଲା ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି।

## ରକ୍ତରଞ୍ଜିତ ରାମନଗର

# ବିଜେପି ବୁଥ୍ ସଭାପତିଙ୍କୁ ନିର୍ମମ ହତ୍ୟା

ମହାକାଳପଡ଼ା, ୨୪।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଜେପିର ୧୯୭ ନଂ ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ମୁ ମେରାଇନ ଥାନା ପୁଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ୍ ଚାଳକଙ୍କୁ ହଇରାଣ କରିବା ଓ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।



ଅଭିଯୁକ୍ତ ସଞ୍ଜୟ ମଣ୍ଡଳ ଗିରଫ

### ଆଇନଶୃଙ୍ଖଳା ବିଫଳତା ନେଇ ଉଠିଲା ପ୍ରଶ୍ନ

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଓ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥା କାଟାକାଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ମୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।

ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି। ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୁଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇ ନ ଥିଲା? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି। ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀଙ୍କ ମନରେ ପୁଲିସ ଭୟ ନ ଥିବାରୁ ଏଭଳି ଘଟଣା ବଢୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଜଣେ ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାକୁ ଆଣିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ପ୍ରଶାସନ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ■ ସାମ୍ବାଦିକଙ୍କୁ ପେନ୍‌ସନ୍ ମାମଲା

# ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪।୬(ସବ୍ୟୁ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ମାମଲାରେ ହାଇକୋର୍ଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତିନି ମାସ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ପ୍ରଶାସନିକ ପଦକ୍ଷେପ, ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଆଦି ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ତାହେଲେ ଆବେଦନକାରୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା ପକ୍ଷରୁ ଏହି ଅଦାଲତ ମାମଲା ରୁଜୁ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ନଥିବାରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ ସାମ୍ବାଦିକଙ୍କୁ ପେନ୍‌ସନ୍ ଦେବା ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଏଥିପାଇଁ ଅତିକମ୍‌ରେ ତିନିମାସ ସମୟ ଦିଆଯାଉ। ଏହି ଜବାବକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ସଂକ୍ରାନ୍ତରେ ତିନିମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ଲକ୍ଷ୍ୟ

# ଅନ୍ୟ ରୁଟ୍ ବସଙ୍କୁ ମିଳିବ ପୁରୀ ପାଇଁ ଅସ୍ଥାୟୀ ପରମିଟ୍

ଭୁବନେଶ୍ୱର,୨୪।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ।

- ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ
- ୪୫୦ଟି ଇ-ରିକ୍ସା ହେବ ନିୟୋଜିତ
- ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ? ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ। ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ।

# ବ୍ରହ୍ମପୁରରୁ ଆଇପିଏଲ ବୁକିକୁ ଉଠାଇ ନେଲା ପୁରୀ ପୁଲିସ

ବ୍ରହ୍ମପୁର/ପୁରୀ,୨୪।୬(ସମିସ): ବ୍ରହ୍ମପୁର ପୁଲିସ ଯେଉଁ ଆଇପିଏଲ ବୁକିକୁ ଧରିବାରେ ବିଫଳ ରହିଥିଲା ସେହି ବୁକିକୁ ପୁରୀ ସାଇବର ଥାନା ପୁଲିସ ଗତକାଲି ବ୍ରହ୍ମପୁରରୁ ଉଠାଇବାରେ ନେବାରେ ସଫଳ ହୋଇଛି। ବୁକି ଜଣକ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗରର କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ। ଶୀତୁ ବ୍ରହ୍ମପୁରରେ ରହି ପୁରୀରେ ଚଳାଇଥିଲେ ଆଇପିଏଲ୍ ବେଟିଂର ବଡ଼ ସିଣ୍ଡିକେଟ୍। ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କେଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା । ଗିରଫ ବେଳେ ପୁଲିସ ଅଭିଯୁକ୍ତ ଶୀତୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ପୁଲିସ ଅଧିକ ଖୋଳତାଡ଼ କରିବା ପରେ ବ୍ରହ୍ମପୁରରୁ ନମସ୍ତେ ଗ୍ରୁପ୍‌ର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ ଉଠାଇବା ପାଇଁ ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। ନିକଟରେ ଶୀତୁ ବାହାରକୁ ଚାଲିଯାଇଥିବା ବେଳେ ଏବେ କିଛିଦିନ ହେବ ବ୍ରହ୍ମପୁର ଆସିଥିବା ଖବର ପୁରୀ ପୁଲିସ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଶୀତୁଙ୍କ ଠାରୁ ନଗଦ ୧୦ଲକ୍ଷ ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିବା ଜଣାପଡ଼ିଛି । ସେହି ଆକାଉଣ୍ଟରେ ପ୍ରାୟ ୯ ଲକ୍ଷ ଥିବା ଜଣାପଡ଼ିଛି। ପୁରୀ ସାଇବର ଥାନା ଆଇଆଇସି ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ବ୍ରହ୍ମପୁରରେ ପହଞ୍ଚି ରାତି ୧୦ଟା ବେଳେ ଲାଞ୍ଜିପଲ୍ଲୀ ରାମନଗରରେ ରହୁଥିବା ବୁକି ଶୀତୁଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ଶୀତୁ ଓ ଜଣେ ସହଯୋଗୀଙ୍କୁ ଉଠାଇ ନେଇ ବୈଦ୍ୟନାଥପୁର ଥାନାରେ ପହଞ୍ଚିଥିଲା। ଅଭିଯୁକ୍ତ ଶୀତୁଙ୍କ ଠାରୁ କିଛି ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିଲା । ରାତି ୨ଟାରେ ଅଭିଯୁକ୍ତ ଶୀତୁକୁ ସାଙ୍ଗରେ ନେଇ ପୁରୀ ଫେରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୨୮ ତାରିଖ ରାତିରେ ପୁରୀରେ ଧରାପଡିଥିଲା ଆଇପିଏଲ୍ ବେଟିଂ ଏକ ବଡ଼ ରାକେଟ। ବାସେଳି ସାହି ଥାନା ମଶାଣି ଚଣ୍ଡି ଛକରେ ଏକ ଘରେ ବେଟିଂ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ବେଟିଂ ବୁକି ପ୍ରସନ୍ନ ପୃଷ୍ଟି ସହ କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁ ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ପୁଲିସ ସେମାନଙ୍କ ଠାରୁ ଜବତ ୨୫ଲକ୍ଷ ୩୫ ହଜାର ଟଙ୍କା ଜବତ କରିଥିଲା। ସ୍କାଏଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ ଗ୍ୟାକେଟ୍ ଚାଲିଥିବା ଜଣାପଡିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତ ଶୀତୁର ଲିଙ୍କ୍ ଥିବା ଜାଣିବାକୁ ପାଇଥୁଲା ପୁଲିସ। ସିତୁର ବ୍ୟାଙ୍କ୍ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥିବା ପୁଲିସ ଅନୁସନ୍ଧାନରେ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ସିତୁ ବ୍ରହ୍ମପୁରରୁ ପୁରୀ ପର୍ଯ୍ୟନ୍ତ ଆଇପିଏଲ୍ ଗ୍ୟାକେଟ୍ ବେଟିଂ ଜାଲ ବିଛାଇଛି। ସେ ଅନେକ ସମୟରେ ବ୍ରହ୍ମପୁରରେ ମଧ ରହୁ ନଥିଲା। ବାହାର ରାଜ୍ୟରେ ସେ ଆତ୍ମଗୋପନ କରି ରହୁଥିବାବେଳେ ପୁଲିସ ତାକୁ ଟ୍ରାକିଂ କରି ଅପେକ୍ଷା କରିଥୁଲା ଓ ବ୍ରହ୍ମପୁରରୁ ଶୀତୁଙ୍କୁ ପୁଲିସ ଉଠାଇ ନେବା ପରେ ବ୍ରହ୍ମପୁରର ବୁକି ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହାସହ କିଛି ବୁକି ସହର ଛାଡ଼ି ବାହାରକୁ ପଳେଇଯାଇଥିବା ଚା ଖଟିରେ ଚର୍ଚ୍ଚା ଜୋର ଧରି। ପୁଲିସ ବର୍ତ୍ତମାନ ଶୀତୁ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।



### ନମସ୍ତେ ଗ୍ରୁପର ମୁଖ୍ୟ ଥିଲା ଶୀତୁ

## ନ୍ୟାୟ ଦାବିରେ ଏସ୍‌ପି ଅଫିସ ଆଗରେ ଚାମେଲୀଙ୍କ ଧାରଣା

# ୭୨ ଘଣ୍ଟାର ମହଲତ, ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା,୨୪।୬(ସମିସ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ଆଗରେ ଗୁରୁବାର ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାମେଲି ଓଝା ନିଜ ସମର୍ଥକ, ବିଭିନ୍ନ ଜିଲ୍ଲାର ସରପଞ୍ଚ ସଂଘ ପ୍ରତିନିଧି ଓ ମହିଳା ସଂଗଠନ ସଦସ୍ୟଙ୍କ ସହ ଏହି ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଚାମେଲୀ ୭୨ ଘଣ୍ଟାର ସମୟ ଦେଇଥିବାବେଳେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ପୂର୍ବରୁ ଗରାପୁର ଡାକବଙ୍ଗଳା ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଚାମେଲୀ ଓଝା ଖାଲି ପାଦରେ ପ୍ରାୟ ଦୁଇ କିଲୋମିଟର ପଦଯାତ୍ରା କରି ନିଜ ସମର୍ଥକଙ୍କ ସହ ଏସପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ତିନି ଘଣ୍ଟା ଧରି ଧାରଣା ଚାଲିଥିଲା। ଧାରଣାରେ ଚାମେଲୀ ଓଝା ଦାବି କରିଥିଲେ ଯେ, ତାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମହାକାଳପଡ଼ା ବିଡିଓ ଓ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ଦାବି ଉଠାଇଥିଲେ। ପୁଲିସକୁ ଏ ନେଇ ୭୨ ଘଣ୍ଟାର ସମୟ ଦିଆଯାଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତିଖିରୀରୁ ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଚେତାବନୀ ଦେଇଥିଲେ।



ଘଟଣାରେ ଏ ପର୍ଯ୍ୟନ୍ତ ପୁଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ଚାମେଲୀଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଧାରଣାକୁ ସମର୍ଥନ ଜଣାଇବା ପାଇଁ କଟକ ଜିଲ୍ଲା ସରପଞ୍ଚ ସଂଘର ପ୍ରତିନିଧି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଅଧିକାରକୁ ବ୍ଲକ ପ୍ରଶାସନ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସରପଞ୍ଚ ସଂଘ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ମହିଳା ସଂଗଠନ ମଧ୍ୟ ଚାମେଲୀଙ୍କ ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବିକୁ ଆହୁରି ଜୋରଦାର କରିଥିଲେ। ଧାରଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଓ ଏସଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ଘଟଣାର ତଦନ୍ତ ନିରପେକ୍ଷ ଭାବେ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହାପରେ ଚାମେଲୀ ଓଝା ଓ ତାଙ୍କ ସମର୍ଥକ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଚାମେଲୀ ଓଝାଙ୍କ ୭୨ ଘଣ୍ଟାର ସମୟ ଏବେ ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ହେଉଛି କି ନାହିଁ ଓ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହାର

କଟକ,୨୪।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଓ ବେଆଇନ ଗିରଫଦାରୀ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ଆଜି ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିବା ବେଳେ ଉକ୍ତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ ସହିତ ଘଟଣା ଦିନର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

# କୋଠଭୂଇଁ ଅଞ୍ଚଳରେ ହାତୀ ଉପଦ୍ରବ; ଲୋକେ ଆତଙ୍କିତ

ଅନୁଗୋଳ,୨୪।୬(ସମିସ)

ସାତକୋଶିଆ ଅଭୟାରଣ୍ୟର କୋଠଭୂଇଁ ଅଞ୍ଚଳରେ ଦଳ ଦଳ ହାତୀ ବ୍ୟାପକ ଧନ ସମ୍ପତ୍ତି ନଷ୍ଟ କରୁଥିବାବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଦଳରେ ପ୍ରାୟ ୫୫ରୁ ଅଧିକ ହାତୀ ଥିବାର ଜଣାପଡ଼ିଛି। କୋଠଭୂଇଁ ଆଖପାଖ ଗାଁ ତେନ୍ତୁଳିପଥର, ଲଇମୁଣ୍ଡା, ଓଲାବେରୀ, ସଂକ୍ରିଡ଼ା, କମୁରୀ, ଲୋକାସିଂହା ଗ୍ରାମ ଆଖପାଖ ଜଙ୍ଗଲରେ ହାତୀଦଳ ରହି ଆମ୍ବ, ପଣସ ଓ ପନିପରିବା ଫସଲ ନଷ୍ଟ କରିଛନ୍ତି। ହାତୀଦଳକୁ ଦେଖି ଗାଁ ଗାଁରେ ତାଟି କବାଟ ପଡ଼ିବା ସହିତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ସ୍କୁଲ ଖୋଲିବା ପରେ ଛାତ୍ରଛାତ୍ରୀ ସ୍କୁଲକୁ ଯିବା ସମ୍ଭବ ହେଉନାହିଁ। ଶହ ଶହ ସଂଖ୍ୟାରେ ଆମ୍ବ ପଣସ ଗଛ ହାତୀଦଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବା ଏବଂ ବ୍ୟାପକ ପରିମାଣର ପନିପରିବା ଫସଲ ନଷ୍ଟ କରିଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସାତକୋଶିଆ ଅଭୟାରଣ୍ୟରେ ହାତୀମାନଙ୍କର ଖାଦ୍ୟ ଶାଳୀୟ ବାଉଁଶ





ଓ ଅନ୍ୟାନ୍ୟ ତାଳପତ୍ର, ଫଳମୂଳ ଆଦୌ ନଥିବାରୁ ହାତୀଦଳ ଗାଁ ପାଖ ଆମ୍ବ ପଣସ ତୋଟା ଏବଂ ପନିପରିବା ଫସଲ କ୍ଷେତରେ ଆଡ୍ଡା ଜମାଇଛନ୍ତି। ଆମ୍ବ ପଣସ ଓ ପନିପରିବା ନଷ୍ଟ କରିବା ସହିତ ଗଛ ସବୁ ଉପାଡ଼ି ଦେଉଥିବା ଘଟଣାରେ ଚାଷୀକୂଳର ସର୍ବନାଶ ହେଉଥିବା ନେଇ କ୍ଷୋଭ ପ୍ରକାଶ ପାଉଛି। ଅନ୍ୟ ପକ୍ଷରେ ବିଭିନ୍ନ ସମୟରେ ଚାଷୀ କ୍ଷତିପୂରଣ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ ସୁଦ୍ଧା ଉପଯୁକ୍ତ କ୍ଷତିପୂରଣ ମିଳୁ ନଥିବାରୁ ଅସନ୍ତୋଷ ବଢ଼ୁଛି। ଗାଁ ଗାଁରେ ସରକାରଙ୍କ ପକ୍ଷରୁ ଗଜ ସାଥୀ, ସ୍କ୍ୱାଡ୍, ଗଜବନ୍ଧୁ ନିୟୋଜନ କାଗଜପତ୍ରରେ ଚାଲିଛି। ଏ ସବୁ ଅସ୍ଥାୟୀ ନିଯୁକ୍ତି ଓ ନିୟୋଜନରେ ବ୍ୟାପକ ଜାଲିଆତି, ପ୍ରିୟାପ୍ରୀତି ଓ ବାଟମାରଣା ହେଉଛି। ସାତକୋଶିଆ ଅଭୟାରଣ୍ୟରେ ବାଘଙ୍କ ଖାଦ୍ୟ ପାଇଁ ଚାରଣଭୂମି ଓ ଘାସ ଚାଷ ନେଇ ପ୍ରାକୃତିକ ଜଙ୍ଗଲ ନଷ୍ଟ କରାଯାଇଥିବାରୁ ହାତୀ ଅଭୟାରଣ୍ୟରେ ରହୁ ନଥିବା ଜଣାପଡ଼ିଛି। ଏପରିକି ଶହ ଶହ କିଲୋମିଟର ଟ୍ରେଞ୍ଚ ଖୋଳା, ସୋଲାର ତାରବାଡ଼ ଯୋଗୁଁ ହାତୀ ସାତକୋଶିଆରେ ରହୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରଙ୍କ କାର୍ଯ୍ୟଧାରାରେ ଗ୍ରାମବାସୀ ଅତିଷ୍ଠ ଥିବାବେଳେ ରାତ୍ରିରେ ବିଦ୍ୟୁତ୍ କାଟ୍ ଘଟଣା ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି। ଅଧିକାଂଶ ରାତ୍ରିରେ ବିଦ୍ୟୁତ୍ କାଟ ଯୋଗୁଁ ଚାଷୀଙ୍କର ଚାଷ ବାସ ଓ ପିଲାମାନଙ୍କ ପାଠପଢ଼ା ବ୍ୟାଘାତ ସୃଷ୍ଟି ହୋଇଅଛି। ହାତୀମାନଙ୍କର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ସରକାର ବିଫଳ ହୋଇଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳବାସୀଙ୍କର ଏକମାତ୍ର ଜୀବନଜୀବିକାର ଉତ୍ସ ହେଉଛି ଧାନଚାଷ ଏବଂ କନ୍ଦମୂଳ ଓ ଅନ୍ୟାନ୍ୟ ପନିପରିବା ସହିତ ଫଳବଗିଚା। ହାତୀ ଏବଂ ବନ୍ୟଜନ୍ତୁଙ୍କ ଦାଉରୁ ଚାଷୀଙ୍କର ଫସଲ ସୁରକ୍ଷା ଏକାନ୍ତ ଜରୁରୀ ଥିବା ବେଳେ ସରକାରଙ୍କ କୌଣସି ଠୋସ ପଦକ୍ଷେପ ନଥିବା ନେଇ ଚାଷୀ ଆତଙ୍କିତ। ଅନ୍ୟ ପକ୍ଷରେ କୋଠଭୂଇଁ ନିକଟତମ ପଞ୍ଚାୟତ ଟାଇଁସି ଓ ଅନ୍ତୁଳିଆରେ ମଧ୍ୟ ହାତୀ ଉପଦ୍ରବ ନେଇ ଚାଷୀଙ୍କର ମେଳି ହେଉଛି। ଆଗାମୀ ଦିନରେ ହାତୀ ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଜୀବନ ହାନୀ ଓ ଧନ ସମ୍ପତ୍ତି କ୍ଷୟକ୍ଷତିର ପ୍ରତିକାର ନେଇ ଗଣ ଆନ୍ଦୋଳନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଜାତୀୟ ରାଜପଥରେ ଜଳିଗଲା ଟ୍ରକ୍



ଛେଣ୍ଡିପଦା,୨୪।୬(ସମିସ): ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡ଼ା ଥାନା କତଡ଼ା ଗ୍ରାମ ନିକଟରେ ବୁଧବାର ସକାଳ ପ୍ରାୟ ନଅଟା ବେଳେ ଏକ କଏଲା ଲୋଡ଼୍ ଚଳନ୍ତା ଟ୍ରକ୍ ଆକସ୍ମିକ ଭାବେ ନିଆଁ ଲାଗି ଜଳି ଯାଇଥିବା ଜଣାପଡ଼ିଛି। ଖବର ପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଯୋଗ୍ୟ ଯେ, ଟ୍ରକ୍ ନମ୍ବର ସିଜି ୦୪ ଏମ୍‌ଜେଡ୍-୯୮୧୭ ତାରବୋଝେଇ ଟ୍ରକ୍‌ଟି ଅନୁଗୋଳ ଜିନ୍ଦଲ କମ୍ପାନୀରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ବେଳେ ପଛ ଚକା ଟାୟାର ଫାଟିଯିବା ଯୋଗୁଁ ଜଳିଯାଇଥିବା ଅନୁମାନ କରାଯାଉଛି। ଅପରପକ୍ଷରେ ଖବର ପାଇ ଜରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିବା ସହ ଅଗ୍ନିକାଣ୍ଡ ଘଟିବା କାରଣ ସମ୍ପର୍କରେ ସବିଶେଷ ଭାବେ ତଦନ୍ତ ଜାରି ରଖିଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସେହିପରି ଏହି ଅଘଟଣ ଯୋଗୁଁ ଗାଡ଼ି ଚାଳକ ଏବଂ ଖଲାସୀ କେହି ମୃତାହତ ହୋଇନଥିବା ଜଣାଯାଇଛି।

## ଘର ଭିତରୁ ନାଗ ସାପ ଉଦ୍ଧାର



ବଇଣ୍ଡା,୨୪।୬(ସମିସ): କିଶୋରନଗର ବ୍ଲକ୍ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ଉମେଶ କୁମାର ପ୍ରଧାନଙ୍କ ଘରୁ ମଙ୍ଗଳବାର ଏକ ନାଗ ସାପକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ବାହାର ଅଞ୍ଚଳରୁ ଏକ ନାଗ ସାପ ଉମେଶଙ୍କ ଘର ଭିତରକୁ ପଳାଇ ଯାଇଥିଲା। ଏହା ତାଙ୍କ ପରିବାର ଲୋକ ଦେଖି ବାହାରକୁ ଭୟରେ ପଳାଇ ଆସିଥିଲେ। ପରେ ସାପକୁ ଉଦ୍ଧାର କରିବା ପାଇଁ ମାଧପୁର ଅଞ୍ଚଳର ସାପ ଉଦ୍ଧାର କାରି ସିଦ୍ଧେଶ୍ୱର ରାଉଳଙ୍କୁ ସୂଚନା ଦେଇଥିଲେ। ଖବର ପାଇ ସିଦ୍ଧେଶ୍ୱର ଉମେଶଙ୍କ ଘରେ ପହଞ୍ଚି ଘର ଭିତରୁ ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ନିକଟସ୍ଥ ଜଙ୍ଗଲରେ ଛଡ଼ାଯାଇଥିଲା।

## ବଇଣ୍ଡାରେ ୪ ଶିଶୁ ଶ୍ରମିକ ଉଦ୍ଧାର

ବଇଣ୍ଡା,୨୪।୬(ସମିସ): ଅନୁଗୋଳ ଜିଲ୍ଲା ଶ୍ରମ ବିଭାଗ ଓ ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ ମିଳିତ ଭାବରେ ବଇଣ୍ଡା ଅଞ୍ଚଳରେ ବୁଧବାର ଚଢ଼ଉ କରାଯାଇଛି। ବିଶେଷ କରି ବଇଣ୍ଡା ଅଞ୍ଚଳରେ ୧୮ ବର୍ଷରୁ କମ୍ ନାବାଳକଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଇଥିବା ଖବର ପାଇ ଅନୁଗୋଳ ଶ୍ରମ ବିଭାଗ ଅଧିକାରୀ ଅର୍ପିତା ମୁଦୁଲି ଓ ଫାଣ୍ଡି ପୁଲିସ ଚଢ଼ଉ କରି ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନେ ବିଭିନ୍ନ ଦୋକାନରେ କାମ କରୁଥିବା ବେଳେ ପାଠ ପଢ଼ା ବନ୍ଦ କରି କିଛି ଅର୍ଥ ଲୋଭରେ କାମ କରୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି। ପରେ ସେମାନଙ୍କୁ ଅନୁଗୋଳ ଶ୍ରମ ବିଭାଗ କାର୍ଯ୍ୟାଳୟକୁ ନିଆଯିବା ସହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବ୍ୟବସାୟୀଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଆଗକୁ ମଧ୍ୟ ଜୋରଦାର ଚଢ଼ଉ କରାଯିବ ବୋଲି ଶ୍ରମ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ



କିଶୋରନଗର,୨୪।୬(ସମିସ): ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା, ଓଡ଼ିଶା ପ୍ରଦେଶ ଅନୁଗୁଳରେ ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ ଅମ୍ବପରଶୁଆ ଗ୍ରାମର ଜଂଗା ବଡ଼ଦେବ କଳା ମଣ୍ଡପଠାରେ ବୀରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ୪୬୩ ତମ ବଳିଦାନ ଦିବସ ବୁଧବାର ପାଳିତ ହୋଇଯାଇଛି। ଗୌଣ୍ଡ ମହାସଭାର ଜିଲ୍ଲା ସଭାନେତ୍ରୀ ଶୋଭାଗିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଆଠମଲ୍ଲିକ ଉପଖଣ୍ଡର ୧୬ଟି ପଞ୍ଚାୟତ କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୪୦୦ରୁ ଅଧିକ ମହିଳା ଯୋଗ ଦେଇଥିଲେ। ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ବିଭାଗର ସାଧାରଣ ସଚିବ ପଦ୍ମିନୀ ପାତ୍ର ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ରାଜ୍ୟ ସମିତିର ସଭାନେତ୍ରୀ ସୁକାନ୍ତିବାଳା ନାୟକ, ଉପାଧ୍ୟକ୍ଷା ଦମୟନ୍ତୀ ମହାପାତ୍ର ଏବଂ ମହାସଚିବ ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ରାଣୀ ଦୁର୍ଗାବତୀଙ୍କ ଅଦମ୍ୟ ସାହସ, ଜୀବନର ସଂଘର୍ଷ ଓ ବଳିଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ ଥିବା ଗୌଣ୍ଡ ସମାଜର ବୀର ଶହୀଦମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜ୍ୟ ସଂଗଠନ ମହାସଚିବ ପ୍ୟାରୀମୋହନ ନାୟକ, ଉପଦେଷ୍ଟା ଭବାନୀ ଶଙ୍କର କାଲୋ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଜିଲ୍ଲା ସଭାପତି ସଦାଶିବ ନାୟକ, ପୂର୍ବତନ ଜିଲ୍ଲା ସଭାପତି ବିରଞ୍ଚି ନାୟକ, ପରିଷଦ ସଭାପତି ପ୍ରସନ୍ନ କୁମାର ନାୟକ ଏବଂ ସୁରେଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ସଂପ୍ରତି ସମାଜରେ ମହିଳା ସଶକ୍ତିକରଣ ବିଭିନ୍ନ ଦିଗ ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ମହିଳାମାନଙ୍କୁ ଅଂଶୀଦାର କରି ସ୍ୱାବଲମ୍ବୀ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ।

## ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ

ଅନୁଗୋଳ,୨୪।୬(ସମିସ): ବାଜି ରାଉତ୍ ଛାତ୍ରାବାସ, ଅନୁଗୋଳ ପରିସରରେ ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୪୨ ତମ ଶ୍ରାଦ୍ଧବାର୍ଷିକୀ ଆୟୋଜିତ ହୋଇଯାଇଛି। ଏ ଅବସରରେ ସକାଳବେଳା ପ୍ରାର୍ଥନା, ସାମୂହିକ ସଫେଇ ପରେ ନବମାଳତି ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସକାଳ ୧୦ ଘଟିକା ସମୟରେ ଏକ ଗୋଷ୍ଠୀଗତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗଣତନ୍ତ୍ରରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ଭୂମିକା ଉପରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ବିଶିଷ୍ଟ ସାମ୍ବାଦିକ ଡା. ସତ୍ୟରାୟ ଉଦ୍‌ଘାଟନ କରିଥିଲେ। ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଗଣମାଧ୍ୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକ ମାନେ ସ୍ୱଚ୍ଛତା ଓ ନିରପେକ୍ଷତା ର ସହ ଏହି ଦାୟିତ୍ୱ ତୁଲାଇ ପାରିଲେ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ବୋଲି ଶ୍ରୀ ରାୟ କହିଥିଲେ। ସମାରୋହରେ ମୁଖ୍ୟବକ୍ତା ରୂପେଆଇ ଆଇଏମ୍‌ସିର ପ୍ରାକ୍ତନ ମୁଖ୍ୟ ଡା. ମୃଣାଳ ଚାଟାର୍ଜୀ ଯୋଗଦେଇ ସମ୍ପ୍ରତି ସାମାଜିକ ଗଣମାଧ୍ୟମ ମୁଖ୍ୟ ସ୍ରୋତ ଗଣମାଧ୍ୟମକୁ ଏଭଳି ପ୍ରଭାବିତ କରୁଛି ଯାହା ଫଳରେ ଲୋକେ ହଠାତ୍ କୌଣସି ଖବରକୁ ବିଶ୍ୱାସକୁ ନେଉ ନାହାନ୍ତି ବୋଲି କହିଥିଲେ। କିଛି ଦାୟିତ୍ୱହୀନ ସାମାଜିକ ଗଣମାଧ୍ୟମ ଏବଂ ସେମାନଙ୍କ ଧ୍ରୁବୀକରଣ ଆଜି ମଣିଷ ସମାଜ ପାଇଁ ବିପଦ ସୃଷ୍ଟି କରିଛି। ସେହିଭଳି ଏ ଆଇ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ରୂପେ ଗଣମାଧ୍ୟମକୁ ପ୍ରଭାବିତ କରିବାର ସମୟ ଆସିଛି। ଗଣମାଧ୍ୟମକୁ ସମାଜର ଜାଗ୍ରତ ପ୍ରହରୀ ହେବାକୁ ହେଲେ ଏହାକୁ ଅଧିକ ଦାୟିତ୍ୱବାନ ଏବଂ ସ୍ୱଚ୍ଛ ହେବାକୁ ପଡ଼ିବ ବୋଲି ଡା. ଚାଟାର୍ଜୀ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ



ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅନିଲ ପ୍ରଧାନ, ଅଜିତ କୁମାର ଧର, ବିଶ୍ୱରଂଜନ ପଟ୍ଟନାୟକ ଏବଂ ପର୍ଶୁରାମ ଦାଶ ଯୋଗଦେଇ ପୁଞ୍ଜିପତି ଏବଂ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଖବର କାଗଜ ଏବଂ ଇଲେକ୍ଟ୍ରୋନିକ ମିଡିଆ ତା'ର ନିରପେକ୍ଷତା ହରାଉଥିବାରୁ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କହିଥିଲେ। ତେଣୁ ସାମ୍ବାଦିକମାନେ ଖବର ପରିବେଷଣ ବେଳେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବାକୁ ସମୟ ଆସିଛି ବୋଲି ମତ ପ୍ରକାଶ ପାଇଥିଲା। ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସର୍ବୋଦୟ ରେଡିଓ ମୁଖ୍ୟ ଡା. ବିଶ୍ୱଜିତ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଁ ଧନେଶ୍ୱର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁରଲୀଧର ମୂଳିଆ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ଡା. ଇନ୍ଦିରା ଦାଶ, ଡ଼ା ରମା ଗଡ଼ନାୟକ, ବ୍ରହ୍ମଜ୍ୟୋତି ମିଶ୍ର ଏବଂ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଆଦ୍ୟଶ୍ଳୋକ ମିଶ୍ର ସଭା ପରିଚାଳନାରେ ସହାୟତା କରିଥିଲେ।

## ଅବ୍ୟବସ୍ଥା ମଧ୍ୟରେ ସିଡିପିଓ କାର୍ଯ୍ୟାଳୟ

ତାଳଚେର,୨୪।୬(ସମିସ): ଶିଳ୍ପନଗରୀ ତାଳଚେର ଭଳି ଏକ ସହର ମଧ୍ୟରେ ହାଟତୋଟା ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପଛ ପାଖର୍ରେ ରହିଥିବା ସିଡିପିଓ କାର୍ଯ୍ୟାଳୟଟି ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟକୁ ଦୈନନ୍ଦିନ ଦୂରଦୂରାନ୍ତରୁ ଅଙ୍ଗନବାଡ଼ି କର୍ମୀ ସହିତ ସୁଭଦ୍ରା ଯୋଜନା ପାଇଁ ବିଭିନ୍ନ ପଞ୍ଚାୟତ ଓ ମ୍ୟୁନିସିପାଲିଟିରୁ ମାଆମାନେ ଆସିଥାନ୍ତି। ମାତ୍ର ପରିତାପର ବିଷୟ ଉକ୍ତ କାର୍ଯ୍ୟାଳୟରେ ମାଆମାନଙ୍କ ବସିବା ପାଇଁ ଆବଶକୀୟ ଚୌକି ନଥିବାରୁ ମାଆମାନେ ବାଧହୋଇ ଗରମରେ ବାରଣ୍ଡାରେ ବସୁଥିବା ଦେଖିବାକୁ ମିଳିଛି। ତାଳଚେର ଏକ ଉତ୍ତପ୍ତ ସହର ହୋଇଥିବାବେଳେ ପାଣି ଟୋପେ ପିଇବା ପାଇଁ କାର୍ଯ୍ୟାଳୟ ପରିସର ମଧ୍ୟରେ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶତାଧିକ ମାଆ, ମାଉସୀ। ଏପରିକି, କୋଠରି ଗୁଡ଼ିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରବ୍ୟବସ୍ଥା ନଥିବାରୁ କାର୍ଯ୍ୟାଳୟର ଅଧିକାରୀମାନେ ହଇରାଣ ହେବାସହ ବିଭିନ୍ନ କାର୍ଯ୍ୟରେ ଆସୁଥିବା ମାଆ, ମାଉସୀମାନେ ହଇରାଣ



ହେଉଥିବା ଅଭିଯୋଗ ହେଉଛି। ସେହିଭଳି କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ କର୍ମଚାରୀ ନଥିବାରୁ କୌଣସି କାର୍ଯ୍ୟ ସଠିକ ଭାବେ ହେଉନାହିଁ। ତାଳଚେର ବ୍ଲକ୍ ଓ ମ୍ୟୁନିସିପାଲିଟିରେ ୨୩୭ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ୯ଟି ସେକ୍ଟରରେ ୯ଜଣ ସୁପରଭାଇଜର୍ ପରିବର୍ତ୍ତେ ବର୍ତ୍ତମାନ ୫ ଜଣ ରହିଛନ୍ତି। ୩ଜଣ କ୍ଲର୍କ ଆବଶ୍ୟକ ଥିବା ବେଳେ ମାତ୍ର ଜଣେରେ କାର୍ଯ୍ୟାଳୟ କିପରି ଚାଲିବ ବୋଲି ତାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ସେହିଭଳି ସିଡିପିଓ କାର୍ଯ୍ୟାଳୟକୁ ଯିବାକୁ କୌଣସିଠାରେ ନାମଫଳକ ନଥିବାରୁ ମାଆ, ମାଉସୀମାନେ ହଇରାଣ ହରକତ ହେଉଛନ୍ତି। ତେଣୁ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## କିଡ୍‌ନୀ ରୋଗାକ୍ରାନ୍ତ ଧ୍ରୁବଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



କିଶୋରନଗର,୨୪।୬(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ପଞ୍ଚାୟତ ଅଲେଖପୁର ଗାଁର ଧ୍ରୁବ ଚରଣ ପ୍ରଧାନ। ସେ କିଡ୍‌ନୀ ରୋଗରେ ଦୁଇବର୍ଷ ହେବ ଆକ୍ରାନ୍ତ। ସେ ଏବେ ଡାଇଲିସିସି କରୁଛନ୍ତି ଏବଂ ଦୁଇ ବର୍ଷ ହେବ ବାର୍ଦ୍ଧକ୍ୟ ଭତ୍ତା ଆବେଦନ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭତ୍ତା ମିଳି ନାହିଁ। ସରକାର ଏତେ ଯୋଜନା କରୁଛନ୍ତି କିନ୍ତୁ ପ୍ରକୃତ ହିତାଧିକାରୀ ପାଇ ପାରୁନାହାନ୍ତି। ସେ ଏବେ ବହୁତ କଷ୍ଟରେ ଦିନ କାଟୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

## ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ

କାମାକ୍ଷାନଗର,୨୪।୬(ସମିସ): କାମାକ୍ଷାନଗରରେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛନ୍ତି କବିରାଜ ଜେନା। ସେ ଆଜି କାମାକ୍ଷାନଗରସ୍ଥିତ କାର୍ଯ୍ୟାଳୟରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବାପରେ କାମାକ୍ଷାନଗର ବ୍ଲକ୍ ନୂତନ ପେନସନଭୁକ୍ତ ଶିକ୍ଷକ ସଙ୍ଘ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଘର ସଭାପତି ବିଷ୍ଣୁପ୍ରସାଦ ଦାଶ ଓ ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ପ୍ରତିନିଧି ଦଳରେ ସଙ୍ଘର ଉପଦେଷ୍ଟା ଯୁଧିଷ୍ଠିର ବିଶ୍ୱାଳ,



ସଦସ୍ୟ ତରୁଣ କୁମାର ବେହେରା, ପ୍ରବୀର ମହାନ୍ତି, କେସନଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ବରୁ ଆଠଗଡ଼ରେ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିବାବେଳେ କାମାକ୍ଷାନଗର ଗୋଷ୍ଠୀ ଶିକ୍ଷାଧିକାରୀ ଥିବା ସରୋଜ କୁମାର ସାହୁଙ୍କ ଗଞ୍ଜାମକୁ ବଦଳି ହୋଇଛି।

## କିଶୋରନଗରରେ ସ୍ୱାବଲମ୍ବୀ ଯୁବ ସମାବେଶ

କିଶୋରନଗର,୨୪।୬(ସମିସ): କିଶୋରନଗର ବ୍ଲକ ପରିସରରେ ଗତ ମଙ୍ଗଳବାର ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଡିଆଇସି ଅନୁଗୋଳ ଜିଲ୍ଲାର ଅଧିକାରିଣୀ ଯଶୋବନ୍ତୀ କିଷାନ, ବ୍ଲକ୍ ସହକାରୀ ଶିଳ୍ପ ଅଧିକାରୀ ଯଶୋବନ୍ତ ଦାସ, ଯୋଗଦେଇ ଯୁବ ପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ସହ ରୋଜଗାରକ୍ଷମ କରିବା, ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ



ପରିଣତ କରିବାକୁ ହେଲେ ପ୍ରଥମେ ଯୁବ ପିଢ଼ିଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସ୍ୱାବଲମ୍ବୀ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ଯୁବକ ଯୁବତୀ ମାନେ ସ୍ୱୟଂ ସହାୟକ ହେବା ପାଇଁ ବିଭିନ୍ନ ସରକାରୀ ଯୋଜନା ନିଜର ରୋଜଗାର ଓ ବ୍ୟବସାୟିକ ସୁଯୋଗ ଉପରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିପିଡିଓ ସୁରେଶ ଚନ୍ଦ୍ର ସାହୁ। ଏହି ଅବସରରେ ଯୁବ ଉଦ୍ୟୋଗୀ ଶେଷଦେବ ଲୁହାଙ୍କ ସମେତ ସରକାରୀ ଋଣନେଇ ସ୍ୱାବଲମ୍ବୀ ହୋଇ ଆତ୍ମନିର୍ଭରଶୀଳ ହୋଇଥିବା ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଯୁବକ ଯୁବତୀ ଓ ମହିଳା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## କଣିହାଁ ପିଏମଶ୍ରୀ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ବନ୍ଦ ଘଟଣା

# ବ୍ଲକ୍ ଅଧ୍ୟକ୍ଷଙ୍କ ପରିଦର୍ଶନ; ଉଚ୍ଚସ୍ତରୀୟ ତଦନ୍ତ ଦାବି

କଣିହାଁ,୨୪।୬ (ସମିସ)

ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହଠାତ୍ ବନ୍ଦ ହେବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ମଙ୍ଗଳବାର କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦାଶରଥି ଜେନା ଓ ପୂର୍ବତନ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ବିଦ୍ୟାଳୟ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସେମାନେ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଦେହୁରୀ ଓ ଅନ୍ୟ ଶିକ୍ଷକମାନଙ୍କ ସହ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ନିରବଚ୍ଛିନ୍ନ ଓ ଗୁଣାତ୍ମକ ମଧ୍ୟାହ୍ନ ଭୋଜନ ଯୋଗାଣ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଗତକାଲି ମଧ୍ୟାହ୍ନ ଭୋଜନ ବନ୍ଦ ଥିବାରୁ ଆଜି ମଧ୍ୟ କେତେକ ଛାତ୍ରଛାତ୍ରୀ ଘରୁ ଖାଦ୍ୟ ଆଣି ବିଦ୍ୟାଳୟରେ ଭୋଜନ କରୁଥିବା



ଦେଖାଯାଇଥିଲା। ବିଦ୍ୟାଳୟର ଶିକ୍ଷକମାନଙ୍କ ମଧ୍ୟରେ ସମନ୍ୱୟ ଓ ବୁଝାମଣାର ଅଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ଉଠିଛି। ଶିକ୍ଷା ପରିବେଶ ଓ ଛାତ୍ରଛାତ୍ରୀଙ୍କ ମୌଳିକ ଅଧିକାର ସହ ଜଡ଼ିତ ମଧ୍ୟାହ୍ନ ଭୋଜନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା କିପରି ବନ୍ଦ ହେଲା, ତାହାକୁ ନେଇ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଣିହାଁ ବିଇଓ ପ୍ରିୟଦର୍ଶନ ପ୍ରଧାନ କହିଛନ୍ତି ଯେ, ଶିକ୍ଷକମାନଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଘଟଣା ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ତଦନ୍ତ ପରେ ନିୟମାନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସ୍ୱାଭାବିକ ହୋଇଥିବା ସେ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ କଣିହାଁ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଅଭିଭାବକ ଓ ବିଭିନ୍ନ ସାମାଜିକ ସଂଗଠନ ଘୋର ନିନ୍ଦା କରିଛନ୍ତି। ଛାତ୍ରଛାତ୍ରୀଙ୍କ ଖାଦ୍ୟ ସୁରକ୍ଷା ସହ ସଂପୃକ୍ତ ଏପରି ଘଟଣାର ପ୍ରକୃତ କାରଣ ଉନ୍ମୋଚନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି ଜୋର ଧରିଛି। ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀମାନେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବାଜି ରାଉତ ଯୋଗ ଏବଂ ନେଚରପାଥି କଲେଜ ଉଦ୍‌ଘାଟିତ

କାମାକ୍ଷାନଗର,୨୪।୬(ସମିସ): କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମଠାରେ ଅବସ୍ଥିତ ବାଜି ରାଉତ ଯୋଗ ଓ ନେଚରପାଥି ମହାବିଦ୍ୟାଳୟର ଆଜି ସକାଳେ ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ସମେତ ସମ୍ମାନିତ ଅତିଥି ଭାବରେ କାମାକ୍ଷାନଗର ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପ-ନଗରପାଳ ଶକୁନ୍ତଳା ସେଠୀ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପୂର୍ବତନ ନଗରପାଳ ଗୋବିନ୍ଦ ଚନ୍ଦ୍ର ସାହୁ, କାମାକ୍ଷାନଗର ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷା ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମାନସୀ ମହାନ୍ତି, ବରିଷ୍ଠ ଯୋଗ ଗୁରୁ ଲିଙ୍ଗରାଜ ଜେନା, ବରିଷ୍ଠ ଯୋଗ ଗୁରୁ ଦିଲ୍ଲୀପ କୁମାର ସାହୁ, କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ସଞ୍ଜୟ ପରିଡ଼ା, ବନମାଳୀ ରାଉଳ, ଖୁଲଣା ବେହେରା, ସୁକଦେବ ସାହୁ, ଜିତେନ୍ଦ୍ର



ରାଉଳ, ରୀତାଞ୍ଜଳି ପାତ୍ର, ଅଭିମନ୍ୟୁ ପରିଡ଼ା, ପ୍ରମୋଦ କ୍ଷେଣ୍ଟ, ବିଶିଷ୍ଟ ସମାଜସେବୀ ବିଜୟ ସତପଥୀ ଓ ବାଉଁଶପାଳ ଗାଁ'ର ପୂର୍ବତନ ୱାର୍ଡ ମେମ୍ବର ସତ୍ୟାନନ୍ଦ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଆଇକାର୍ଡ ଓ ମାନପାତ୍ର ପ୍ରଦାନ କରିଥିଲେ। ପରିଶେଷରେ ଉକ୍ତ ମହାବିଦ୍ୟାଳୟ ପ୍ରିନ୍ସପାଲ୍ ସଞ୍ଜୟ ରାଉତ ସମସ୍ତ ଅତିଥି ଏବଂ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଶାସନ ନିରବ

# କେନ୍ଦ୍ରାପଡ଼ାରେ ବେଆଇନ ବାଲି ମହଜୁଦ

କେନ୍ଦ୍ରାପଡ଼ା,୨୪।୬(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାରେ ବେଆଇନ ବାଲି ଉତ୍ତୋଳନ ଓ ମହଜୁଦକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ହଜାର ହଜାର ଟ୍ରିପ ବାଲି ବେଆଇନ ଭାବେ ଠୁଳ କରାଯାଉଥିବାବେଳେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି। ଏଥିସହ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ଜିଲ୍ଲାରେ ଥିବା ନଦୀଘାଟରୁ ବାଲି ଉଠାଇ ତାହାକୁ ସରକାରୀ ଜମି, କେନାଲ ବନ୍ଧ, ରାସ୍ତା କଡ଼ ଓ ବ୍ୟକ୍ତିଗତ ଜମିରେ ମହଜୁଦ କରାଯାଉଛି। କେତେକ କ୍ଷେତ୍ରରେ ବାଲି ମାଫିଆ ନିଜ ଘର, ସମ୍ପର୍କୀୟଙ୍କ ଜମି କିମ୍ବା ପରିଚିତଙ୍କ କ୍ଷେତରେ ବାଲି ଷ୍ଟକ୍ କରି ରଖିଥିବା ଅଭିଯୋଗ ହେଉଛି। ପରବର୍ତ୍ତୀ ସମୟରେ ଏହି ବାଲିକୁ ଉଚ୍ଚ ଦରରେ ବିକ୍ରି କରାଯାଉଥିବାରୁ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେଉଥିବା ମତ ପ୍ରକାଶ ପାଇଛି। ଜିଲ୍ଲାର ୯ଟି ବ୍ଲକର ପ୍ରାୟ ସମସ୍ତ ଅଞ୍ଚଳରେ ବେଆଇନ ବାଲି ମହଜୁଦ ହୋଇ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ଯେ, ପୁଲିସ, ତହସିଲ, ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି କାରବାର ସମ୍ପର୍କରେ ଅବଗତ ଥିଲେ ମଧ୍ୟ ପ୍ରଭାବଶାଳୀ ଲୋକଙ୍କ ବିରୋଧରେ କଠୋର ପଦକ୍ଷେପ ନେଉନାହାନ୍ତି। ରାତିରେ ଏଭଳି କାର୍ଯ୍ୟ ଚାଲିଛି। ଫଳରେ

## କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି

ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ନଦୀ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ଅନ୍ୟପଟେ ବାଲିର ଅଭାବ ଓ କୃତ୍ରିମ ଦରବୃଦ୍ଧି ଯୋଗୁ ସାଧାରଣ ଲୋକଙ୍କ ଘର ନିର୍ମାଣ କାମ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗୋଟିଏ ଟ୍ରାକ୍ଟର ବାଲି ପାଇଁ ୧୫୦୦ ଟଙ୍କାରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବାରୁ ନିମ୍ନ ଓ ମଧ୍ୟବିତ୍ତ ପରିବାର ପାଇଁ ଘର ନିର୍ମାଣ ଏକ ବଡ଼ ଆର୍ଥିକ ବୋଝ ହୋଇପଡ଼ିଛି। ସାଧାରଣ ଲୋକଙ୍କ ମଧ୍ୟରେ ଏପରି ଧାରଣା ସୃଷ୍ଟି ହେଉଛି ଯେ, ଯଦି ପ୍ରଶାସନ ବେଆଇନ ଉତ୍ତୋଳନ ଓ ମହଜୁଦ ବିରୋଧରେ ପ୍ରଶାସନ କଠୋର ପଦକ୍ଷେପ ନେଉନାହିଁ, ତେବେ ଭବିଷ୍ୟତରେ ଅଧିକ ଲୋକ ସିଧାସଳଖ ନଦୀରୁ ବାଲି ଆଣିବାକୁ ଉତ୍ସାହିତ ହେବେ। ଯାହା ଆଇନ ବ୍ୟବସ୍ଥା ଓ ପରିବେଶ ପାଇଁ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ଜିଲ୍ଲାରେ ବେଆଇନ ବାଲି ମହଜୁଦ ଓ ଚାଲାଣ ସ୍ୱତନ୍ତ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି। ଜିଲ୍ଲା ପ୍ରଶାସନ ଓ ଖଣି ବିଭାଗ ଏ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଆରଡ଼ି ଡିଭିଜନ କାର୍ଯ୍ୟାଳୟରେ ଜେଇଙ୍କୁ ମାଡ଼ ଅଭିଯୋଗ

କେନ୍ଦ୍ରାପଡ଼ା,୨୪।୬(ସମିସ): ଇଞ୍ଜିନିୟର ଗ୍ରାମ୍ୟ ଉନ୍ନୟନ (ଆରଡ଼ି) ଡିଭିଜନ କାର୍ଯ୍ୟାଳୟରେ ଜଣେ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ଜଣେ ଠିକାଦାର ଆକ୍ରମଣ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଜଣେ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ଘଟଣା କେବଳ କର୍ମଚାରୀଙ୍କ ସୁରକ୍ଷା ନୁହେଁ, ବରଂ ପ୍ରଶାସନିକ କାର୍ଯ୍ୟ ପରିଚାଳନା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଠିକା କାମକୁ କେନ୍ଦ୍ର କରି ସମ୍ପୃକ୍ତ ଠିକାଦାର ଓ ଜେଇଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଠିକାଦାର ଜେଇଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟରେ ଉପସ୍ଥିତ ଅନ୍ୟ କର୍ମଚାରୀ ପୁଲିସକୁ ଖବର ଦେଇଥିଲେ। ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଆକ୍ରମଣର ଶିକାର ହୋଇଥିବା ଜେଇ ଘଟଣା ସମ୍ପର୍କରେ ସଦର ଥାନାଧିକାରୀଙ୍କୁ ଟେଲିଫୋନ ଯୋଗେ ଅବଗତ କରାଇଥିବା ଜଣାପଡ଼ିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ କୌଣସି ଲିଖିତ ଅଭିଯୋଗ ଥାନାରେ ଦାଖଲ ହୋଇ ନ ଥିବାରୁ ପୁଲିସ ପକ୍ଷରୁ ମାମଲା ରୁଜୁ କିମ୍ବା ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ଘଟଣା ପରେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ଆଲୋଚନା ଜୋର ଧରିଛି। ବିଭିନ୍ନ ବିଭାଗର କର୍ମଚାରୀ କହୁଛନ୍ତି, ଠିକା କାମ, ବିଲ୍ ପାସ୍, ମାପଚୁପ ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ନେଇ ବେଳେବେଳେ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୁଏ। ଏହାର ସମାଧାନ ଆଇନ ଓ ପ୍ରଶାସନିକ ପ୍ରକ୍ରିୟା ମାଧ୍ୟମରେ ହେବା ଉଚିତ, ହିଂସା କିମ୍ବା ଆକ୍ରମଣ ଦ୍ୱାରା ନୁହେଁ। ତେବେ ଲିଖିତ ଅଭିଯୋଗ ଦାଖଲ ହେବା ପରେ ପୁଲିସ ପକ୍ଷରୁ ଘଟଣାର ପ୍ରକୃତ ତଦନ୍ତ ଆରମ୍ଭ ହେବ ଓ ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

## ଏସ୍‌ଏନ୍‌ଏସ୍ କଲେଜରେ ସାମୟିକ ଦକ୍ଷତା ପ୍ରଶିକ୍ଷଣ ଶିବିର

ରାଜନଗର,୨୪।୬(ସମିସ): ରାଜନଗର ବ୍ଲକ୍ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ (ଏସ୍‌ଏନ୍‌ଏସ୍) ମହାବିଦ୍ୟାଳୟରେ ସାମୟିକ ଦକ୍ଷତା ପ୍ରଶିକ୍ଷଣ ଶିବିର ମେ' ମାସ ୧୮ ତାରିଖରେ ଆରମ୍ଭ



ହୋଇ ଚଳିତ ମାସ ୨୧ ତାରିଖରେ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଘନଶ୍ୟାମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଶିକ୍ଷାବିତ୍ ଅକ୍ଷୟ ମିଶ୍ର, ମୁଖ୍ୟବକ୍ତା ପଣ୍ଡିତ ବରଦାକାନ୍ତ ଜେନା, ସମ୍ମାନିତ ଅତିଥି ରୂପେ ଡ. ବିକ୍ରମାଦିତ୍ୟ ଦାସ ଯୋଗଦେଇ ସଂସ୍କୃତର ଗୁରୁତ୍ୱ ବର୍ଣ୍ଣନା କରି ଆଦିଭାଷା ସଂସ୍କୃତ ସକଳ ଭାଷାର ଜନନୀ ବୋଲି କହିବା ସହ ବେଦ ଉପନିଷଦ ଜୀବନ ସତ୍ତାର ମାର୍ଗଦର୍ଶକ ବୋଲି ଅଭିହିତ କରିଥିଲେ। ଲୋକଭାଷା ପ୍ରଚାର ସମିତି ସଂଯୋଜକ ବିଭୂତି ନାରାୟଣ କର ସଂସ୍କୃତ ପ୍ରତି ରୁଚି ରଖିବା, ସଂସ୍କୃତ ଭାଷାର ଉତଥାନ ନିମନ୍ତେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସଂସ୍କୃତ ଭାଷାରେ ସାମୟିକ ଦକ୍ଷତା ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ ଲୋକଭାଷା ପ୍ରଚାର ସମିତି ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ତନୁଶ୍ରୀ ମିଶ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା ଅତିଥି ପରିଚୟ ଦେଇଥିବାବେଳେ ଅଧ୍ୟାପକ ଆଦିତ୍ୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୟାନିଧି ସାହୁ, ରବିନାରାୟଣ ଦାସ, ଜଗବନ୍ଧୁ ବେହେରା ଓ ଅଭିରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାବଲମ୍ବୀ ଯୁବ ସମୃଦ୍ଧି କାର୍ଯ୍ୟକ୍ରମ



ରାଜନଗର,୨୪।୬(ସମିସ): ରାଜନଗର ବ୍ଲକ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଦକ୍ଷତା ବିକାଶ ଓ କ୍ଷୁଦ୍ରଶିଳ୍ପ ପକ୍ଷରୁ ସ୍ୱାବଲମ୍ବୀ ଯୁବ ସମୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଯୁବକ/ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚାକିରି ପଛରେ ନ ଗୋଡାଇ ନିଜେ ଦକ୍ଷତା ଅର୍ଜନ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଅଶୋକ ମହାନ୍ତି, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ କୁଳମଣି ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ, ସମାଜ କଲ୍ୟାଣ ଅଧିକାରୀ ମନୋଜ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝି ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶିଳ୍ପ ଅଧିକାରୀ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପାଟଣା ଗାଁ ମୁରବୀଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ଗ୍ରାମର ବିଶିଷ୍ଟ ସମାଜସେବୀ ଗାଁ ମୁରବୀ ଗୋପୀନାଥ ରାଉଳଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ



ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଗାଁ ବିକାଶ ପାଇଁ ନିରନ୍ତର ପ୍ରୟାସ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଦାମୋଦର ଦାସ, ପ୍ରଦୀପ ଦାସ, ଗୁରୁଚରଣ ଦାସ, ବିଜୟ ନାୟକ, ବାବାଜୀ ନାୟକ, ହୃଷିକେଶ ବେହେରା, ସୁରେଶ ଜେନା, ନିରୋଦ ଦାସ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ମର ଶରୀରକୁ ଗାଁ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଶୂନ୍ୟବାସୀ ରାଉଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ପ୍ରମିଳା କରଙ୍କ ଶ୍ରଦ୍ଧାଞ୍ଜଳି ସଭା



ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡ଼ା ଗ୍ରାମର ସମାଜସେବିକା ପ୍ରମିଳା କରଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଚିତ୍ରଶିଳ୍ପୀ ସଂଜୀବ କରଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ରିଜର୍ଭ ବ୍ୟାଙ୍କ କ୍ଷେତ୍ର ପରିଚାଳକ ଶାରଦା ପ୍ରସନ୍ନ ମହାନ୍ତି, ନଗର ବିଜେଡି ସଭାପତି ବୁଢା ଲେଙ୍କା, କୃଷ୍ଣପ୍ରସାଦ ବିଡିଓ ଅଜୟ ପଣ୍ଡା, ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳ, ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ସହସମ୍ପାଦକ ସତ୍ୟନାରାୟଣ ନାୟକ, ଅଧ୍ୟାପିକା ସ୍ମୃତିପ୍ରଜ୍ଞା ପଣ୍ଡା, ଆଳି ଅର୍ବାନ ବ୍ୟାଙ୍କ ପୂର୍ବତନ ପରିଚାଳକ କିଶୋର ପଣ୍ଡା, ସଂଖ୍ୟାଲଘୁ ନେତା ସେକ ଅବଦୁଲ ବାରି ପ୍ରମୁଖ ଯୋଗଦେଇ ପ୍ରମିଳା କରଙ୍କ ସମାଜସେବା ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କୁନାଲ କର, ବିମଳ କର, ମିତା କର ଓ ମମତାଞ୍ଜଳି କର ପରିଚାଳନା କରିଥିଲେ।

## ବଳଭଦ୍ରପୁରରେ ଗ୍ରାମାଲୋକ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟ ଏକାଡେମୀ ଓ ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବାଲଭଦ୍ରପୁର ବାପୁଜୀ ବିଦ୍ୟାଶ୍ରମ ପରିସରରେ ଗ୍ରାମାଲୋକ କାର୍ଯ୍ୟକ୍ରମ ପଲ୍ଲୀ ପ୍ରତିଭା ସାହିତ୍ୟ ପତ୍ରିକାର ୪୯ତମ ପ୍ରତିଷ୍ଠା ଦିବସ ଓ ନୂତନ ମୁଦ୍ରିତ ସଂସ୍କରଣ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀ ପ୍ରତିଭା ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ ସହଦେବ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ ଡ. ବୀରକିଶୋର ପରିଡା ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ନୀଳମଣି ଲେଙ୍କା, କିଶୋର ସେନ, ନାରାୟଣ ବେହେରା, କବି ଅଭିରାମ ସାହୁ ଓ ହେମନ୍ତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ସାହିତ୍ୟ, ସଂସ୍କୃତି ଓ ଲୋକଜୀବନର ସୁରକ୍ଷା, ପ୍ରସାର ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବି, ସାହିତ୍ୟିକ, ଗବେଷକ, ଶିକ୍ଷାବିତ୍ ଓ ସାହିତ୍ୟପ୍ରେମୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ୪୦ରୁ ଊର୍ଦ୍ଧ୍ୱ କବି ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ପଲ୍ଲୀ ପ୍ରତିଭାର ନୂତନ ମୁଦ୍ରିତ ସଂସ୍କରଣ ଉନ୍ମୋଚିତ ହେବା ସହ ଡ. ବୀରକିଶୋର ପରିଡାଙ୍କ ରଚିତ "ପ୍ରାଣୀ ବିଜ୍ଞାନ' ପୁସ୍ତକ ଓ ପଞ୍ଚାୟତିରାଜ ବିଭାଗ ଉପସଚିବ ପୁଷ୍ପାଞ୍ଜଳି ପଣ୍ଡାଙ୍କ "ସ୍ମୃତିର ପାଦଚିହ୍ନ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବାବାଜୀ ଧଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ପରିଡା, ଶଶୀଭୂଷଣ କୁଣ୍ଡ, ଶଶୀକାନ୍ତ କୁଣ୍ଡ, ଶତ୍ରୁଘ୍ନ ତରାଇ, ଅଦ୍ୱୈତ ମଲ୍ଲିକ, ଅକ୍ଷୟ ବିଶ୍ୱାଳ, ଶୁଭକାନ୍ତ ନାୟକ, ଆଦିକନ୍ଦ କୁଣ୍ଡ, ଜଗନ୍ନାଥ ଧଳ, ସନ୍ଧ୍ୟାରାଣୀ ପରିଡା, ପ୍ରମୁଖ ଯୋଗ ଦେଇଥିଲେ। ଡ. ସରୋଜ କାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

● ତୃତୀୟ ଦିନରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

## ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

ପଟ୍ଟାମୁଣ୍ଡାଇ,୨୪।୬(ସମିସ): ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଶାସନ ପଞ୍ଚାୟତର ଲୋକେ ଗତ ୨୨ ତାରିଖଠାରୁ କରିଥିବା ଆମରଣ ଅନଶନ ଆଜି ୩ୟ ଦିବସରେ ପହଞ୍ଚିଛି। ଅନଶନକାରୀ ୧୬ନଂ କେନାଲ ରାସ୍ତା କାମର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡବ, ରମାକାନ୍ତ ଦାଶ, ତୀର୍ଥ ପରିଡ଼ା ଓ ଅର୍ଜୁନ ସାହୁ ପ୍ରମୁଖ ଅନଶନରେ ବସିଛନ୍ତି। ଗତକାଲି ବିଳମ୍ବିତ ରାତିରେ ଆନ୍ଦୋଳନକାରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆଜି ଆନ୍ଦୋଳନକାରୀ ପୁନର୍ବାର ଅନଶନ ଆରମ୍ଭ କରିଛନ୍ତି। ଏହି ଅନଶନକୁ ସମର୍ଥନ କରି ବିଜେପି ନେତା ରଶ୍ମିରଞ୍ଜନ ପ୍ରଧାନ, ମିଟୁ ମନୋଜ ନାୟକ, ସୁଧାଂଶୁ ଜେନା, ଆଡ଼ଭୋକେଟ ସଞ୍ଜୟ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର ରଘୁରାମ ଆୟାରଙ୍କ ନିର୍ଦ୍ଦେଶରେ ଗତକାଲି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଜଳସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ମଲ୍ଲିକ, ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଦୀପ୍ତିରଞ୍ଜନ ବେହୁରା ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଅନଶନକାରୀଙ୍କ ଦାବି ଅନୁଯାୟୀ ଅତିରିକ୍ତ ଜିଲ୍ଲାପାଳ, ଜଳସମ୍ପଦ ଓ ପୁଲିସ ଅଧିକାରୀ ଅନଶନକାରୀ ପ୍ରତିନିଧିଙ୍କ ସହିତ ୧୬ନଂ କେନାଲ ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତି ଅଭିଯୋଗର ସରଜମିନ ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ରିପୋର୍ଟ ପ୍ରଦାନ କରନ୍ତୁ ବୋଲି ଅନଶନକାରୀ ଦାବି କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନଶନ ପ୍ରତ୍ୟାହାର କରିବେ ବୋଲି ଜିଦ ଧରିବାରୁ ଆଲୋଚନା ବିଫଳ ହୋଇଥିଲା। ପରେ ଅତିରିକ୍ତ ଜିଲ୍ଲାପାଳ, ଜଳସମ୍ପଦ ଓ ପୁଲିସ ଅଧିକାରୀ ଫେରି ଯାଇଥିଲେ। ତେବେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ଚିଠିରେ ସୁପାରିସ କରିଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୪।୬(ସମିସ): ନାବାଳିକାଙ୍କ ପ୍ରତି ଅସଦାଚରଣ ଭଳି ସମ୍ବେଦନଶୀଳ ଅପରାଧ ମାମଲାରେ କେନ୍ଦ୍ରାପଡ଼ା ପକ୍‌ସୋ କୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାରକୁ ନେଇ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ପକ୍‌ସୋ କୋର୍ଟର ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ମଳୟ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ କଲେ ତାଙ୍କୁ ଅତିରିକ୍ତ ୩ ମାସ କାରାଦଣ୍ଡ ଭୋଗିବାକୁ ପଡିବ। ଏହି ରାୟ ନାବାଳିକାଙ୍କ ସୁରକ୍ଷା ଓ ପକ୍‌ସୋ ଆଇନର କଡ଼ା ପ୍ରୟୋଗ ପ୍ରତି ନ୍ୟାୟପାଳିକାର ଦୃଢ଼ ମନୋଭାବକୁ ପ୍ରତିଫଳିତ କରିଛି।

ସୂଚନା ମୁତାବକ, ୨୦୨୪ ନଭେମ୍ବର ୧ ତାରିଖରେ ମହାକାଳପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ କଟକ ଜିଲ୍ଲା ନିଆଳି ଅଞ୍ଚଳର କଣ୍ଟିସଲା ଗ୍ରାମର ବାସିନ୍ଦା ଓ ପେଶାରେ ଗାଡ଼ି ଚାଳକ ମଳୟ କୁମାର ବେହେରା ଅସଦାଚରଣ କରିଥିଲେ। ପୀଡ଼ିତା ନିଜ ପିତାମାତା ଓ ସମ୍ପର୍କୀୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ନଭେମ୍ବର ୫ ତାରିଖରେ ପୀଡିତାଙ୍କ ସମ୍ପର୍କୀୟ ମହାକାଳପଡ଼ା ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ମଳୟ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର କରି ସାକ୍ଷ୍ୟ, ଡାକ୍ତରୀ ରିପୋର୍ଟ ଓ ଅନ୍ୟାନ୍ୟ ପ୍ରମାଣକୁ ବିଚାର କରି କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ ସଫଳତାର ସହ ମାମଲା ପରିଚାଳନା କରିଥିଲେ। ଏହି ରାୟକୁ ଶିଶୁ ଅଧିକାର ସୁରକ୍ଷା ଓ ନାବାଳିକାଙ୍କ ବିରୋଧରେ ଘଟୁଥିବା ଅପରାଧ ପ୍ରତି ଏକ କଡ଼ା ବାର୍ତ୍ତା ବୋଲି ଆଇନଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଗରଦପୁରରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଗରଦପୁର,୨୪।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଗରଦପୁର ବ୍ଲକରେ ସପ୍ତାହ ବ୍ୟାପୀ ଚାଲିଥିବା "ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବିଡିଓ ଆଲୋକ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟ, ଶ୍ରମ, ପ୍ରାଣୀ ସମ୍ପଦ, ଶିଶୁ ବିକାଶ, ଜୀବିକା ମିଶନ, ସୁଭଦ୍ରା ଶକ୍ତି ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସରକାରୀ ଯୋଜନା ଓ ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡା. ଅଭିଷେକ ନନ୍ଦୀ, ଶଶୀରେଖା ଦାସ, କନିଷ୍ଠ ନାରାୟଣ, ନିର୍ମାଲ୍ୟ ପତି, ଲଛମନ ମୁର୍ମୁ, ପ୍ରିୟଦର୍ଶନୀ ସାହାଣୀ, କୈଳାସ ବାରିକ ଓ ପ୍ରିୟଙ୍କା ସାହୁ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ, ଶ୍ରମିକ କାର୍ଡ, ଅନ୍ନପୂର୍ଣ୍ଣା କାର୍ଡ, ସ୍ୱାସ୍ଥ୍ୟ କାର୍ଡ ଓ ଗୃହ ଅନୁମୋଦନ ପତ୍ର ବଣ୍ଟନ କରାଯାଇଥିଲା। ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ ଓ ବିଧାୟକଙ୍କ ପ୍ରତିନିଧି ବାସୁଦେବ ବେହେରା ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ମତ ରଖିଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଷ୍ଟଲରେ ଭଲ ବ୍ୟବସାୟ ହୋଇଥିବାବେଳେ ଅତିରିକ୍ତ ବିଡିଓ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍କଟ ପୀଡ଼ିତଙ୍କୁ ସମାଜସେବୀଙ୍କ ସହାୟତା





ଡେରାବିଶ,୨୪।୬(ସମିସ): ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳ ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପକ୍ଷୋଟ ଗ୍ରାମର ଗାୟକ ପ୍ରଶାନ୍ତ ଦାଶ ଓ ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣଶାସନ ଗ୍ରାମର ପୀଡ଼ିତା ମମତା ଦାଶଙ୍କୁ ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ସମାଜସେବୀ ତଥା ପ୍ରକୃତି ବନ୍ଧୁ ଜେନାମଣି ବଳ ଦୁରାରୋଗ୍ୟ ପୀଡ଼ିତ ଦୁଇଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପକ୍ଷୋଟ ଗ୍ରାମର ଗାୟକ ଶ୍ରୀ ଦାଶ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ କେମୋ ଥେରାପି ମାଧ୍ୟମରେ ଚିକିତ୍ସିତ ହେଉଥିବାବେଳେ ଲହଣଶାସନ ଗ୍ରାମର ଶ୍ରୀମତୀ ଦାଶ ଦୀର୍ଘ ସାତବର୍ଷ ହେବ କେମୋ ଥେରାପିରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟୟବହୁଳ ଚିକିତ୍ସା ହେତୁ ଅର୍ଥାଭାବ ଚିକିତ୍ସାରେ ବାଧକ ହେଉଛି। ପ୍ରକୃତିବନ୍ଧୁ ଶ୍ରୀ ବଳ ସେମାନଙ୍କ ବାସଭବନରେ ପହଞ୍ଚି ଉଭୟଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସ୍ତରୀରେ କିପରି ସହାୟତା ମିଳିପାରିବ, ସେ ବ୍ୟକ୍ତିଗତ ଭାବେ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ରାସ୍ତାରେ ଜମାହୋଇଛି ବାଲି, ଯାତାୟାତରେ ସମସ୍ୟା

ପଞ୍ଚୁପାଣ୍ଡବ,୨୪।୬(ସମିସ): ଡେରାବିଶ ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ାରୁ ହଳଦିଆ ଗ୍ରାମ ରାସ୍ତାରେ ବାଲି ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାର ମନ୍ତ୍ରୀପଡ଼ାର ନୂଆଁଗାଁ ନିକଟ ଟ୍ରେନ ଲାଇନ ପାଖରେ ଥିବା ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ପାଚେରିକୁ ଲାଗି ବାଲି ପଡ଼ି ରହିଥିବାବେଳେ ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ଡେରାବିଶ ବ୍ଲକ ଓ କେନ୍ଦ୍ରାପଡ଼ାକୁ ହଜାର ହଜାର ଲୋକେ ଯିବାଆସିବା କରୁଛନ୍ତି। ଦୀର୍ଘଦିନ ଧରି ଓଲଡିରୁ ହଳଦିଆ ରାସ୍ତା କାମ ଅଧାପାନ୍ତାରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା କାମ ଦୀର୍ଘଦିନ ଧରି ଚାଲି ପୁଣି ବନ୍ଦ ଥିବା ଦେଖିବାକୁ ମିଳୁଛି। ରାସ୍ତା କାମ ହେବା ପାଇଁ ରାସ୍ତା କଡ଼ରେ ଥିବା ଶତାଧିକ ଗଛ କଟାଯାଇଥିଲା। ପରେ ରାସ୍ତାକୁ ଓସାର କରିବା ପାଇଁ ଦୁଇ ପାଶ୍ୱର୍ରେ ଖାଲ କରାଯାଇ ଡଷ୍ଟ ପକାଯାଇଛି। କିନ୍ତୁ ଏହି ରାସ୍ତା ଉପରେ ଗୋଡ଼ି ବିଛାଇ ହୋଇପଡ଼ିଥିବା ବେଳେ କେତେକ ଜାଗାରେ ଶତାଧିକ ଖାଲରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତାଟି ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନା ଓ ବିଭିନ୍ନ ମନ୍ଦିରକୁ ଯିବାଆସିବା କରୁଥିବା ଲୋକେ ହନ୍ତସନ୍ତ



ହେଉଛନ୍ତି। ଏହି ରାସ୍ତାକୁ ଆର୍‌ଆଣ୍ଡବି ବିଭାଗ ପକ୍ଷରୁ କାମ ହେଉଥିବାବେଳେ ଯେତେ ଅଭିଯୋଗ କଲେ ମଧ୍ୟ ଠିକାଦାର କି ପ୍ରଶାସନ ପକ୍ଷରୁ ସମାଧାନ କରୁନାହାନ୍ତି। ଏହି ରାସ୍ତାରେ କେତେକ ଜାଗାରେ ମାଟି ପଡ଼ିଥିବାବେଳେ ବର୍ଷା ହେଲେ ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳୁଛି। ଯେତେ ଶୀଘ୍ର ଏହାର ତଦନ୍ତ କରାଯାଇ ରାସ୍ତାରୁ ବାଲି ଉଠାଇବା ସହ ରାସ୍ତାର କାମ ଶୀଘ୍ର ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା



ଡେରାବିଶ, ୨୪।୬(ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମ ଶେଷ ମୁଣ୍ଡରେ ଥିବା ବାଘର ମଠ ନିକଟରେ ଘଟିଥିବା ବଜ୍ରପାତରେ ଗରାମ ଗ୍ରାମର କୈଳାସ ଦାସଙ୍କ ପୁଅ ପ୍ରଫୁଲ୍ଲ ଦାସଙ୍କର ମଇଁଷି ଚରାଉଥିବା ସମୟରେ ମୃତ୍ୟୁ ହୋଇଯାଇଥିଲା। ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅର ଅକାଳ ମୃତ୍ୟୁରେ ପ୍ରଫୁଲ୍ଲଙ୍କ ବାପା କୈଳାସ ଓ ତାଙ୍କ ବିଧବା ପତ୍ନୀ ବେସାହାରା ହୋଇଯାଇଥିଲେ। ଏ ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନ ମୃତକଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀ ପ୍ରଧାନଙ୍କ ସହ ଯଅଁରାବାରିମୂଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

# 'ସରକାର ପ୍ରଚାର ନ କରି ବାସ୍ତବ ବିକାଶ କରନ୍ତୁ'

ପଟ୍ଟାମୁଣ୍ଡାଇ,୨୪।୬(ସମିସ)





ରାଜ୍ୟର ବିଜେପି ସରକାର କେବଳ ମିଛ ପ୍ରଚାରରେ ମାତି ସାରା ଓଡ଼ିଶାରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକରେ ଆୟୋଜିତ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକାଶ କରିଛନ୍ତି। ବିଧାୟକ ଶ୍ରୀ ସାହୁ କହିଲେ, ଦରଦାମ ବୃଦ୍ଧି ସହ ଗ୍ୟାସ ଦର ବୃଦ୍ଧି ଯୋଗୁଁ ସୁଭଦ୍ରା ଚୁଲି ମୂଳେ କାନ୍ଦୁଥିବାବେଳେ ଅଙ୍ଗନବାଡି କର୍ମୀ, ଏମବିକେ ଦରମା ନ ପାଇ ହନ୍ତସନ୍ତ ହେଉଥିବାବେଳେ ନିଟ ପରୀକ୍ଷା ପ୍ରଶ୍ନପତ୍ର ଲିକ ଯୁବଛାତ୍ରଙ୍କୁ କନ୍ଦାଇଛି। ପ୍ରାଥମିକ ଶିକ୍ଷାରେ ଭୁଲ ବହି ପ୍ରକାଶ ଶିଶୁଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଇଛି ଓ ଶ୍ରମିକ କାର୍ଡ ନ ଥିବାରୁ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲେ ସହାୟତା ମିଳୁନାହିଁ। ପ୍ରତ୍ୟେକ ଦିନ ୧୫ ଜଣ ନାରୀ ଦୁଷ୍କର୍ମର ଶିକାର ହେଉଛି ଓ ବୃଦ୍ଧବୃଦ୍ଧା ଠିକ ସମୟରେ ଭତ୍ତା ପାଉନାହାନ୍ତି। ଆୟୁଷ୍ମାନ କାର୍ଡ ନେଇ ରୋଗୀ ହସ୍ପିଟାଲରେ ଚିକିତ୍ସା ପାଉନାହିଁ ଓ ଓଡିଶାର ୧୭ ଲକ୍ଷ ଲକ୍ଷପତି ଦିଦିଙ୍କ ପଟ୍ଟାମୁଣ୍ଡାଇ ବ୍ଲକରେ ଗୋଟିଏ ଦିଦି ନ ରହିବା ସରକାରଙ୍କ ମିଛ ପ୍ରଚାରକୁ ପ୍ରମାଣିତ କରିଛି। ରାଜ୍ୟ ସରକାର ମିଛ ପ୍ରଚାରରେ ନ ମାତି ବାସ୍ତବ ବିକାଶ କରନ୍ତୁ ବୋଲି ବିଧାୟକ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ।

ପଟ୍ଟାମୁଣ୍ଡାଇ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ସରକାରଙ୍କ ବିଭିନ୍ନ ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। ପଟ୍ଟାମୁଣ୍ଡାଇ ବିଡିଓ ଶୀତଲ ଅଗ୍ରୱାଲ ବ୍ଲକରେ କାର୍ଯ୍ୟକରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ସିଡିପିଓ ଲକ୍ଷ୍ମୀମଣି ସିଂ ଓ ମତ୍ସ୍ୟ ଅଧିକାରିଣୀ ହରପ୍ରିୟା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଖଣତା ସରପଞ୍ଚ ଅନୀଲ ଲେଙ୍କା, ଚନ୍ଦନନଗର ସମିତିସଭ୍ୟ ମାନସ ମଲ୍ଲିକ, ଖଣତା ସମିତି ସଭ୍ୟ ସୁରେଶ ଜେନା, ସାନଜରିଆ ସମିତି ସଭ୍ୟ ସୁବାସ ବାରିକ ଓ ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ମିଶନ ଶକ୍ତି, ଏମବିକେ, ସିଆରପି ଅଙ୍ଗନବାଡି କର୍ମୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ ବିଏସଏସଓ ସୁଧାଂଶୁ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ସମାଜ କଲ୍ୟାଣ ଅଧିକାରିଣୀ ଲିପିକା ପ୍ରିୟଦର୍ଶନୀ ବେହେରା ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଧାୟକ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ସହାୟତା ବଣ୍ଟନ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

## ଅସ୍ମିତା-ଷଡ଼ଯନ୍ତ୍ର

ଓଡ଼ିଆ ଅସ୍ମିତାର ନାରା ଦେଇ ଓଡ଼ିଶାରେ ଶାସନ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଛି। ବର୍ଷପୂର୍ତ୍ତି ଉତ୍ସବରେ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାରେ ଅବହେଳା କରିନାହାନ୍ତି। କିନ୍ତୁ ଇତିମଧ୍ୟରେ ଓଡ଼ିଶାର ବାସ୍ତବଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି ଏବଂ ଓଡ଼ିଆ ଅସ୍ମିତା କେତେ ଉପରକୁ ଉଠିଛି କି ଭୂଲୁଣ୍ଠିତ ହୋଇଛି ତାହାର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ଝଲସୁଛି। ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଉଦ୍ୟମ କେନ୍ଦ୍ର ସଂଗୀତ ନାଟକ ଏକାଡେମିର ଇନଭେଣ୍ଟରି ଅର୍ଗଳି ଡେଇଁଲାଣି କି ନାହିଁ ତାହା ଅଜଣା। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଡବଲ୍ ଇଞ୍ଜିନ ସରକାରର ଓଡ଼ିଆ ଅସ୍ମିତା ତାଲିକାରେ ବୋଧହୁଏ ନାହିଁ। ନୂଆ ବିଷୟକୁ ମାନ୍ୟତା ବା ତାଲିକାଭୁକ୍ତ କରିବା ଦୂରେ ଥାଉ ତାଲିକାଭୁକ୍ତ ବିଷୟକୁ ବାଦ୍ ଦେବାରେ କିନ୍ତୁ ଡବଲ୍ ଇଞ୍ଜିନ ସରକାରଙ୍କ ତୁଳନା ନାହିଁ। ଡବଲ୍ ଇଞ୍ଜିନ୍ ସରକାର ଆସୁଆସୁ ରାଜନୈତିକ ଅସୂୟାଗ୍ରସ୍ତ ହୋଇପଡ଼ି ପ୍ରଥମ ଦଫାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ପ୍ରବାଦ ପୁରୁଷ ବିଶ୍ୱବନ୍ଦ୍ୟ ବିଜୁ ବାବୁଙ୍କ ନାମକୁ ବାଦ୍ ଦେବାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ସେ ସବୁକୁ ବଳିଯାଇଛି ସରକାରୀ ପାଠ୍ୟପୁସ୍ତକରେ ଓଡ଼ିଶାର ସାହିତ୍ୟିକ, ସଂଗୀତଜ୍ଞଙ୍କୁ ବାଦ୍ ଦେବାର ଅକ୍ଷମଣୀୟ ତ୍ରୁଟି।

ଏବେ ଯେଉଁ ତ୍ରୁଟି(ବରଂ ଉଦ୍ଦେଶ୍ୟମୂଳକ ଷଡ଼ଯନ୍ତ୍ର କହିଲେ ଠିକ୍ ହେବ) ଟି ସାମ୍ନାକୁ ଆସିଛି ତାହା ଓଡ଼ିଆ ଜାତି, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରରଘାତ ଭଳି। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'କୃତି' ପୁସ୍ତକର ପୃଷ୍ଠା ୯୨ରେ 'ଦେଶଭକ୍ତି ସଂଗୀତ' ଶୀର୍ଷକ ବିଷୟବସ୍ତୁରେ ୫ଟି ଦେଶାତ୍ମବୋଧକ ସଂଗୀତ ସ୍ଥାନ ପାଇଛି। ସେଥିମଧ୍ୟରୁ ଗୋଟିଏ ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ମନସା ସତତଂ ସ୍ମରଣୀୟମ୍' ଥିବା ବେଳେ ଅନ୍ୟ ଚାରୋଟି ଓଡ଼ିଆ କବିତା ରହିଛି। କିନ୍ତୁ ବିଡ଼ମ୍ବନା ହେଲା କେବଳ ବଙ୍କିମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ଚାରୋଟି କବିତାର କବି କିଏ ତାହା ଉଲ୍ଲେଖ ନାହିଁ। ପ୍ରାତଃସ୍ମରଣୀୟ ଗୋଦାବରୀଶ ମିଶ୍ରଙ୍କ ରଚିତ କବିତାରେ ଏତେ ବନାନ ଅଶୁଦ୍ଧି ରହିଛି ଯେ ତାହା ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ ଭଳି। ସେହିପରି ପୃଷ୍ଠା ୯୪ରେ 'ପ୍ରେରଣା ଓ କଳ୍ପନା' ଶୀର୍ଷକ ବିଷୟରେ ସଙ୍ଗୀତକାର ଭାବରେ କେବଳ ରବୀନ୍ଦ୍ର ଜୈନଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ରହିଛି। ଓଡ଼ିଆ ସଙ୍ଗୀତକାରଙ୍କ ବିଷୟରେ ଜାଣିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଧିକାର ବହିର୍ଭୂତ ନା ତାହା ସ୍ଥାନିତ କରିବା ଅପରାଧ ବୋଲି ପୁସ୍ତକ ପ୍ରଣେତାମାନେ ବିଚାର କଲେ? ଏହା ଉଦ୍ଦେଶ୍ୟମୂଳକ ମାନବୀକୃତ ଷଡ଼ଯନ୍ତ୍ର କି ନୁହେଁ ସୁଧୀ ପାଠକବୃନ୍ଦ ବିଚାର କରିବେ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠ୍ୟପୁସ୍ତକରେ ପ୍ରତିଦିନ ନୂଆ ନୂଆ ତ୍ରୁଟି ସାର୍ବଜନିନ ହେଉଛି। ଏଭଳି ରାଶିରାଶି ତ୍ରୁଟିସମ୍ବଳିତ ପାଠ୍ୟପୁସ୍ତକରୁ ଓଡ଼ିଆ ପିଲାମାନେ କେତେ ଜ୍ଞାନ ଅର୍ଜନ କରିବେ, ଜାତୀୟସ୍ତରରେ କେତେ ପ୍ରତିଯୋଗୀକ୍ଷମ ହୋଇପାରିବେ ତାହା ଏକ ଗୁରୁତର ପ୍ରସଙ୍ଗ। କିନ୍ତୁ ସବୁଠାରୁ ଉଦ୍‌ବେଗଜନକ ଓ ସ୍ପର୍ଶକାତର ପ୍ରସଙ୍ଗଟି ହେଉଛି ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତିର ଭିତ୍ତିକୁ ଦୋହଲାଇ ଦେବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଛି ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ ଓଡ଼ିଆ ଇତିହାସ ଓ ସଂସ୍କୃତିକୁ ବିକୃତ କରିବା କିମ୍ବା ଗୌଣ କରିବାର ଷଡ଼ଯନ୍ତ୍ର ଆଜିର ନୁହେଁ। ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗରୁ ଓଡ଼ିଶାର ପାଇକ ବିଦ୍ରୋହ ବିଷୟକୁ ବାଦ୍ ଦିଆଯାଇଛି, ଅଥଚ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ତାହା ଦ୍ୱିତୀୟ ଭାଗରେ ସ୍ଥାନ ପାଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ସ୍ଥାନିତ ହୋଇଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ 'ଆଞ୍ଚଳିକ' ବର୍ଗରେ ସୀମିତ କରି ଜାତୀୟ ମାନ୍ୟତା ପ୍ରସଙ୍ଗକୁ ସମାଧି ଦିଆଯାଇଛି।

ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ଏବଂ ଓଡ଼ିଆ ପ୍ରାଣକୁ କ୍ଷତାକ୍ତ କରିବାର ଆଉ ଦୁଇ/ତିନିଟି ଉଦାହରଣ ନିଆଯାଉ।୧୮୯୯ ମସିହାରେ ମା'ରମାଦେବୀ, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମ। ଗତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦୋରର ପୂର୍ବତନ ମହାରାଣୀ ଅହଲ୍ୟାବାଇ ହୋଲ୍‌କରଙ୍କର ୩୦୦ତମ ଜନ୍ମବାର୍ଷିକୀ ପାଳନ କଲେ। ଅଥଚ ଓଡ଼ିଶାରେ ମହିଳା ସଶକ୍ତୀକରଣର ବାର୍ତ୍ତାବହ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା'ରମାଦେବୀ ଏବଂ ଦେଶମାତୃକା ପାଇଁ ହସିହସି ଫାଶୀଖୁଣ୍ଟରେ ଝୁଲିଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହେଲା ନାହିଁ। ସେହିପରି ନିକଟରେ ବଙ୍ଗୀୟ ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ଓଡ଼ିଶା ସରକାର ପାଳନ କଲେ। ଏଥିରେ ଆପତ୍ତି ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ବ୍ରିଟିଶରଙ୍କ ବିରୋଧରେ ବିପ୍ଳବର ମୂଳଦୁଆ ପକାଇଥିବା ଦେଶର ପ୍ରଥମ ସହିଦ ଓଡ଼ିଶାର ଜୟୀ ରାଜଗୁରୁଙ୍କ ସହିଦ ଦିବସ ପଶ୍ଚିମବଙ୍ଗବାସୀ ପାଳନ କରିବେ ତ? ଜୟୀ ରାଜଗୁରୁଙ୍କୁ ଯେଉଁ ବରଗଛରେ ଦୁଇଗୋଡ଼ ବାନ୍ଧି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ସେହି ରାଜ୍ୟର ମେଦିନୀପୁରର ବାଘତୋଟାରେ ଅଛି। ଅହଲ୍ୟାବାଈଙ୍କ ଜନ୍ମଜୟନ୍ତୀ ପାଳନ ବେଳେ ଓଡ଼ିଶାର ବୀରାରମଣୀ ରାଣୀ ଶୁକଦେଈଙ୍କ ଜନ୍ମ ଓ ପୁଣ୍ୟତିଥି ଜାତୀୟସ୍ତରରେ ପାଳନ ହେବ କି? ବିର୍ସାମୁଣ୍ଡାଙ୍କ ଭଳି ବୀର ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକ କେବେ ଜାତୀୟ ଗୌରବ ଲାଭ କରିବେ?

ଓଡ଼ିଆ ଅସ୍ମିତା ହନନର ତାଲିକା ପ୍ରସ୍ତୁତ କଲେ ଏବଂ ତ୍ରୁଟି ଖୋଜିଲେ କମଳର ଲୋମ ଗଣନା କରିବା ଭଳି ହେବ। ଏହାକୁ ତ୍ରୁଟି ବଦଳରେ ବରଂ ଓଡ଼ିଆ ସଂସ୍କୃତି ବିରୋଧରେ ଜଗନ୍ୟ ଷଡ଼ଯନ୍ତ୍ର କହିଲେ ଠିକ୍ ହେବ। ଓଡ଼ିଆପ୍ରାଣ ନାଗରିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ 'ଜଣେ ବଙ୍ଗାଳୀ କହିଥିଲେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ।' ଏବେ ବୋଧହୁଏ ସେହି ଉକ୍ତିକୁ ଚରିତାର୍ଥ କରିବା ସହିତ ଆଉ ଦୁଇପାଦ ଆଗକୁ ଯାଇ 'ଓଡ଼ିଆ ଏକ ସ୍ୱତନ୍ତ୍ର ସଂସ୍କୃତି ସ୍ୱତନ୍ତ୍ର ନୁହେଁ' ବୋଲି ପ୍ରମାଣ କରିବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଯାଇଛି।' ଓଡ଼ିଆ ପ୍ରାଣର ଏହି ଅବ୍ୟକ୍ତ ବେଦନା ରାଜ୍ୟ ସରକାର ଶୀଘ୍ର ଅନୁଭବ କଲେ ଓଡ଼ିଆ ଅସ୍ମିତା ଆହୁରି ଅପମାନିତ ହେବାରୁ ରକ୍ଷା ପାଇବ। ●

## ସାବଧାନ! ଦୁଃଶାସନ ବଞ୍ଚିଛି

ଡକ୍ଟର ଅବଣ ପରିଡ଼ା

ରାୟଗଡ଼ାରେ ଜଣୈକା ମହିଳା ଏନଜିଓ କର୍ମୀଙ୍କୁ ବିବସ୍ତ୍ର କରିବାର ଗଣଉଦ୍ୟମ ଭିଡ଼ହିଂସାର ଅନ୍ୟ ଏକ ଭୟଙ୍କର ରୂପ। ଏଥିରେ ଭିଡ଼ ମନସ୍ତତ୍ତ୍ୱ, ଗୁଜବ, ଭୁଲ ତଥ୍ୟ, ନୈତିକତା, ଚେତନା ଓ ପାଗଳାମି ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଉପାଦାନଗୁଡ଼ିକ ଅଛି। କିନ୍ତୁ ଏହି ଲଜ୍ଜାକର ଘଟଣାରେ ଦୁଇଟି ବିଚଳିତକାରୀ ବାସ୍ତବତା ମଧ୍ୟ ଅଛି, ଯାହା ଆମ ସଭ୍ୟସମାଜର ମୂଳଦୁଆକୁ ଦୋହଲାଇ ଦେଇଛି। ପ୍ରଥମଟି ହେଉଛି ଭିଡ଼ହିଂସା ବ୍ୟତୀତ ଏହା ଏକ ସାର୍ବଜନୀନ ସ୍ଥାନରେ ଯୌନ ହିଂସାର କାର୍ଯ୍ୟ। ଯେତେବେଳେ ଜଣେ ମହିଳାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ବିବସ୍ତ୍ର, ଅପମାନିତ ଓ ଆକ୍ରମଣ କରାଯାଏ, ସେତେବେଳେ ହିଂସା କେବଳ ଶରୀର ବିରୁଦ୍ଧରେ ନୁହେଁ, ବରଂ ମହିଳାଙ୍କ ମର୍ଯ୍ୟାଦା, ପରିଚୟ ଓ ମୌଳିକ ମାନବାଧିକାର ବିରୁଦ୍ଧରେ ମଧ୍ୟ ହୋଇଥାଏ। ଦ୍ୱିତୀୟଟି ଆହୁରି ଚିନ୍ତାଜନକ। ପୁଲିସର କହିବା ଅନୁଯାୟୀ ଏହି ଘଟଣାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଅଛି। ଏତେ ଛୋଟ ପିଲାମାନେ ଘୃଣା, ନିଷ୍ଠୁରତା କିମ୍ବା ସାର୍ବଜନୀନ ସ୍ଥାନରେ ଅନ୍ୟମାନଙ୍କୁ ଅପମାନିତ କରିବା କଥା ଶିଖିଲେ କେମିତି? ପରିବାର, ଶିକ୍ଷା, ସାମାଜିକ ଗଣମାଧ୍ୟମ ଓ ବୃହତ ସାମାଜିକ ପରିବେଶରୁ ସେମାନେ କ'ଣ ଏସବୁ ଶିଖୁଛନ୍ତି? ଏଠି ଜାଣି ରଖିବାକୁ ହେବ ଯେ ଯେଉଁଠି ନାବାଳକମାନେ ସାମୂହିକ ହିଂସାର ଅଂଶ ହୋଇଛନ୍ତି, ସେଠାରେ ଦୁଇଟି ବିଫଳତା ଆସେ। ପ୍ରଥମଟି ହେଉଛି ଆଇନ ଶୃଙ୍ଖଳା ନିୟନ୍ତ୍ରଣହୀନ ହୁଏ। ଦ୍ୱିତୀୟ ବିଫଳତା ହେଉଛି ନୈତିକ ଅଧୋପତନ ସହ ସାମାଜିକ ସଙ୍କଟ ମାଡ଼ି ଆସେ।

କିଛିଦିନ ତଳେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଏକ ତଥ୍ୟ ଅନୁଯାୟୀ ଓଡ଼ିଶାର ସାର୍ବଜନୀନ ସ୍ଥାନ ଏବଂ ରାସ୍ତାରେ ହୋଇଥିବା ଯୌନ ନିର୍ଯାତନା ମାମଲା ସଂଖ୍ୟା ଭାରତରେ ସର୍ବାଧିକ। ଆହୁରି ଚିନ୍ତାଜନକ କଥା ହେଉଛି ଯେ ମହିଳାମାନଙ୍କ ପୋଷାକ ଟାଣିବା, ଚିରିବା, ବିବସ୍ତ୍ର କରିବାରେ ଆମ ରାଜ୍ୟ ଦେଶର ଶୀର୍ଷରେ ରହିଛି। ସେହିପରି ମହିଳାଙ୍କ ମର୍ଯ୍ୟାଦାକୁ ଆଘାତ ଦେବା ମାମଲାରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଅଛି। ଏହି ସବୁ ତଥ୍ୟ ଦେଖିଲା ପରେ ସାର୍ବଜନୀନ ସ୍ଥାନରେ ଯୌନ ହିଂସା ଘଟଣାଗୁଡ଼ିକୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବା ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା କରାଯାଇଥିବା ପୃଥକ ଅପରାଧ ଭାବରେ ବିବେଚନା କରିବା ଉଚିତ୍ ନୁହେଁ। ଏଗୁଡ଼ିକ ଶ୍ରେଣୀ, ଜାତି ଓ ଶିକ୍ଷାଗତ ଯୋଗ୍ୟତାରେ ଆଉ ସୀମିତ ନାହିଁ। ବରଂ ସମାଜ ମଧ୍ୟରେ ଥିବା ଗଭୀର ସାମାଜିକ ଓ ମାନସିକ ସମସ୍ୟାର ଲକ୍ଷଣ ହୋଇସାରିଛି। ସମ୍ଭବତଃ, ଦୁଃଶାସନର ମାନସିକତା ଓ କୁରୁସଭାର ନିରବତା ଏବେ ବି ଆମ ଚାରିପାଖରେ ବଞ୍ଚିରହିଛି।

ସାର୍ବଜନୀନ ଯୌନ ହିଂସା ଅଧିକାଂଶ କ୍ଷେତ୍ରରେ ଯୌନ ଇଚ୍ଛା ବିଷୟରେ ହୋଇ ନ ଥାଏ। ସାର୍ବଜନୀନ ବିବସ୍ତ୍ରୀକରଣ କିମ୍ବା ଯୌନ ନିର୍ଯାତନା ପ୍ରାୟତଃ ମହିଳାମାନଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ। ଆମ ସମାଜରେ ମହିଳାଙ୍କ ଗରିମା ସହିତ ଶାଳୀନତା ଦୃଢ଼ ଭାବରେ ଜଡ଼ିତ। ତେଣୁ ଆକ୍ରମଣକାରୀମାନେ ଜାଣନ୍ତି ଯେ ସାର୍ବଜନୀନ ଅପମାନ ହିଁ ମହିଳାଙ୍କୁ ଗଭୀର ଭାବପ୍ରବଣ ଆଘାତ ସୃଷ୍ଟି କରିପାରିବ। ବିବାଦ ସମାଧାନ କରିବା, କ୍ରୋଧ ପ୍ରକାଶ କରିବା, ଦଣ୍ଡ ଦେବା କିମ୍ବା ନିୟନ୍ତ୍ରଣ ଜାହିର କରିବା ପାଇଁ ଅନେକ ମହିଳାଙ୍କ ଶରୀର ଏକ ପ୍ରତୀକାତ୍ମକ ଯୁଦ୍ଧକ୍ଷେତ୍ର ହୋଇସାରିଛି। ମହିଳାଙ୍କ ସାର୍ବଜନୀନ ବିବସ୍ତ୍ରୀକରଣ ହେଉଛି ଦଣ୍ଡର ଏକ ଅଂଶ, ଯେଉଁଠି ସେମାନଙ୍କୁ ଅପମାନିତ କରାଯାଇପାରିବ ଏବଂ ତାହା ସହିତ ପୁରୁଷ ନିଜ ପ୍ରାଧାନ୍ୟ ମଧ୍ୟ ପ୍ରଦର୍ଶିତ କରିପାରିବେ। ଠିକ୍ ଯେମିତି କୁରୁସଭାରେ ଦ୍ରୌପଦୀଙ୍କୁ ବସ୍ତ୍ରହରଣ କରି ଏକପ୍ରକାର ଦଣ୍ଡ ଦିଆଯାଇଥିଲା।

ଆଉ ଏକ ଅସହଜ କଥା ହେଉଛି ଯେ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ଅଭିଯୁକ୍ତ ମହିଳାମାନଙ୍କୁ ନିବସ୍ତ୍ର କରିବା ବା ଉଲଗ୍ନ କରି ଚଲେଇବା ହେଉଛି ଓଡ଼ିଶାରେ ଏକ ସାଧାରଣ ଘଟଣା। ଅନେକ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରି କାର୍ଯ୍ୟଗୁଡ଼ିକୁ ଲିଙ୍ଗଗତ ହିଂସାର ନିଷ୍ଠୁର ରୂପ ଭାବରେ ସ୍ୱୀକୃତି ଦିଆ ଯାଏନାହିଁ; ବରଂ ଆମେ ଏହାକୁ ସାଂସ୍କୃତିକ ପ୍ରଥା, ଅନ୍ଧବିଶ୍ୱାସ କିମ୍ବା ଉପସାଂସ୍କୃତିକ ପରମ୍ପରା ଭାବରେ ଯୁକ୍ତିଯୁକ୍ତ କରିଦେଉ। ସମାଜଶାସ୍ତ୍ର ଅନୁସାରେ, ଯେତେବେଳେ ଏକ ସମାଜ ଏପରି ପ୍ରଥା ବିରୁଦ୍ଧରେ ଦୃଢ଼ ନୈତିକ ପ୍ରତିବନ୍ଧକ, ସାମୂହିକ ନିନ୍ଦା ଏବଂ କଠୋର ଦଣ୍ଡ ଲାଗୁ କରିବାରେ ବିଫଳ ହୁଏ, ସେତେବେଳେ ଅଜାଣତରେ ମହିଳାଙ୍କ ସାର୍ବଜନୀନ ଅପମାନକୁ ଦଣ୍ଡର ଏକପ୍ରକାର ବୈଧ କରିଥାଏ। ଏହାର ପରିଣାମ ଆଜି ଦୃଶ୍ୟମାନ। ଡକ୍ଟର ଫିଓନା ଭେରା-ଗ୍ରେଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାର୍ବଜନୀନ ଯୌନ ଉତ୍ପୀଡ଼ନ ପୃଥକ ଘଟଣାଗୁଡ଼ିକର ଏକ ସଂଗ୍ରହ ନୁହେଁ; ବରଂ ଦୈନନ୍ଦିନ ସାମାଜିକ ଜୀବନରେ ସନ୍ନିହିତ ଗଭୀର ସଂରଚନିକ ଅସମାନତାର ପ୍ରତିଫଳନ।

ରାୟଗଡ଼ା ଭିଡ଼ ଆକ୍ରମଣରେ ନାବାଳକମାନଙ୍କ ସମ୍ପୃକ୍ତି ସୂଚାଇ ଦେଉଛି ଯେ ହିଂସା ଆଉ ବୟସ୍କମାନଙ୍କ ମଧ୍ୟରେ ସୀମିତ ନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ନାବାଳକ ଅପରାଧ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ୧ ହଜାରରୁ ଅଧିକ ବଳାତ୍କାର ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ସମସ୍ତ ନାବାଳକଙ୍କ ମଧ୍ୟରୁ ପ୍ରାୟ ୭୮ ପ୍ରତିଶତ ୧୬ ରୁ ୧୮ ବୟସ ବର୍ଗର। ଏଥିରେ ଅନ୍ୟ ବର୍ଗଟି ଥିଲା ୧୨ ରୁ ୧୬ ବର୍ଷ ମଧ୍ୟରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହି ସଂଖ୍ୟାଗୁଡ଼ିକ ଆମ ବିଶ୍ୱାସକୁ ଏକପ୍ରକାର ଭାଙ୍ଗି ଦେଉନି କି? ସାମାଜିକ ଶିକ୍ଷା ତତ୍ତ୍ୱ କୁହେ ଯେ ଯୁବପିଢ଼ି ପ୍ରାୟତଃ ପ୍ରଭାବଶାଳୀ ବୟସ୍କଙ୍କୁ ନିରୀକ୍ଷଣ ଏବଂ ଅନୁକରଣ କରି ଆଚରଣ ଶିଖନ୍ତି। କିନ୍ତୁ ଏବେ ନାବାଳକମାନେ କେବଳ ନିର୍ଦ୍ଦୋଷ ଦର୍ଶକ ହୋଇ ରହିନାହାନ୍ତି; ସେମାନେ ଅଭିଯୁକ୍ତ, ଅପରାଧୀ। ଏହାର ଅର୍ଥ ଆମର ସାମାଜିକୀକରଣ, ଲାଳନପାଳନ ଓ ପାରିବାରିକ ପରିବେଶ ଏକ ଭଲ ଚରିତ୍ର ଗଠନ ପାଇଁ ଯଥେଷ୍ଟ ଅନୁକୂଳ ହେଉନି। ଅନେକ ଗବେଷଣା ଅନୁଯାୟୀ ଦାରିଦ୍ର୍ୟ ବ୍ୟତୀତ ପିତାମାତାଙ୍କ ନିଶାଦ୍ରବ୍ୟ ସେବନ, ପିତାମାତାଙ୍କ ଦୁଃବ୍ୟବହାର ଏବଂ ତଦାରଖର ଅଭାବ ଦ୍ୱାରା ନାବାଳକମାନେ ଭୁଲ ବାଟକୁ ଯାଉଛନ୍ତି।

ଆମେ ଜାଣୁ ଯେ ଭିଡ଼ ହିଂସା ସମୟରେ ବ୍ୟକ୍ତିଗତ ନୈତିକ ଦାୟିତ୍ୱ ଦୁର୍ବଳ ହୋଇଯାଏ। ଯାହାକୁ ମନସ୍ତତ୍ତ୍ୱବିତ୍‌ମାନେ 'ଦାୟିତ୍ୱର ପ୍ରସାରଣ' ବୋଲି କୁହନ୍ତି। ଜଣେ କିଶୋର ଯିଏ କେବେବି ଏକାକୀ ହିଂସା କରିପାରିବ ନାହିଁ, ଯଦି ସେ ଆକ୍ରମଣାତ୍ମକ ଭିଡ଼ ମଧ୍ୟରେ ରହେ ତେବେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇଯାଏ। ଆଉ ଗୋଟିଏ ତତ୍ତ୍ୱ କୁହେ ଯେ ଯୌନଗତ ଆଚରଣ ଓ ଦଳଗତ ଆଚରଣ ସମୟରେ ପୁରୁଷଙ୍କ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ ହୋଇଥାଏ। ଆମେ ରହୁଥିବା ସମାଜ ପୁରୁଷଙ୍କଠାରୁ ଯେଉଁ ଗୁଣ ଏବଂ ଆଚରଣ ଆଶା କରେ ତାହା ହେଉଛି ପୁରୁଷତ୍ୱ। ପରିବାର, ସମ୍ପ୍ରଦାୟ, ଗଣମାଧ୍ୟମ ଓ ଶିକ୍ଷା ମାଧ୍ୟମରେ ଯୁବାବସ୍ଥାରୁ ପୁରୁଷତ୍ୱର ଶିକ୍ଷା ଦିଆଯାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ କାଟୁଥିବା ଆମ କିଶୋର ପୁଅମାନେ ପୁରୁଷତ୍ୱ ବିଷୟରେ କ'ଣ ଶିଖୁଛନ୍ତି? ଏହାକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡିଜିଟାଲ ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ପାରମ୍ପରିକ ପୁରୁଷତ୍ୱର ପ୍ରଚାର ଅଧିକ। ଶାରୀରିକ ଶକ୍ତି, ଧନୀ, ଆବେଗହୀନ ଓ ନିଜ ଭାବନା ଉପରେ ନିୟନ୍ତ୍ରଣକୁ ପ୍ରକୃତ ପୁରୁଷ ଗୁଣ ଭାବରେ ଉପସ୍ଥାପନ କରାଯାଉଛି। ଏପରିକି ମହିଳାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ଜଣେ ଶକ୍ତ ପୁରୁଷର ଗୁଣ ବୋଲି ଅନେକ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁର ପ୍ରକାଶ ପାଉଛି।

ନିର୍ଭୟା ପରି ଏକ ହାଇ-ପ୍ରୋଫାଇଲ୍ ଅପରାଧ ଓ ଦଣ୍ଡ ପରେ ଆଶା କରାଯାଉଥିଲା ଯେ ସାର୍ବଜନୀନ ଯୌନ ହିଂସା କମିଯିବ। କିନ୍ତୁ ବିଡ଼ମ୍ବନା ଯେ ଏହା କୌଣସି ପ୍ରକାରର ଆଇନଗତ ସଚେତନତା କିମ୍ବା ଆଚରଣଗତ ପରିବର୍ତ୍ତନ ଆଣିଲାନାହିଁ। ତେଣୁ ଏବେ ରାୟଗଡ଼ା ଘଟଣା ଆମ ପାଖେ ସେହି ଜଟିଳ ପ୍ରଶ୍ନ ଛାଡ଼ି ଯାଇଛି। ଆଇନର ଦଣ୍ଡ, ସଚେତନତା କ'ଣ ସତରେ ଆମ ଆଚରଣ ଓ ମାନସିକତାକୁ ପରିବର୍ତ୍ତନ କରିପାରିବ? ଯେତେବେଳେ ନାବାଳକମାନେ ସାର୍ବଜନୀନ ଯୌନ ହିଂସାରେ ଅଧିକ ଅଂଶଗ୍ରହଣ କରୁଛନ୍ତି, ଏହା ପରିବାର, ବିଦ୍ୟାଳୟ, ସମ୍ପ୍ରଦାୟ ଓ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ବିଫଳତାକୁ ପ୍ରକାଶ କରୁନାହିଁ କି? ସମ୍ଭବତଃ ଏଥିରେ ମହିଳାମାନଙ୍କ ପ୍ରତି ମର୍ଯ୍ୟାଦା, ସହାନୁଭୂତି ଓ ସମ୍ମାନର ମୂଲ୍ୟାଙ୍କନ କମ୍ କରାଯାଉଛି ଏବଂ ଦୁଃଶାସନର ମାନସିକତା ଲୁଚି ରହିଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବଦଳୁଛି ବଜାର କୌଶଳ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ଉତ୍ପାଦଗୁଡ଼ିକର ଅନଲାଇନ୍ ବିକ୍ରି ଦୀର୍ଘ ଦିନରୁ ଚାଲିଆସୁଛି। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଏଥିରେ ପ୍ରବଳ ଅଭିବୃଦ୍ଧି ଦେଖାଦେଲା। ସେତିକିବେଳେ ଲୋକମାନେ ବୁଝିପାରିଲେ ଯେ ଯୋଗାଣ ଶୃଙ୍ଖଳା ପରିଚାଳନା(ସପ୍ଲାଇଚେନ୍ ମ୍ୟାନେଜମେଣ୍ଟ) କିପରି ଯାଦୁ କରିପାରେ। ଆଜି ଦେଶର ଯେକୌଣସି କୋଣରୁ ଯେକୌଣସି ସାମଗ୍ରୀ କିଣାବିକା କରାଯାଇପାରୁଛି ଏବଂ ଇ-କମର୍ସ କମ୍ପାନୀଗୁଡ଼ିକ ଏହି ଚମତ୍କାର କରୁଛନ୍ତି। ସେମାନେ ସାରା ବିଶ୍ୱରେ ବ୍ୟାପାର କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି।

ଏହା ଏଭଳି ଏକ ବ୍ୟବସାୟ, ଯେଉଁଠାରେ ଗ୍ରାହକ ବିକ୍ରେତାଙ୍କ ବିଷୟରେ ଜାଣି ନ ଥା'ନ୍ତି। କିନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତାଙ୍କୁ ସଠିକ୍ ଜିନିଷ ସଠିକ୍ ମୂଲ୍ୟରେ ଉପଲବ୍ଧ ହେଉଛି। ଯଦି ପସନ୍ଦ ନ ହେଲା ତେବେ ସାମଗ୍ରୀ ଫେରସ୍ତର ସୁବିଧା ମଧ୍ୟ ଅଛି। ଏହାବ୍ୟତୀତ ଗ୍ରାହକ ଜାଣନ୍ତି ଯେ ସାମଗ୍ରୀ ବାବଦକୁ ସେ ଦେଉଥିବା ଟଙ୍କା ସୁରକ୍ଷିତ। ଏମାନଙ୍କର ଡେଲିଭରି ବା ଯୋଗାଣ ମଧ୍ୟ ଅତ୍ୟନ୍ତ ଦ୍ରୁତ ଓ ସମୟାନୁବର୍ତ୍ତୀ। ଏହା ଏମିତି ଏକ ଦୁନିଆ, ଯେଉଁଠି ଗ୍ରାହକ ହିଁ ରାଜା। କାରଣ ତାଙ୍କୁ ଗୋଟିଏ ଜିନିଷ ପାଇଁ ଶହ ଶହ ବିକଳ୍ପ ମିଳିଥାଏ। ଏହି କାରଣରୁ ୨୦୨୪ରେ ଭାରତର ଇ-କମର୍ସ ବଜାର ୧୪୭.୩ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏଥିରେ ୧୮.୭ ପ୍ରତିଶତ ବୃଦ୍ଧି ଘଟିଛି। ଆମାଜନ, ଫ୍ଲିପକାର୍ଟ, ମାୟନ୍ତ୍ରା, ଜିଓ ମାର୍ଟ, ଟାଟା କ୍ଲିକ୍ ଭଳି କମ୍ପାନୀଗୁଡ଼ିକ ଏକ୍ଷେତ୍ରରେ କୋଟି କୋଟି ଟଙ୍କାର ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ସେମାନଙ୍କ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି।

ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଶସ୍ତା ହେବା ଯୋଗୁଁ ଲୋକଙ୍କ ଚିନ୍ତାଧାରା ଓ କିଣାବିକା କରିବାର ଶୈଳୀ ବଦଳିଛି, ଯାହା ଫଳରେ ଏହି ବଜାର ଦ୍ରୁତଗତିରେ ବଢ଼ୁଛି। ଏହି କମ୍ପାନୀଗୁଡ଼ିକ ଛୁଞ୍ଚିଠାରୁ ଆରମ୍ଭ କରି ମୋଟର କାର୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ବିକ୍ରି କରୁଛନ୍ତି। ଏବେ ଏହି ବଜାର ଛୋଟ ସହର, ଗାଁ ଗହଳି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ଆଶା କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତରେ ଇ-କମର୍ସର ୪୦ କୋଟି ଗ୍ରାହକ ହେବେ। ୨୦୩୦ ସୁଦ୍ଧା ଏମାନଙ୍କର ମୋଟ ବିକ୍ରି ୨୫୦ରୁ ୩୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାର ସକାରାତ୍ମକ ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିଛି।

ସ୍ୱଦେଶୀ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଏକ ବହି ଦୋକାନ ଭାବେ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଅନଲାଇନ୍ ବଜାର ଭାବେ ବିକଶିତ ହେଲା। ଏହା 'କ୍ୟାଶ୍ ଅନ୍ ଡେଲିଭରି' ଭଳି କ୍ରାନ୍ତିକାରୀ ସୁବିଧା ଆରମ୍ଭ କରିଥିଲା, ଯାହା ଅନଲାଇନ୍ ସପିଂକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ବ୍ୟାପାରର ଏହି ଖେଳରେ ଏବେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ୁଛନ୍ତି। ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ ଭଳି କମ୍ପାନୀଗୁଡ଼ିକ ମିନିଟ୍ ମଧ୍ୟରେ ଗ୍ରାହକଙ୍କ ଘରେ ଜରୁରୀ ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳସ୍ୱରୂପ, ସେମାନେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକୁ କଡ଼ା ଟକ୍କର ଦେଉଛନ୍ତି। ସେମାନଙ୍କ କାରବାର ବାର୍ଷିକ ୪୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି ଏବଂ ମୋଟାମୋଟି ଆକଳନ ଅନୁଯାୟୀ, ଚଳିତ ବର୍ଷ ସେମାନଙ୍କର ମୋଟ କାରବାର ପ୍ରାୟ ୭ ବିଲିୟନ ଡଲାରରେ ପହଞ୍ଚିଯିବ।

କର୍ଣ୍ଣେଲ ଏସସି ଜନସନଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ କ୍ୱିକ୍-କମର୍ସ କାରବାର ଚଳିତ ବର୍ଷ (୨୦୨୬) ବଢ଼ି ୬୫, ୬୪୫.୪୦ କୋଟି ଟଙ୍କା ହୋଇଯାଇଛି। ୨୦୨୨ ତୁଳନାରେ ଏହି ଅଭିବୃଦ୍ଧି ୨୪ ଗୁଣ ଅଧିକ। ବେନ୍ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଦର୍ଶାଉଛି ଯେ ୨୦୨୪ରେ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର ଅର୍ଡର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଦେଶର ମୋଟ ଅନଲାଇନ୍ ଗ୍ରୋସରୀ ଅର୍ଡରର ଦୁଇ-ତୃତୀୟାଂଶ କ୍ୱିକ୍-କମର୍ସ ପ୍ଲାଟଫର୍ମରୁ ହୋଇଥିଲା। ଇ-କମର୍ସ ବଜାରରେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ନିଜର ପ୍ରଭାବ ଦୃଢ଼ କରିଚାଲିଛନ୍ତି। ଆମର ଇ-କମର୍ସ ଦେଶର ଦୃଢ଼ତା, ନବସୃଜନ ଓ ଉଦ୍ୟମଶୀଳତାର ଏକ ପ୍ରମାଣ। ଆମାଜନ ଓ ଫ୍ଲିପକାର୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ଲାଟଫର୍ମ ବଜାର ପରିସର ବୃଦ୍ଧି କରିବାରେ ନିଜର ଅନନ୍ୟ ଅବଦାନ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଉଛି ଏହି କମ୍ପାନୀଗୁଡ଼ିକ ବ୍ୟାପକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପିଆଇଏଫ୍ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଗତ ବର୍ଷ ୧.୫୮ କୋଟି ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେଥିମଧ୍ୟରେ ୩୫ ଲକ୍ଷ ମହିଳା ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଇ-କମର୍ସ କମ୍ପାନୀଗୁଡ଼ିକ ସାଧାରଣ ବ୍ୟବସାୟୀ ତୁଳନାରେ ୫୪ ପ୍ରତିଶତ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକରେ ଗ୍ରାହକ ହାରାହାରି ୫, ୦୦୦ ଟଙ୍କାରୁ ଅଧିକ ଅନଲାଇନ୍ କିଣାବିକା କରୁଛନ୍ତି, ଯାହା ବଡ଼ ସହର ଅପେକ୍ଷା ଅଧିକ। ଇ-କମର୍ସ କମ୍ପାନୀଗୁଡ଼ିକ ଡେଲିଭରି ବୟ ସହିତ ଦକ୍ଷ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକ ୱେୟାର ହାଉସିଂ, ଲଜିଷ୍ଟିକ୍ସ, ଡିଜିଟାଲ୍ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଫାଇନାନ୍ସ ଇତ୍ୟାଦି କ୍ଷେତ୍ରରେ ବହୁଳ ପରିମାଣରେ ରୋଜଗାର ପ୍ରଦାନ କରୁଛନ୍ତି। ଆଗାମୀ ସମୟରେ ଏହି କ୍ଷେତ୍ରରେ କାରବାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ଆହୁରି ବଢ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅତ୍ୟନ୍ତ ସୁନିୟୋଜିତ ଭାବେ କାର୍ଯ୍ୟ କରୁଛନ୍ତି।

ଆଜି ଇ-କମର୍ସ ଓ କ୍ୱିକ୍-କମର୍ସ କେବଳ ସାମଗ୍ରୀ କିଣାବିକାର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଅର୍ଥନୀତିର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହୋଇଛି। ଗ୍ରାହକଙ୍କୁ ରାଜାର ସମ୍ମାନ ଦେବା ସହିତ ଏହି ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷ କରି ମହିଳାମାନଙ୍କୁ, ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସ୍ୱାବଲମ୍ବୀ କରିପାରିଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳାର ସଠିକ୍ ପରିଚାଳନା ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ବଜାରରେ ପରିଣତ କରିବାର ସାମର୍ଥ୍ୟ ରଖେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଲ୍ୟାଣମୁଖୀ ଅର୍ଥନୀତିର ବ୍ୟାଖ୍ୟାକର: ବୈଦ୍ୟନାଥ ମିଶ୍ର

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଜଣେ ଅର୍ଥନୀତିର ତତ୍ତ୍ୱ ଜାଣିଲେ ଅର୍ଥନୀତିଜ୍ଞ ହୋଇପାରନ୍ତି। ମାତ୍ର ସେହି ତତ୍ତ୍ୱ ଲୋକମଙ୍ଗଳ ସକାଶେ ଅଭିପ୍ରେତ ବୋଲି ଯେଉଁମାନେ ହୃଦୟଙ୍ଗମ କରିପାରିବାର ସହାନୁଭୂତିରେ ଆପ୍ଲୁତ ସେମାନେ ହିଁ ସର୍ଜନା କରିପାରନ୍ତି ହୃଦୟସ୍ପର୍ଶୀ ସାହିତ୍ୟ। ପୁଣି ଯାହାର ମୂଳଲକ୍ଷ୍ୟ ଲୋକହିତ ସାଧନ, ତାହାକୁ ବୋଧଗମ୍ୟ ଭାଷାରେ ପ୍ରକାଶ କରିବା ହିଁ ପ୍ରକୃତ ବିଦ୍ୱାନବ୍ୟକ୍ତିଙ୍କ ପ୍ରତିଭାର ପରିଚାୟକ। ଏ ପରିପ୍ରେକ୍ଷୀରେ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ନିଶ୍ଚୟ। ଅର୍ଥନୀତିର ଜଟିଳ ତତ୍ତ୍ୱକୁ ଆଧାର କରି ଯେ ଆକର୍ଷଣୀୟ ସାହିତ୍ୟ ସର୍ଜନା ସମ୍ଭବ - ଏହା ସେ ପ୍ରମାଣିତ କରିଦେଲେ ଆନ୍ତରିକ ସାଧନା ଦ୍ୱାରା। ଅର୍ଥନୈତିକ ବିଚାରଧାରାକୁ କେନ୍ଦ୍ର କରି ସରଳ ଭାଷାରେ ସେ ଯେଉଁ ପ୍ରବନ୍ଧ ରଚନା କଲେ ତାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଖପାଠ୍ୟ ହେବା ସହିତ ପାଠକୀୟ ଚେତନାକୁ ସାମାଜିକ କଲ୍ୟାଣ ଅଭିମୁଖୀ କରିଦେଲା। ପୁଞ୍ଜିବାଦ କହିଲେ କ'ଣ, ସାମ୍ୟବାଦର ବିଶେଷତ୍ୱ ଓ ମହାତ୍ମା ଗାନ୍ଧୀଙ୍କ ଅର୍ଥନୀତିର ନୈତିକ ଦିଗଗୁଡ଼ିକର କି ମାର୍ମିକ ଉପସ୍ଥାପନ କରିଦେଲେ ସେ!

ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଯେକୌଣସି ବ୍ୟକ୍ତିର ଅଧିକାରଭୁକ୍ତ। କିନ୍ତୁ ସ୍ୱଅର୍ଜିତ ବିପୁଳ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ନିଜର ଭୋଗବିଳାସ ପାଇଁ କେହି ବିନିଯୋଗ କରିପାରିବ ସ୍ୱାଧୀନ ଭାବରେ - ଏ ଅଧିକାର ତା'ର ରହିବା ଉଚିତ ନୁହେଁ। ଏ କଥା ମହାତ୍ମା ଗାନ୍ଧୀ ଯେଭଳି ସୁସ୍ପଷ୍ଟ ଭାବରେ ଅବତାରଣା କଲେ ସମଗ୍ର ପୃଥିବୀରେ ତା'ର ତୁଳନା ନାହିଁ। ସ୍ୱଚ୍ଛନ୍ଦ ସାଂସାରିକ ଜୀବନ ଅତିବାହିତ କରିବା ସକାଶେ ଆବଶ୍ୟକ ଅର୍ଥରାଶିକୁ କେବଳ ନିଜ ନିକଟରେ ରଖି ବଳକା ଅର୍ଥ ସମାଜର ଅନଗ୍ରସର ଲୋକଙ୍କ ପାଇଁ ସ୍ୱଇଚ୍ଛାରେ ଦାନ କରିବେ। ଫଳରେ ଏହି ଶ୍ରେଣୀର ବ୍ୟକ୍ତିବୃନ୍ଦ ହେବେ ସମାଜର ଟ୍ରଷ୍ଟି। କଥାଟି ଶୁଣିବା ପାଇଁ ଅତ୍ୟନ୍ତ ସୁଖକର। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ଯେ ଅସମ୍ଭବ - ଏହି ବିଷୟକୁ ନେଇ ଗାନ୍ଧିଜୀ ସମାଲୋଚନାର ଶରବ୍ୟ ହୋଇଛନ୍ତି। କିଏ କାହିଁକି ସ୍ୱଇଚ୍ଛାରେ କଷ୍ଟାର୍ଜିତ ଧନ ଦାନ କରିବେ? କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିକୁ ବିସ୍ତୃତ ଭାବରେ ବୈଦ୍ୟନାଥ ମିଶ୍ର ବ୍ୟାଖ୍ୟା କରିଦେଇଛନ୍ତି। ବାସ୍ତବିକ ଧନିକ ସମ୍ପ୍ରଦାୟକୁ ସମ୍ବେଦନଶୀଳ ହେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ସ୍ୱଇଚ୍ଛାରେ ଟ୍ରଷ୍ଟି ହେବାକୁ ଅନିଚ୍ଛୁକଙ୍କ ପ୍ରତି ପ୍ରଯୁଜ୍ୟ ହେବ ଗାନ୍ଧିଜୀଙ୍କ ଅମୋଘ ଅହିଂସ ଅସ୍ତ୍ର 'ଅସହଯୋଗ'। ସମାଜର ସହଯୋଗରେ ହିଁ ଜଣେ ଧନ ଉପାର୍ଜନ କରିଥାଏ। ଯଦି ସେଥିରୁ ଉଦ୍‌ବୃତ୍ତ ଅର୍ଥ ସେ ସାମାଜିକ ବିକାଶ ପାଇଁ ବିନିଯୋଗ କରିବାରେ କୁଣ୍ଠିତ, ସମାଜ ତା'କୁ କାହିଁକି ସମର୍ଥନ କରିବ? ଯେଉଁ ଅପରାଜେୟ ବ୍ରିଟିଶ ଶାସକକୁ ଅସହଯୋଗ ବଳରେ ହିଁ ଦୁର୍ବଳ କରିଦେଇଥିଲେ ଗାନ୍ଧିଜୀ, ସେହି ଶକ୍ତିଶାଳୀ ନୀତି ସମାଜରେ କାର୍ଯ୍ୟକ୍ଷମ ହେବ ନାହିଁ କାହିଁକି? ଅସହଯୋଗର ପ୍ରଭାବ ଅନ୍ୟ କୌଣସି ମତବାଦଠାରୁ କେତେ ବାସ୍ତବଧର୍ମୀ ତାହା ବୈଦ୍ୟନାଥ ମିଶ୍ର ବଳିଷ୍ଠ ଭାବରେ ପ୍ରତିପାଦନ କରିଦେଲେ।

ପ୍ରଫେସର ମିଶ୍ର ସମାଜର ତଳସ୍ତରରୁ ଆସିଥିବାରୁ ଦେଶର ଦାରିଦ୍ର୍ୟ ଦୂରୀକରଣ କେଉଁ ଅର୍ଥନୀତିର ଆଦର୍ଶ ବଳରେ ସମ୍ଭବ, ତାହା ଗଭୀର ଭାବରେ ଚିନ୍ତା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରସଙ୍ଗଗୁଡ଼ିକର ଚିତ୍ତାକର୍ଷକ ବର୍ଣ୍ଣନା ସାଧାରଣ ପାଠକବର୍ଗ ମଧ୍ୟରେ ବି ସକାରାତ୍ମକ ଚିନ୍ତନକୁ ପ୍ରଶସ୍ତ କରି ଦେଇପାରେ। ତା' ମଧ୍ୟରେ ଅନ୍ତର୍ଭୁକ୍ତ 'ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ', 'ଭାରତର ଆର୍ଥନୀତିକ ସମସ୍ୟା', 'ଆର୍ଥନୀତିକ ଯୋଜନା', 'ଶାସନ ଓ ସଂସ୍କାର', 'ସମାଜବାଦ ଓ ଗଣତନ୍ତ୍ର', 'ସାମାଜିକ ମୂଲ୍ୟବୋଧ', 'ରାଜନୀତିର ସୁଖ ଓ ଦୁଃଖ', 'ଚନ୍ଦ୍ରଲୋକରେ ଚହଲ' ଆଦି ଅନେକ ପୁସ୍ତକ। ଜୀବନରେ ଶିକ୍ଷା, ସମାଜ, ରାଜନୀତି କ୍ଷେତ୍ରରେ ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଦରିଦ୍ରମାନଙ୍କ ପ୍ରତି ପ୍ରକାଶିତ ସହାନୁଭୂତି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଛଦ୍ମତାର ଆବିଳତା, ସେଥିରେ ସେ ପୀଡ଼ାଗ୍ରସ୍ତ ହୋଇଛନ୍ତି। ରାଜନୈତିକ ଜୀବନରେ ଯେଉଁସବୁ ତିକ୍ତ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି, ତାହାକୁ ନିଷ୍କପଟ ଭାବରେ ଖବରକାଗଜରେ ବ୍ୟକ୍ତ କରିଛନ୍ତି। ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବାର ବିଶିଷ୍ଟ ବ୍ୟକ୍ତିଙ୍କ ଅନାନ୍ତରିକତା ତାଙ୍କୁ ଆହତ କରିଛି ଗଭୀର ଭାବରେ। ଦାରିଦ୍ର୍ୟ ନିପୀଡ଼ିତ ସମାଜ ପ୍ରତି ସହାନୁଭୂତି ବ୍ୟକ୍ତ ଲକ୍ଷ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଉଦବେଗ ସୃଷ୍ଟିକାରୀ ଉଦବୋଧନ କେତେ ଶଠତାପୂର୍ଣ୍ଣ, ତାହା ନିର୍ଭୀକ ଭାବରେ ବର୍ଣ୍ଣନା କରିଦେଇଛନ୍ତି।

ଯେଉଁ ଯୁବସମାଜ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଅସମ୍ଭବ ନୁହେଁ ବୋଲି ଅନୁଭବ କରିପାରନ୍ତି ଏବଂ ସ୍ୱଦେଶର ଯଥାର୍ଥ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପୁସ୍ତକାବଳୀ ଶ୍ରେଷ୍ଠ ପ୍ରେରଣା-ପ୍ରଦାନ -କ୍ଷମ ଏକ ଏକ ଆଲୋକବର୍ତ୍ତିକା ଭାବେ ବିଦ୍ୟମାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## WALK IN INTERVIEW

Wanted Teaching Guest Faculties for **Logic, Sanskrit, Odia, Education, Commerce, I.T.** subjects and Library Attendant (one in each) will be held in the office of the undersigned at **09:00 a.m. on 30/06/2026**. Interested candidates having minimum **55% of marks** in concerned subjects (Teaching) in **Master Degree level** & **+2 Passed** qualification for Library Attendant should attend the interview with their **Resume, original photo** copies testimonials.

**Principal**
**RAGHUNATHJEW H.S SCHOOL**
**DEULASAHI, CUTTACK-753008.**

## GOVERNMENT OF ODISHA
## TOURISM DEVELOPMENT OFFICE, PURI

24001/248/2627

**No. Acct. TDOP-39/26-1403/TDO, Puri, Date: 24.06.2026**
**Email: oritourpuri@gmail.com, Tel No.: 06752-222664**

## SHORT TENDER CALL NOTICE

Tourism Development Office, Puri on behalf of Department of Tourism, Government of Odisha, Bhubaneswar invites tender in sealed covers from intending Agencies/Firms/Event Managers for installation of Temporary Tourism Information Stalls at different places of Puri in connection with Car Festival, 2026. Detailed information is available on the Puri District website: **https://puri.odisha.gov.in.**

**OIPR-24001/24409/1/26-27/0001** **Sd/- Asst. Director, Tourism**

GOVERNMENT OF ODISHA — 25001/504/2627

### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

**Lt. No. 4502 / Dt. 22.06.2026**

**1st Corrigendum to Bid Identification No. Online – EERKL-15/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online – EERKL-15/2026-27 by the Executive Engineer, Rural Works Division-II, Sundargarh, the date of online bidding and opening, which was scheduled from 19.06.2026 to 30.06.2026, is hereby extended as follows:

| Availability of Tender Online (From) | | Last Date & Time of Seeking Tender Clarification | Date & time of Opening of Tender (Technical Bid) |
|---|---|---|---|
| FROM | TO | | Online-EERKL-15/2026-27 |
| 24.06.2026 at 10.00 AM | 02.07.2026 up to 5.00 P.M. | 01.07.2026 up to 5.00 P.M. | 03.07.2026 at 11.00 A.M. |

**Executive Engineer**
**R.W. Division-II, Sundargarh**
**OIPR-25001/25193/1/26-27/0023**

GOVERNMENT OF ODISHA — 34001/389/2627

### OFFICE OF THE SUPERINTENDING ENGINEER,
### JEYPORE (R&B) DIVISION, JEYPORE

**e-Procurement Notice**

**Bid Identification No. S.E (R&B)-07/2026-27/JYP(K)**
**No. 3844 Date: 18.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work** : Road & Building Work as mentioned in DTCN.
2. **No. of Works** : 4 Nos.
3. **Estimated Cost** : Rs. 18.45 Lakhs to Rs. 27.82 Lakhs
4. **Period of Completion** : 1 (One) to 3 (Three) Months
5. **Date & Time of Bidding** : From 11.00 Hours of 25.06.2026 up to 17.00 Hours of 04.07.2026
6. **Last Date & Time for Receipt of Bids in Portal** : 17.00 Hours of 04.07.2026
7. **Bids Received Online Shall Be Opened On** : 11.00 Hours of 06.07.2026
8. **Name and Address of the Officer Inviting Bid** : Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

**Superintending Engineer**
**Jeypore (R&B) Division, Jeypore**
**OIPR-34001/34027/1/26-27/0007**

OFFICE OF THE PRINCIPAL

### NATIONAL COLLEGE, NUAPADA

AT/PO/DIST-NUAPADA (ODISHA) – 766105
e-Mail: principalncn@gmail.com

**Notice No.: 13/NCN** **Date: 23/06/2026**

**Quotation Call Notice**

Sealed quotations are invited from the interested firms/suppliers having valid GSTIN & PAN to supply the following items prescribed by the Government of Odisha, Department of Higher Education, Odisha, Bhubaneswar vide Letter No. 16578 Dtd. 23.03.2026 following all norms and specification of the items as specified in this letter. The sealed quotations along with the copies of GSTIN & PAN etc. should be reached to the undersigned by **5.00 PM on or before 07.07.2026** by Registered/Speed Post/Courier Services. For further details please visit the college website **www.nationalcollegenpd.com**. The quotation should be inclusive of spot delivery, installation charges and taxes. The undersigned reserves the right to cancel or withdraw the Quotation Call.

| Sl. No. | Item | Specification | Company |
|---|---|---|---|
| 1 | Desktop Set | i10, 12th Gen, 8GB RAM, 512 GB, 23.8 inch above | HP / Dell / Lenovo |
| 2 | UPS | 650VA / 360W | Microtek / Luminous / Vguard |
| 3 | MFM Printer | Laser Jet, Colour Inkjet | HP / Canon / Samsung |

**Sd/- Principal**
**National College, Nuapada**

6001/57/2627

### EOI FOR EMPANELMENT OF SUPPLIER FOR DAIRY ANIMALS

**EOI No. 10474, Date: 22.06.2026**

**EOI for Empanelment of "Supplier for Dairy Animals"**

Suppliers for supply of milch cow/buffalo from outside the State for sub-schemes under **Mukhyamantri Kamdhenu Yojana (MKY) / Mukhyamantri Krushi Udyoga Yojana (MKUY)**

The Fisheries & ARD Department has launched the **Mukhyamantri Kamdhenu Yojana (MKY)** to accelerate the growth of the dairy sector in the State through the induction of high-genetic-potential dairy cows/buffaloes from outside Odisha, with the objective of enhancing the quality and productivity of the State's dairy animal population.

The Director of Animal Husbandry and Veterinary Services, Odisha, Cuttack invites **Expression of Interest (EOI)** from intending Firms/Organizations/Agencies/Individuals for empanelment towards supply of high milk yielding cows/buffaloes from outside the state for animal induction by farmers under State Plan Scheme "Mukhyamantri Kamdhenu Yojana" and "Mukhyamantri Krushi Udyoga Yojana (MKUY)".

The details of the Expression of Interest (Non-transferable) as well as terms and conditions and information docket are available on the DAH & VS, Odisha website: https://odishaahvs.nic.in. Interested parties are requested to download the required documents and submit their response to the undersigned at the above-mentioned address along with the cost of the EOI document of **Rs. 2360/- (Rs. 2000/- + 18% GST)** in shape of Bank Draft drawn in favour of the **Director, AH & VS**, payable at Cuttack.

The cost of EOI documents is compulsory and the bank draft should be enclosed in original along with the EOI documents. The cost paid for EOI documents is non-refundable.

**Time Line**

| | |
|---|---|
| Date & Time of release of EOI | 25.06.2026 |
| Submission of queries on EOI & Pre-bid meeting | At DAH&VS, Mangalabag, Cuttack, Odisha on 02.07.2026 at 11:30 AM |
| Start Date & Time of submission of EOI documents | 27.06.2026 (10:00 AM) |
| Last Date & Time of submission of EOI | 17.07.2026 (05:00 PM) |
| Date & Time of opening of Bid | 20.07.2026 (11:30 AM) |

**DIRECTOR**
Animal Husbandry and Veterinary Services,
Odisha, Mangalabag, Cuttack

**OIPR-6001/6014/1/26-27/0006**

## AFFIDAVIT

By virtue of an affidavit no.172 before the Notary Public, Bhubaneswar, dtd.24.06.2026, I, Hapi Swain, At-Baghuapalli, PS-Fategarh, Dist.-Nayagarh, Odisha–752077, hereby declare that I have changed my name from Hapi Swain to Soumya Ranjan Swain. Henceforth, I shall be known as **Soumya Ranjan Swain** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta, Balasore. I, Harihar Dandapat,S/o- Muralidhar Dandapat of permanent Resident At -Tigiria, Po-Pandarungi, Ps-Basta, Dist-Balasore, Odisha, 756029. Declared by Affidavit Sl No: - 1552, Dtd-17/04/2026. That, I, Have changed my name from SANAYASI KHATUA to HARIHAR DANDAPAT. Hence forth, I shall be Known as **HARIHAR DANDAPAT** for all future purpose.

**Harihar Dandapat**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 977, dated 20.06.2026, I, MANISA NAYAK, Daughter of - Pradeep Kumar Nayak & Wife of - Sudhakar Kachhap permanent resident of Village - Bhurbhusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from MONISHARANI KACHHAP to MANISA NAYAK. Henceforth, I shall be known as **MANISA NAYAK** for all purposes.

**Sd/- Manisa Nayak**

## AFFIDAVIT

By virtue of an affidavit sworn before the Executive Magistrate, Bargarh dated 16.06.2026, I, Alestar Minz, Address- Vill.-Khaliapali, Po.- Bardol, Ps./Dist.- Bargarh, Odisha declare that, my daughter's actual name is **Sonia Minz** and date of birth is **12.11.2012** but in her Aadhar card her name has been wrongly mentioned as Dania Minch. That, **Sonia Minz** and **Dania Minch** is one and same person.

## ବିକ୍ରି କବଲା ହଜିଛି

ଆମ୍ଭେ ଶ୍ରୀ ନାରାୟଣ ପ୍ରସାଦ ସାହୁ, ପିତା- ସ୍ୱର୍ଗତ ଦାଶରଥି ସାହୁ, ସା/ପୋ- ପାଟପୁର, ଥାନା- ଉଦଳା, ଜି- ମୟୂରଭଞ୍ଜ ପ୍ରକାଶ କରୁଅଛି ଯେ ତା. ୦୮.୦୬.୨୦୨୬ ରିଖ ସୋମବାର ଦିନ ଉଦଳା କଚେରୀରୁ ପାଟପୁର ସ୍ଥିତ ମୋ ଘରକୁ ଫେରିବା ବାଟରେ ମୋର ଅରିଜିନାଲ ରେଜେଷ୍ଟ୍ରି ବିକ୍ରି କବଲା ନ. ୧୮୨୯, ତା. ୨୨.୧୦.୧୯୮୮ କେଉଁଠାରେ ହଜିଯାଇଛି । ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ମୁଁ ପାଇପାରିନାହିଁ ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଥାନ୍ତି, ଦୟାକରି ମୋବାଇଲ ନଂ. ୯୧୭୮୨୭୮୯୦୭ରେ ଜଣାଇବାକୁ ଅନୁରୋଧ କରୁଛି ।

ନାରାୟଣ ପ୍ରସାଦ ସାହୁ

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ଏକ ଇ-ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି । ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା M247GLRSRP262715, ତାରିଖ 23.06.2026 । ଏହି ଟେଣ୍ଡର 80ଟି ବିଦ୍ୟୁତ ଲୋକୋମୋଟିଭ୍‌ର ରିପାଇଁ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି । କାର୍ଯ୍ୟଟି ପଶ୍ଚିମ ରେଳବାଇର ଦାହୋଦସ୍ଥିତ CVWM କାର୍ଯ୍ୟାଳୟରେ ସମ୍ପାଦିତ ହେବ । ଏହାର ଆନୁମାନିକ ମୂଲ୍ୟ ଟ.8,80,39,200/- ଧାର୍ଯ୍ୟ କରାଯାଇଥିବା ବେଳେ ଅମାନତ ଜମା ଡିପୋଜିଟ୍ ( E M D ) ରାଶି ଟ.17,60,800/- ନିର୍ଦ୍ଧାରଣ କରାଯାଇଛି । ଇ-ଟେଣ୍ଡର ଦାଖଲ କରିବାର ଶେଷ ସମୟ 15.07.2026 ତାରିଖ ଦିନ ଅପରାହ୍ନ 2.30 ଘଣ୍ଟା ପର୍ଯ୍ୟନ୍ତ ରହିଛି ଏବଂ ସେହି ଦିନ ଅପରାହ୍ନ 3.00 ଘଣ୍ଟାରେ ଟେଣ୍ଡର ଖୋଲାଯିବ । ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଦଲିଲପତ୍ର www.ireps.gov.in ୱେବସାଇଟରେ E-Tenders/Works/IRElectrical ରୁ ପ୍ରାପ୍ତ କରିପାରିବେ ।

Apex/109

Like us on: facebook.com/WesternRly

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

### ଇ-ଟେଣ୍ଡର ବିଜ୍ଞପ୍ତି

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର DRM (S&T), ୱର୍କସ୍ ରତଲାମ ପକ୍ଷରୁ ଟେଣ୍ଡର ନଂ SnT-RTM-26-Tele-14, ତାରିଖ 23.06.2026 ଅନୁସାରେ ଏକ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଏହି କାର୍ଯ୍ୟ ଅନ୍ତର୍ଗତ ରତଲାମ ମଣ୍ଡଳର ବ୍ଲକ୍ ସେକ୍ସନରେ ଥିବା ବର୍ତ୍ତମାନର ଭୂଗର୍ଭସ୍ଥ ସିଗ୍ନାଲ ଏବଂ ଟେଲିକମ୍ କେବୁଲଗୁଡ଼ିକର ଡ୍ରୋନ୍ ଓ D G P S ସର୍ଭେ କରାଯାଇ କେବୁଲ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯିବ । ଏହି ଟେଣ୍ଡରର ଆନୁମାନିକ ମୂଲ୍ୟ 7,71,13,920.00 ଟଙ୍କା ହୋଇଥିବାବେଳେ ବିଡ୍ ସିକ୍ୟୁରିଟି / ଅମାନତ ଜମା ଭାବେ 15,42,300.00 ଟଙ୍କା ଜମା କରିବାକୁ ପଡ଼ିବ । ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ : 20.07.2026 , ଅପରାହ୍ନ 3.00 ଘଣ୍ଟା ରହିଛି ଏବଂ ବିଡ୍‌ଗୁଡ଼ିକ ସେହି ଦିନ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ । କାର୍ଯ୍ୟ ସମାପ୍ତି ପାଇଁ 12 ମାସର ଅବଧି ନିର୍ଦ୍ଧାରିତ ହୋଇଛି । ବିଡ୍ ଖୋଲିବା କାର୍ଯ୍ୟ Sr. DSTE, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶରେ ସମ୍ପନ୍ନ ହେବ । ଆଗ୍ରହୀ ଟେଣ୍ଡରଦାତାମାନେ ଇ-ଟେଣ୍ଡର ପୋର୍ଟାଲ www.ireps.gov.in ରେ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଦେଖିପାରିବେ ଏବଂ ସେହି ପୋର୍ଟାଲ ମାଧ୍ୟମରେ ନିଜର ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ ।

Apex/107

Like us on: facebook.com/WesternRly

## ସାର୍ବଜନୀନ ସୂଚନା

ଏହି ସୂଚନା ମାଧ୍ୟମରେ ମୋର ମହକିଲ ଶ୍ରୀମତୀ କଳ୍ପନା କବାଟ, ପିତା- ପରମାନନ୍ଦ କବାଟ ବନଜା ବେହେରାଙ୍କ ସପକ୍ଷରେ ମୂଳ ବିକ୍ରୟ ପତ୍ର ପଞ୍ଜିକୃତ ନଂ- ୧୧୧୨୧୮୦୧୩୪୮ (୩୧.୦୩.୨୦୧୮) ବନଜା ବେହେରାଙ୍କ ସପକ୍ଷରେ ଏବଂ ୧୧୧୨୨୪୦୦୮୭୩ (୧୬.୦୨.୨୦୨୬) କଳ୍ପନା କବାଟ ସପକ୍ଷରେ ସଂଶୋଧନ ପତ୍ର ପଞ୍ଜିକୃତ ନଂ- ୧୧୧୨୨୨୦୩୯୧୬(୦୨.୦୭.୨୦୨୨) ସହିତ ବନଜା ବେହେରାଙ୍କ ସପକ୍ଷରେ RoR ଖାତା ନଂ- ୩୧୧/୨୭୦୬ ଏବଂ ୩୧୧/୩୧୧୧ କଳ୍ପନା କବାଟ ସପକ୍ଷରେ ମୌଜା-କଣ୍ଡିଲୋ, ତହସିଲ-ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ରାଜ୍ୟ-ଓଡ଼ିଶାଙ୍କ ସପକ୍ଷରେ ଥିବା ସମ୍ପୃକ୍ତ ROR ହଜାଇଛନ୍ତି । ଏଥିପାଇଁ ଘଟଗାଁ ଥାନାରେ ଏକ FIR (ଅଭିଯୋଗ ନଂ- ୨୪୪୯୭୦୧୫୦୭୨୬୦୦୦୧୦) ୨୨.୦୬.୨୦୨୬ରେ ଦାୟର କରାଯାଇଛି । ସମସ୍ତ ବ୍ୟକ୍ତିଙ୍କୁ ଏହି ନୋଟିସ୍ ପ୍ରକାଶ ପାଇବାର ପର୍ଯ୍ୟାପ୍ତ ପ୍ରମାଣ ସହିତ ୧୫ ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି କିମ୍ବା ଏହାର ଯେକୌଣସି ଅଂଶ ବିଷୟରେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଏତଦ୍ୱାରା ସୂଚିତ କରାଯାଉଛି । ଯଦି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ ୧୫ ଦିନ ମଧ୍ୟରେ ନ ମିଳେ, ତେବେ ରେଜିଷ୍ଟ୍ରି ଅଫିସରୁ ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକର ପ୍ରମାଣିତ କପିକୁ ମୂଳ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ ।

ସମୀର କୁମାର ପାଇକରାୟ (ଆଡ୍‌ଭୋକେଟ୍)
ଭୁବନେଶ୍ୱର କୋର୍ଟ,
ଫୋନ୍: ୭୦୦୮୦୦୫୪୧୯

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 980, dated 22.06.2026, I, MUNA NAYAK, Son of - Sunadhar Harijan, permanent resident of Village - Jatabal, PO - Jatabal, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from MUNA HARIJAN to MUNA NAYAK. Henceforth, I shall be known as **MUNA NAYAK** for all purposes.

**Sd/- Muna Nayak**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 987, dated 23.06.2026 I, NALINI PUJARI, Daughter of - Madhu Pujari & Wife of - Jhadeswar Patro, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from NALINI RAJGOND to NALINI PUJARI. Henceforth, I shall be known as **NALINI PUJARI** for all purposes.

**Sd/- Nalilin Pujari**

## AFFIDAVIT

By virtue of an affidavit before the Notary Public, Sukinda, Jajpur, dtd.23.06.2026, I, Satyajit Behura, Village /PO/PS-Sukinda, Dist.-Jajpur do hereby declare that I have changed my minor son's name from Saipriti Behura to Saiprit Behura. Henceforth, he shall be known as **Saiprit Behura** for all purposes.

**Sd/- Satyajit Behura**

## AFFIDAVIT

I Sk Akhlak Hosain holding indian Passport No-M7901874 residing At- Sayedpur, Noor Mohalla, Po/Ps-Binjharpur, Dist-Jajpur, Odisha, Pin-755004 declare by Court Affidavit vide no 2966 Dt-22/06/2026 have change the of my mother Khursida Bibi (Old Name) to Khursida Jahanara Begum (New Name) and my father Sofean Shaikh (Old Name) to Sk Sufiyan (New Name) . And have changed my Date of Birth from 10.09.1990. to 10.09.1993 For all Future Purposes.

**Sk Akhlak Hosain**

## AFFIDAVIT

I, Bismaya Kumar Swain, aged about 60 years, S/o-Late Manmohan Swain, resident of At: Plot No-RP/119, Pandav Nagar, Tankapani road, Po/Ps-Badagada, Bhubaneswar, Dist- Khordha, Pin-751018, State: Odisha declared by this affidavit No. 45, dtd- 24/06/2026 that now onwards I shall be known as **BISMAY KUMAR SWAIN** for all future purposes.

## AFFIDAVIT

By virtue of an affidavit (SL No. 1580, dtd- 23/06/2026) sworn before The Executive Magistrate, Bhubana, Dhenkanal. I, **Tirthabasi Swain,** S/o- Jogi Swain, permanent resident of Vill/PO: Balibo(L), PS: Bhubana, Dist: Dhenkanal, PIN- 759017, State: Odisha. Correctly record in all relevant documents including in his birth certificate bearing Regd No- 4736/2015, on dt-03.08.2015 Issued by the registered birth Dhenkanal Municipality. declare that I have changed my minor son's name from **Saswat Sekhar Swain** (old name) to **Sai Sritam Swain** (new name). Henceforth, he shall be known as **Sai Sritam Swain** (new name) for all purposes.

**Tirthabasi Swain**

## AFFIDAVIT

I, Paresh Agrawal, aged about 43 years, S/O- Pawan Kumar Agrawal, resident of Kansari Pada, Balangir, Po- Balangir, Ps- Town Bolangir, Dist- Balangir, Odisha, Pin- 767001 do hereby declare by this affidavit No. 1296, dtd- 24/06/2026, that now onwards I shall be known as **PARESH KUMAR AGRAWAL** for all future purposes.

## AFFIDAVIT

By virtue of an affidavit (Sl No.235, dtd- 22/06/2026) sworn before the Executive Magistrate, Khariar, Nuapada. I, **Kunal Tandi** (applicant name), S/o Narayan Tandi, resident of Village: Khariar, Ward No.4, PO/PS: Khariar, Dist: Nuapada, Odisha declare that I have changed my minor son's name from **Prince Tandi** (old name) to **Prinsu Tandi** (new name). Henceforth, he shall be known as **Prinsu Tandi** (new name) for all purpose.

**Kunal Tandi**

24001/233/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ନଥି ସଂ - IX(A)-11/2026-324 — ତାରିଖ: ୦୯.୦୬.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବାଲକାଟି, ଥାନା- ଆନନ୍ଦପୁର, ତହସିଲ- ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨,୯୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାଯୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧି ସୂଚିତ ଜମିର ରକବା | ରାସ୍ତାର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବାଲକାଟି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୫.୩୭୦ | ୨.୯୩୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଶାଳ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ—ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ,
ମୌଜା- ବାଲକାଟି, ଥାନା —ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୧ | ଆର୍ତ୍ତ ସାହୁ ପି- ଅଇଁଠୁ ସାହୁ , ଜା- ତେଲି ବା- ନିଜଗାଁ | ୩୪ | ଶାରଦ ଏକ | ୦.୨୩୦ | ୦.୨୩୦ |
| ୨ | ୧୨ | ଇନ୍ଦ୍ରମଣି ଜେନା ପି-ଜନ୍ଧା ଜେନା, କନ୍ଦ ଜେନା, ବୈସିମ ଜେନା, ପି- ମଦନ ଜେନା, ଜା- ପାଣ, ବା- ଦଧିବାମନପୁର | ୧୭୨ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୦୨୦ |
| | | | ୧୭୪ | ବିଆଳି ଦୋଫସଲି ଏକ | ୦.୬୪୦ | ୦.୦୩୦ |
| | | | ୧୭୮ | ଶାରଦ ଦୋଫସଲି ଏକ | ୦.୨୦୦ | ୦.୦୨୦ |
| ୩ | ୨୭୫/୨୩ | ଶ୍ରୀମତୀ ସାରୁଅ ସାହାଣୀ ସା-ଚକ୍ରଧର ସହାଣୀ , ଜା- ଖଣ୍ଡାୟତ ବା- ଦୁଡୁଗାଁ | ୧୯୪ | ବାଜେଫସଲ ଏକ | ୧.୨୨୦ | ୦.୦୩୦ |
| ୪ | ୩୧ | କେଳା ବାରିକ ପି- କପିଳ ବାରିକ, ଲକ୍ଷ୍ମୀଧର , ବାରିକ, ନାରାୟଣ ବାରିକ, ଚହଳିଆ ବାରିକ , ପି- ଧଡି ବାରିକ, ନାଣ୍ଡୁ ବାରିକ , ପି- ସପନ ବାରିକ , ଜା- ନିଆରି , ବା- ଫକିରପୁର | ୧୭୧ | ଶାରଦ ଦୋଫସଲି ଏକ | ୦.୩୪୮ | ୦.୨୨୦ |
| ୫ | ୫୦ | ଗୁମାନ ଜେନା, ଗୋପାଳ ଜେନା, ଗଙ୍ଗା ଜେନା ସିରିଆ ଜେନା, ରଙ୍ଗା ଜେନା, ପି- ରତନ ଜେନା, ଗଇ ଜେନା ସା- ରତନ ଜେନା, ମାନ ଜେନା, ବିଭୁତି ଜେନା, ପୋଇନ ଜେନା ପି- ପତନ ଜେନା ଜଳା ଜେନା - ପତନ ଜେନା, ଗୋପି ଜେନା, ମାଧବ ଜେନା, ଲେଖନ ଜେନା ପି- ଗାଣ୍ଡୁ ଜେନା, ବେଙ୍ଗ ଜେନା ସା- ଗାଣ୍ଡୁ ଜେନା, ବଇ ଜେନା, ମଠୁ ଜେନା, କାର୍ତିକ ଜେନା ପି-ମେନା ଜେନା ଜା- ପାଣ ବା-ଦଧିବାମନପୁର | ୧୯୩ | ବିଆଳି ଦୋଫସଲି | ୦.୫୦୦ | ୦.୦୪୦ |
| | | | ୧୯୩/ ୧୨୦୯ | ବିଆଳି ଦୋଫସଲି | ୦.୫୦୦ | ୦.୦୫୦ |
| ୬ | ୯୦ | ଦୈତାରୀ ଦାସ, ଆରତ ଦାସ, ସାରତ ଦାସ ପି- ରାମଚନ୍ଦ୍ର ଦାସ ଜା- ବ୍ରାହ୍ମଣ ବା-ଫକିରପୁର ଭାଗସୂତ୍ରେ ଦଖଲ - ନ ଜେନା, ପି- ବଇ ଜେନା, ଗୌରଙ୍ଗ ଜେନା ପି- ଶୁକୁରୀ ଜେନା ବିଦା ଜେନା ପି- ଲୋକେଇ ଜେନା, ଋଷି ଜେନା ପି-କ୍ଷେ ଜେନା ଜା- ପାଣ ବା- ଦଧିବାମନପୁର ସ୍ନ ୧୯୫୦ ଠାରୁ | ୧୩୨ | ପଡିତ | ୩.୫୦୦ | ୦.୦୬୦ |
| | | | ୧୩୫ | ବିଆଳି | ୧.୯୦ | ୦.୧୫୦ |
| | | | ୧୫୭ | ଶାରଦ ଦୋଫସଲି ଏକ | ୦.୪୭୦ | ୦.୧୨୦ |
| ୭ | ୧୧୭ | ନାଣ୍ଡୁ ବାରିକ ପି- ସପନ ବାରିକ ଜା- ନିଆରି ବା- ଫକିରପୁର | ୩୩ | ଶାରଦ ଏକ | ୦.୩୫୦ | ୦.୦୪୦ |
| ୮ | ୧୩୪ | ପଦୁ ଜେନା, ବିପିନ ଜେନା, ଉପ ଜେନା ପି- ବେନୁ ଜେନା, ଜୁଣ ଜେନା ସା-ବେନୁ ଜେନା, ଛଚି ଜେନା ପି- କାଙ୍ଗାଳି ଜେନା, ବିଲେଇ ଜେନା, ଝୁଲ ଜେନା, ପି- କରୁଣୀ ଜେନା, ଗୋଲେଖ ଜେନା, ରମ୍ଭା ଜେନା, ରମା ଜେନା, ପି- ଅନୁ ଜେନା, ସଖୀ ଜେନା ସା-ଅନୁ ଜେନା, ହାର ଜେନା ସା-ଦାମ ଜେନା, ସଜୀ ଜେନା ସା-କପିଳ ଜେନା ଜା-ପାଣ ବା- ଦଧିବାମନପୁର | ୧୫୯ | ଶାରଦ ଦୋଫସଲି ଏକ | ୦.୩୦୦ | ୦.୦୨୦ |
| | | | ୧୬୫ | ଶାରଦ ଦୋଫସଲି ଏକ | ୦.୨୧୦ | ୦.୦୨୦ |
| | | | ୧୬୪/ ୧୧୭୧ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| ୯ | ୧୩୬ | ପଦ୍ମଲାଭ କର ପି- ନିଧୁ କର ଜା- ବ୍ରାହ୍ମଣ ବା- ତରତରା | ୧୦ | ଶାରଦ ଏକ | ୦.୦୮୦ | ୦.୦୮୦ |
| ୧୦ | ୧୪୨ | ପୁନି ଖଟୁଆ, ଧନୀ ଖଟୁଆ , ପି- ଅପର୍ତ୍ତି ଖଟୁଆ. ରାଜନ ମହାନ୍ତି, ବାବାଜି ମହାନ୍ତି, ପି-ଶୁକୁଟା ମହାନ୍ତି, ପଠାଣି ମହାନ୍ତି ପି-ସଦେଇ ମହାନ୍ତି ଜା- ଗୋଲା ବା- ଅକରୁଆ ଜବର ଦଖଲ ଚକ୍ରଧର ଦାସ ପି- ପୁରୁଷୋତମ ଦାସ, ଜା-ବ୍ରାହ୍ମଣ, ବା- ଫକିର ପୁର ସ୍ନ ୧୯୬୫ ଠାରୁ | ୨୪ | ବାଜେଫସଲ ଏକ | ୦.୧୦୦ | ୦.୧୦୦ |
| ୧୧ | ୧୭୯ | ବିଷ୍ଣୁ ଦାସ ପି- ସଦା ଦାସ ଜା- ପାଣ ବା- ଆମ୍ବ ଗଡିଆ | ୧୬୬ | ଶାରଦ ଦୋଫସଲି ଏକ | ୦.୩୭୦ | ୦.୦୫ |
| ୧୨ | ୨୦୦ | ଭିକାରି ସାହାଣି, ବାବାଜି ସାହାଣି, ସଙ୍ଖାଳି ସାହାଣି, ପି-ସାହାଣି, ରଙ୍ଗାଧର ସାହାଣି, ଘନ ସାହାଣି, ଯମୁନା ସାହାଣି, ବାଇଧର ସାହାଣି ପି- କାହ୍ନୁ ସାହାଣି, ବଇଁଶି ସାହାଣି, ସା- କାହ୍ନୁ ସାହାଣି, ସାରି ସାହାଣି, ସା- ନିଧୁଆ ସାହାଣି, ଦୁଃଖୁ ସାହାଣି, ସା-ପଦିଆ ସାହାଣି, ମଙ୍ଗଳି ସାହାଣି, ପି- ଶଙ୍କର ସାହାଣି, ମଡି ସାହାଣି, ପି- ଭାଲୁ ସାହାଣି, ପାତିଆ ସାହାଣି ପି-ମଗୁରା ସାହାଣି, ବେନୁଆ ସାହାଣି, ଧନିଆ ସାହାଣି, ପି-ରାମ ସାହାଣି, ଜା- ଖଣ୍ଡାୟତ ବା- ଫକିରପୁର | ୧୬୮ | ଶାରଦ ଦୋଫସଲି ଏକ | ୦.୨୯୦ | ୦.୦୫୦ |
| | | | ୧୬୯ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୮୦ |
| | | | ୧୬୯/ ୧୦୧୬ | ଶାରଦ ଦୋଫସଲି ଏକ | ୦.୧୭୦ | ୦.୦୮୦ |
| | | | ୧୬୯/ ୧୧୯୮ | ଶାରଦ ଦୋଫସଲି ଏକ | ୦.୧୦୦ | ୦.୦୫୦ |
| ୧୩ | ୨୨୧ | ମୁରଲୀଧର ସାହୁ, ପି- ମିନ୍ଧୁ ସାହୁ, ଜା- ବଣିଆ - ଫକିରପୁର | ୬୭ | ଶାରଦ ଏକ | ୦.୧୫୦ | ୦.୦୩୦ |
| ୧୪ | ୨୩୩ | ରଘୁନାଥ ଜେନା ପି- ହରି ଜେନା ଜା-ଖଣ୍ଡାୟତ ବା- ତରତରା | ୬ | ଶାରଦ ଏକ | ୦.୧୭୦ | ୦.୦୩୦ |
| | | | ୧୯/୧୦୩୬ | ଶାରଦ ଦୁଇ | ୦.୩୦୦ | ୦.୨୦୦ |
| ୧୫ | ୨୬୫/୬ | ଆରତ ସାହୁ ପି- ଅଇଁଠୁ ସାହୁ ଜା- ତେଲି ବା- ଦୁଡୁଗାଁ | ୨୯ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| | | | ୩୦ | ଶାରଦ ଦୋଫସଲି ଏକ | ୦.୧୬୦ | ୦.୧୨୦ |
| | | | ୨୬ | ଶାରଦ ଦୋଫସଲି ଏକ | ୦.୨୫୦ | ୦.୦୮୦ |
| | | | ୨୭ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୧୧୦ |
| | | | ୨୮ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୧୪୦ |
| ୧୬ | ୨୭୫/ ୯୪ | ପ୍ରଭାତ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ପି- ଯୋଗେନ୍ଦ୍ର ୧୦୨୩ ପଣ୍ଡା ଜା- ବ୍ରାହ୍ମଣ ବା- ଫକିରପୁର | ୪୦/ ୧୦୨୩ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୫୦ |
| ୧୭ | ୨୭୫/ ୧୧୩ | ମାନଗୋବିନ୍ଦ ନାହାକ, ପି-ପୋକ ନାହାକ, ଜା- ଖଣ୍ଡୁଆଳ ବା- ବାଲକାଟି | ୩୮/ ୧୦୨୧ | ଶାରଦ ଦୋଫସଲି ଏକ | ୧.୪୨୦ | ୦.୧୮୦ |
| ୧୮ | ୨୭୫/ ୧୩୨ | ରଘୁନାଥ ସେଠୀ, ପି- ଗିରିଧାରୀ ସେଠୀ, ଜା- ଧୋବା ବା- ଡୁଡୁଗାଁ | ୧୮୦/ ୧୪୦୭ | ଶାରଦ ଦୋଫସଲି ଏକ | ୦.୨୬୩ | ୦.୦୭୦ |
| ୧୯ | ୨୭୫/ ୧୩୬ | ଆନନ୍ଦ କୁମାର ସାହୁ ପି- ଆରତ ସାହୁ, ନିତ୍ୟାନନ୍ଦ ସାହୁ ପି- ରାମ ସାହୁ ଜା- କୁବେର ବା- ଡୁଡୁଗାଁ | ୧୮ | ଶାରଦ ଦୁଇ | ୦.୪୬୩ | ୦.୧୨୦ |
| ୨୦ | ୨୭୫/ ୧୩୯ | ଆରତ ସାହୁ ପି- ଅଇଁଠୁ ସାହୁ ଜା- ତେଲି ବା- ଡୁଡୁଗାଁ | ୩୧ | ଶାରଦ ଏକ | ୦.୧୨୩ | ୦.୧୨୦ |
| | | | | ମୋଟ | ୧୫.୩୭୦ | ୨.୯୩୦ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ କେନ୍ଦୁଝର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର

**OIPR-24001/24045/3/26-27/0006**

# ବାସି ଖାଦ୍ୟ କହିବାରୁ ଗ୍ରାହକଙ୍କୁ ମାଡ଼



କୁଜଙ୍ଗ,୨୪।୬(ସମିସ): କଟକ ପାରାଦୀପ ରାସ୍ତା ପନ୍ଦର ନମ୍ବର ନିକଟ ଏକ ହୋଟେଲରେ ବାସିଖାଦ୍ୟ ଅଭିଯୋଗ କରିବାରୁ ଜଣେ ଗ୍ରାହକଙ୍କୁ ନିସ୍ତୁକ ମାଡ଼ ମାରିବା ଅଭିଯୋଗ ହୋଇଛି। କୁଜଙ୍ଗ ଥାନା ଜିଲ୍ଲାନାସୀ ଅଞ୍ଚଳର ଜଣେ ଯୁବକ ଏହି ହୋଟେଲରେ ଖାଇବା ବେଳେ ଖାଦ୍ୟ ଆମ୍ବିଳା ଲାଗିଲା। କାହିଁକି ଆମ୍ବିଳା ଖାଦ୍ୟ ଦେଉଛ କହିବାରୁ କିଛି କର୍ମଚାରୀ ତାଙ୍କୁ ମାଡ଼ ମାରିବା ସହ ରାସ୍ତାକୁ ଧକ୍କା ମାରି ଠେଲି ଦେଇଥିବା ଅଭିଯୋଗ କରିଛନ୍ତି ସଂପୃକ୍ତ ଯୁବକ। ଜିଲ୍ଲାନାସୀର ଯୁବକ ସଞ୍ଜୀବ କୁମାର ମାଝୀ ଏହି ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏହି ଘଟଣା ନେଇ ସଞ୍ଜୟ ମାଝୀଙ୍କ ପତ୍ନୀ ସସ୍ମିତା ବେହେରା କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

■ ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ

# ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର



ଜଗତସିଂହପୁର,୨୪।୬(ସମିସ): ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତତ୍ତ୍ୱାବଧାନରେ ପ୍ରାଧିକରଣର ଅଧିକାରୀ ମିତ୍ର ନବସ୍ମିତା ବେହୁରାଙ୍କ ପ୍ରଚେଷ୍ଟା ଓ ସହଯୋଗରେ ଜଣେ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ମିଳିପାରିଛି। ସୂଚନା ଅନୁସାରେ ବାଲିକୁଦା ଥାନା ଅନ୍ତର୍ଗତ ବୁଦ୍ଧିସାହି ଗ୍ରାମର କେଶବ ପରିଡ଼ା ଓରଫ ଈଶ୍ୱର ପରିଡ଼ା ଅନେକ ଚେଷ୍ଟା ଓ ଉଦ୍ୟମ କରି ମଧ୍ୟ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବାରେ ସଫଳ ହୋଇନଥିଲେ। କେଶବ ଜଣେ ଦୃଷ୍ଟିବାଧିତ ବ୍ୟକ୍ତି; ଯିଏ କି ବହୁତ କମ ଦେଖିପାରନ୍ତି। ସେ ବହୁତ ଚେଷ୍ଟା କରିବା ସତ୍ତ୍ୱେ ଭିନ୍ନକ୍ଷମ ପ୍ରମାଣପତ୍ର କରିପାରୁନଥିଲେ କି ଭିନ୍ନକ୍ଷମ ଭତ୍ତା ପାଇପାରୁ ନଥିଲେ। ପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରୀ ମିତ୍ର ନବସ୍ମିତା ବେହୁରାଙ୍କ ନିକଟରେ ପହଞ୍ଚିଥିଲେ କେଶବ। ନବସ୍ମିତାଙ୍କ ହସ୍ତକ୍ଷେପ ଓ ସକ୍ରିୟ ସହଯୋଗ ପାଇଁ କେଶବ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରାପ୍ତ କରିବା ସହିତ ପ୍ରଥମ ଭିନ୍ନକ୍ଷମ ଭତ୍ତା ମଧ୍ୟ ପାଇଛନ୍ତି।

# ନିଧିଅଜା ଭୂମିକାରେ କୁଜଙ୍ଗର ପରିଭାଇ



କୁଜଙ୍ଗ,୨୪।୬(ସମିସ): ଆଜି ମଶା ମାଛି ତଥା ଜଳବାହିତ ରୋଗ ରାଜ୍ୟ ତଥା ରାଜ୍ୟ ବାହାରେ ମୁଣ୍ଡ ବ୍ୟାଥାର କାରଣ ପାଲଟିଥିବା ବେଳେ ନିଜ ସରକାରୀ କାର୍ଯ୍ୟ ସହ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ କର୍ମକ୍ଷେତ୍ର ତଥା କର୍ମକୁ ଈଶ୍ୱର ମଣି ସେବାକୁ ପ୍ରାଥମିକତା ଦେଇ ଅନ୍ୟ ମାନଙ୍କ ପାଇଁ ଉଦାହାଣ ପାଲଟନ୍ତି। ସେ ହେଉଛନ୍ତି କୁଜଙ୍ଗ ନିବାସୀ ପରିକ୍ଷୀତ ସାହୁ। ଆର୍‌ଡବ୍ଲୁଏସ୍‌ଏସ୍‌ର ଚତୁର୍ଥ ଶ୍ରେଣୀ କର୍ମଚାରୀ।

ନିଜ ପୈତୃକ ଘର ଏରସମା ବ୍ଲକ ଗନାଗୁଳି ଗ୍ରାମରେ। ପିତା ଭିକାରୀ ନାୟକଙ୍କ ଏହି ସୁପୁତ୍ର କୁଜଙ୍ଗ ପାନୀୟ ଜଳ ଯୋଗାଣ ସହ ନିଜ ପରିବେଶକୁ ସଫାସୁତୁରା ରଖିବା ଓ ଅନ୍ୟ ମାନଙ୍କୁ ଏହି ନେଇ ସଚେତନ କରାଇବା ସବୁବେଳେ ବ୍ୟସ୍ତ। ଆଜି ବର୍ଷା ପାଗ ସତ୍ତ୍ୱେ ନିଜ ପମ୍ପ ହାଉସ୍ ପରିସର, ପାଖ ଡ୍ରେନ୍ ସଫା କରିବା ସହ ଏଥିରେ ବ୍ଲିଚିଂ ପକାଇ ନିଜ ବୃତ୍ତିର ଅହମିକାରୁ ବାହାରକୁ ବାହାରି ସଫେଇ କର୍ମଚାରୀ ସାଜି ପରିଶ୍ରମକୁ କରିବାକୁ କୁଜଙ୍ଗ ବାସୀ ପ୍ରଶଂସା କରିଛନ୍ତି। ଏକଦା ରାଜ୍ୟ ସରକାର ନିଧିବୁଢ଼ା ରଥ ପ୍ରତୀକ ଭାବେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଅଧିକ ସଚେତନ ପାଇଁ ବୁଲାଉ ଥିବା ବେଳେ ନିଜ ଘର କୁଜଙ୍ଗ ନହୋଇ କୁଜଙ୍ଗ ପ୍ରତି ଥିବା ତାଙ୍କ ଭଲପାଇବାକୁ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଏଏନ୍‌ଡି ଯାଦବ, ଶିକ୍ଷାବିତ୍ ରଜନୀକାନ୍ତ ଦାସ, ବରିଷ୍ଠ ବ୍ୟବସାୟୀ ସୁରେଶ ଦାସ ପ୍ରମୁଖ ପ୍ରସଂଶା କରିଛନ୍ତି।

# କୁଜଙ୍ଗ ଓ ରାହାମାରେ ବର୍ଜ୍ୟବାସ୍ତୁ ପରିଚାଳନା ବିପର୍ଯ୍ୟସ୍ତ

କୁଜଙ୍ଗ,୨୪।୬(ସମିସ)



ଅନ୍ତର୍ଜାତୀୟ ପାରାଦୀପ ବନ୍ଦରର ମୁଖଶାଳା କୁଜଙ୍ଗ ଓ ଜିଲ୍ଲା ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ରାହାମାରେ ବର୍ଜ୍ୟବସ୍ତୁ ପରିଚାଳନା ବିପର୍ଯ୍ୟସ୍ତ ହୋଇପଡିଛି। ସବୁଠି କୁଢ଼ କୁଢ଼ ଆବର୍ଜନା। ପ୍ଲାଷ୍ଟିକ ସହ ମାଟିରେ ମିଶୁ ନଥିବା ଆବର୍ଜନା ପରିବେଶ ଦୂଷିତ କରିବାରେ ଲାଗିଛି।

କୁଜଙ୍ଗ ହେଉଛି ଜିଲ୍ଲାର ସର୍ବ ପୁରାତନ ବଜାର। କୁଜଙ୍ଗର ଯେଉଁ ନାଁ ରହିଛି ତାକୁ କୁଜଙ୍ଗର ପରିମଳ ବ୍ୟବସ୍ଥା ନଷ୍ଟ କରିଦେଉଛି। କୁଜଙ୍ଗରେ ରାଜ୍ୟ ସରକାରଙ୍କ ବ୍ଲକ, ତହସିଲ, ଥାନା, କୋର୍ଟ, ଫରେଷ୍ଟ ଅଫିସ, ଡାକ ଆଦି ଅନେକ କାର୍ଯ୍ୟାଳୟ ରହିଛି। ସେହିପରି ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ, ପରିବା ବଜାର, ମାଛ, ମାଂସ, ଚଟପଟି ଖାଦ୍ୟ ଦୋକାନ, ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ଅନେକ ହୋଟେଲ ଅଛି। ଏଥିରୁ ବାହାରୁଥିବା ବର୍ଜ୍ୟ କୁଜଙ୍ଗର ପରିମଳ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ ହେଉଛି। ଅଳିଆର ବହୁତ ଅଂଶ ତାଳଦଣ୍ଡା କେନାଲକୁ ପକାଯାଉଥିବାରୁ କେନାଲ ପ୍ରଦୂଷିତ ହେଉଥିବା ଜଣାପଡିଛି। ସେହିପରି ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ମହିଳା ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପରିତ୍ୟକ୍ତ ପୋଖରୀ ନର୍ଦ୍ଦମା କୁଣ୍ଡରେ ପରିଣତ ହୋଇଛି। ଯାହା ଫଳରେ ସେଠିକାର ପରିବେଶକୁ ପୁତିଗନ୍ଧ ମୟ କରିଦେଉଛି। କୁଜଙ୍ଗ ହାଇସ୍କୁଲ ନିକଟରେ ଥିବା ଏକ ପରିତ୍ୟକ୍ତ ପୋଖରୀ ଓ ତାଳଦଣ୍ଡା କେନାଲର ପୁରୁଣା ଭଣ୍ଡୁଆ ପୋଲ ନିକଟରେ ପଡିଥିବା ଅଳିଆ ଓ ଅନ୍ୟ ଆଡେ ପଡିଥିବା ଅଳିଆ ସବୁ କୁଜଙ୍ଗର ପରିବେଶକୁ ନଷ୍ଟ ପୁତିଗନ୍ଧ ମୟ କରୁଛି। ଏଣୁ ଆଗକୁ ବର୍ଷା ଋତୁ ଆସୁଥିବାରୁ ବିଭିନ୍ନ ସଂକ୍ରାମକ ରୋଗ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ସ୍ୱଚ୍ଛ ଭାରତ ମିଶନ କୁଜଙ୍ଗରେ ଦିଗହରା ହୋଇପଡିଛି। ସରକାରୀ ଓ ବେସରକାରୀ ସ୍ତରରେ କୁଜଙ୍ଗକୁ ଯେତେ ସ୍ୱଚ୍ଛ ଓ ନିର୍ମଳ କରିବାକୁ ଚେଷ୍ଟା କରାଯାଉଛି ତାହା କେବଳ ପ୍ରଚାର ଓ ପ୍ରସାର ମଧ୍ୟରେ ସିମିତ ରହୁଛି। ତେଣୁ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରୁନାହିଁ। ଏବେ ପ୍ରଶ୍ନ ଉଠୁଛି ଯେ ସ୍ୱଚ୍ଛ ଭାରତ ମିଶନ ନାମରେ ଯେଉଁ କୋଟି କୋଟି ଟଙ୍କା ଆସୁଛି ଓ ବ୍ୟୟ କରାଯାଇ ପ୍ରଚାର ଓ ପ୍ରସାର ହେଉଥିବା ବେଳେ କୁଜଙ୍ଗ ବଜାର ସ୍ୱଚ୍ଛ ହୋଇପାରୁନାହିଁ। ଏଣୁ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦୃଢ଼ ଦାବି କରାଯାଉଛି। ରାହାମାରେ ମଧ୍ୟ ପରିବା ବଜାର ପଶ୍ଚିମ ଦିଗ କେନାଲ ପାଖରେ ଆବର୍ଜନା ଗଦା ହୋଇଥିବା ବେଳେ ତେର ମାଣପୁରଗଡ଼ା ଠାରୁ ବଜାର ଅଞ୍ଚଳ ପର୍ଯ୍ୟନ୍ତ ଆବର୍ଜନା ପରିବେଶକୁ ଦୂଷିତ କରିବା ସହ ସଫା ସୁତୁରା ଥିବା ରାହାମା ବଜାର ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ଅଭିଯୋଗ ହୋଇଛି।

# ସମୁଦ୍ର ତଟକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ପ୍ରୟାସ



ପାରାଦୀପ,୨୪।୬(ସମିସ): ବନ୍ଦର ସହରରେ ବାପି ଗୋଚ୍ଛାୟତ ଏବେ ପାରାଦୀପରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏପରିକି ବିଭିନ୍ନ ସ୍କୁଲ କଲେଜକୁ ଯାଇ ଛାତ୍ରଛାତ୍ରୀଙ୍କୁ ପ୍ଲାଷ୍ଟିକର ବ୍ୟବହାର ସମ୍ପର୍କରେ ସଚେତନତା କରାଉଛନ୍ତି। ମାଟି, ପାଣି, ପବନ ଆମ ଜୀବନର ମୂଳ ଆଧାର ଏଗୁଡ଼ିକର ସନ୍ତୁଳନ ଉପରେ ପୃଥିବୀରେ ମଣିଷ ସମେତ ସମସ୍ତ ଜୀବଜନ୍ତୁ ଓ ଉଦ୍ଭିଦଙ୍କ ଜୀବନ ନିର୍ଭର କରିଥାଏ। କିନ୍ତୁ ଏସବୁ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଗତ ୫ ବର୍ଷ ହେବ ପ୍ରତିଦିନ ପାରାଦୀପ ବେଳାଭୂମି ସ୍ୱଚ୍ଛତା, ସମୁଦ୍ରକୁ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ସଚେତନତା ଓ ବିଭିନ୍ନ ସ୍କୁଲ୍‌କୁ ଯାଇ ସ୍ମାର୍ଟବୋର୍ଡ ମାଧ୍ୟମରେ ପ୍ଲାଷ୍ଟିକର ଦାୟିତ୍ୱ ସମ୍ପର୍ଣ୍ଣ ବ୍ୟବହାର କରିବାକୁ ସଚେତନତା କରି ଆସୁଛନ୍ତି ପରିବେଶ କର୍ମୀ ବାପି ଗୋଚ୍ଛାୟତ। ୪୦୦ ରୁ ଅଧିକ ଥର ବେଳାଭୂମି ସଫେଇ କରି ପ୍ରାୟ ୬ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ସଂଗ୍ରହ କରି ପୁନଃଚକ୍ରଣ ପାଇଁ ପାରାଦୀପ ପୌରପାଳିକାକୁ ହସ୍ତାନ୍ତର କରିଛନ୍ତି। ଏହାରି ଭିତରେ ସେ "ଆମ ବେଳାଭୂମି ପାଇଁ କିଛି ସମୟ' ଅଭିଯାନ ଚଳାଇ ଆସୁଛନ୍ତି। ଏହି ଅଭିଯାନରେ ସ୍କୁଲ୍ ଏବଂ କଲେଜର ୨୦ରୁ ଉର୍ଦ୍ଧ୍ୱ ଛାତ୍ର ଯୋଡ଼ି ହୋଇ ପରିବେଶ ପାଇଁ କାମ କରୁଛନ୍ତି। ପରିବେଶ ସୁରକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ କେମିତି ଅଧିକରୁ ଅଧିକ ଜାଗ୍ରତ ହେବେ, ପରିବେଶକୁ ଭଲ ପାଇବେ ଓ ତାଙ୍କ ଆଗାମୀ ଭବିଷ୍ୟତରେ ସେ ଏକ ସ୍ୱଚ୍ଛ ଓ ସୁନ୍ଦର ପୃଥିବୀଟିଏ ପାଇପାରିବେ ସେଥିପ୍ରତି ନିରନ୍ତର ଭାବେ ଅଭିଯାନ ଚଳାଇ ଆସୁଛନ୍ତି। ଏନେଇ ବାପି ପାରାଦୀପ ବେଳାଭୂମିରେ ଏକ ସଫେଇ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଯେଉଁଥିରେ ୨୫ରୁ ଅଧିକ ସ୍କୁଲ ଛାତ୍ର ଯୋଡ଼ି ହୋଇ ୫୦ କିଲୋଗ୍ରାମର ପ୍ଲାଷ୍ଟିକ୍ ସଂଗ୍ରହ କରି ପରିବେଶକୁ ପରିଷ୍କାର କରିଥିଲେ। ପରେ ଟ୍ୟୁସନ୍ ସାର୍ ବାବାଜୀ ଚରଣ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାପି ଗୋଚ୍ଛାୟତଙ୍କ ସହିତ ଦେବପ୍ରସାଦ ସାମନ୍ତରାୟ, ହରିଚନ୍ଦନ ଦାସ, ରୁଦ୍ର ନାରାୟଣ ଗୋଚ୍ଛାୟତ, ପ୍ରଶାନ୍ତ ଦାସ ଓ ଅନ୍ୟ ଯୁବକ ମାନେ ଉପସ୍ଥିତ ଥିଲେ।

■ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ

# ଯକ୍ଷ୍ମା ରୋଗୀଙ୍କୁ ବାସ୍କେଟ୍ ବଣ୍ଟନ




ଜଗତସିଂହପୁର,୨୪।୬(ସମିସ): ଆଜି ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଧାମୟୀ ମହାନ୍ତି ଉପସ୍ଥିତ ରହି ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଭଳି ପଦକ୍ଷେପ ଅଧୀନରେ ପୁଷ୍ଟିକର ସହାୟତା ଉନ୍ନତ ଚିକିତ୍ସା ସଫଳତା ହାରରେ ଯୋଗଦାନ କରେ ଏବଂ ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରେ ବୋଲି କହିଥିଲେ। ଏହି ପୁଷ୍ଟିକର ଖାଦ୍ୟ ବାସ୍କେଟ ନିକ୍ଷୟ ମିତ୍ର "ପାରାଦୀପ ଫସପେଟ୍ ଲିମିଟେଡ୍' ଦ୍ୱାରା ଯୋଗେଇ ଦିଆଯାଉଛି ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା।

# ବ୍ଲକ୍‌ସ୍ତରୀୟ ଜାତି, ଜନଜାତି ସମ୍ବାଦ ବୈଠକ

ନାଉଗାଁ,୨୪।୬(ସମିସ): ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମରେ ଆୟୋଜିତ ବ୍ଲକସ୍ତରୀୟ ଜାତି, ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିପିଓ ସୌରଜିତ ମହାପାତ୍ର, ସ୍ଥାନୀୟ ଶିକ୍ଷାବିତ୍ ନିରଞ୍ଜନ ମହାନ୍ତି, ସୁକାନ୍ତ କୁମାର ଲେଙ୍କା, ଅକ୍ଷୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ତଥା ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନା, ସହିଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଗୋପବନ୍ଧୁ ଶିକ୍ଷା ସହାୟକ ଯୋଜନା, ଜାତି, ଜନଜାତି ଅତ୍ୟାଚାର ନିବାରଣ ଆଇନ ଭଳି ଯୋଜନା ଗୁଡିକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକର ଦଶମ ପରୀକ୍ଷାରେ ଏ-୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ, ମାଧ୍ୟମିକ ଉଚ୍ଚଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଜାତି, ଜନଜାତିର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରାଯାଇଥିଲା।




# ଏବିଭିପିର ହେଲ୍ପଡେସ୍କ ଉଦ୍‌ଘାଟିତ




ଜଗତସିଂହପୁର,୨୪।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କୁଜଙ୍ଗ ନଗର ତରଫରୁ କୁଜଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ ନିମନ୍ତେ ହେଲ୍ପଡିସ୍କ ଖୋଲାଯାଇଛି। ଏହାକୁ ବିଦ୍ୟାର୍ଥୀ ପରିଷଦର ଜଗତସିଂହପୁର ଜିଲ୍ଲା ସଂଯୋଜକ ତଥା ରାଜ୍ୟ ଏସ୍‌ଏଫ୍‌ଡି ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତି ଏବଂ ସମାଜସେବୀ ଚନ୍ଦ୍ରକାନ୍ତି ପଲାଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଆୟୁଷ୍ ଆରବି ଏବଂ ତାପସ ଅବିନାଶ। ଏହି ଅବସରରେ ଛାତ୍ର ନେତା ସତ୍ୟପ୍ରକାଶ ମହାନ୍ତି କହିଥିଲେ ଯେ, ବିଦ୍ୟାର୍ଥୀ ପରିଷଦ ସଦାସର୍ବଦା ଛାତ୍ରଛାତ୍ରୀଙ୍କ ସହ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ଶିକ୍ଷା, ସାମାଜିକ ଓ ଛାତ୍ର କଲ୍ୟାଣମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ସହଯୋଗ କରିଚାଲିବ। ଏବିଭିପି ସର୍ବଦା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ କାର୍ଯ୍ୟ କରିଆସୁଛି ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ କରାଯାଇଥିଲା।

## ଜନାପାଳ ସତ୍ୟପୀର ପୀଠରେ ନିଆରା ମହରମ୍

# ହିନ୍ଦୁ ଯୁବକ ସାଜନ୍ତି ଫକୀର

କୁଜଙ୍ଗ,୨୪।୬(ସମିସ)



ଶୁକ୍ରବାର ସାରା ବିଶ୍ୱରେ ମୁସଲମାନ ସମ୍ପ୍ରଦାୟ ମହରମ ପାଳୁଥିବା ବେଳେ ଏହାର ତିନି ଦିନ ପୂର୍ବରୁ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ପାଳିତ ହେଉଛି ଡୋଲି ଓଷା। ସାରା ବିଶ୍ୱରେ ମୁସଲମାନ ଧର୍ମାବଲମ୍ବୀ ମାନେ ତ୍ୟାଗ ଓ ପବିତ୍ରତାର ପର୍ବ ମହରମ ପାଳନ୍ତି। ମାତ୍ର ଏହି ପର୍ବ ଅବ୍ୟବହିତ ପୂର୍ବରୁ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଏହି ପର୍ବ ଅବସରରେ ଏକ ନିଆରା ପରମ୍ପରା ଦେଖାଦିଏ। ଅବଶ୍ୟ ଚଳିତ ବର୍ଷ ଗତ ବର୍ଷ ପରି ତାଜିଆ ଶୋଭାଯାତ୍ରା, ଫଡି ଖେଳ ଉପରେ କଟକଣା ନଥିବା ଯୋଗୁ ଏହି ପର୍ବ ସେପରି ଫିକା ପଡିନି । ବର୍ଷା ସତ୍ତ୍ୱେ ଅଞ୍ଚଳବାସୀଙ୍କ ମଧ୍ୟରେ ଏହାର ମୂଳ ଆବେଗ ଓ ଶ୍ରଦ୍ଧା ଏବେବି ଅତୁଟ ରହିଥିବା ଦେଖିବାକୁ ମିଳେ। ଏହା ମୁସଲମାନଙ୍କ ପର୍ବ ହୋଇଥିବା ବେଳେ କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମରେ ଥିବା ସତ୍ୟପୀର ପୀଠରେ ଏହି ପର୍ବ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହ ପୁରୁଷ ପୁରୁଷ ଧରି ପାଳନ କରିଆସୁଛନ୍ତି। ଏହି ଗ୍ରାମରେ ମାତ୍ର ୮ଟି ପରିବାର ସଂଖ୍ୟା ଲଘୁ ରହିଥିବା ବେଳେ ଶାନ୍ତି ଓ ଭାଇଚାର ରହି ଆସିଥିବା ଉଭୟ ସମ୍ପ୍ରଦାୟ ବହୁ ପର୍ବ ପୃଥକ ପୃଥକ ପର୍ବ ପାଳନ କରୁଥିବା ସ୍ଥଳେ ମହରମକୁ ଏଠାରେ ହିନ୍ଦୁ ମାନେ ଡୋଲି ଓଷା ରୂପେ ପାଳନ କରିଆସିଥାନ୍ତି। ଏହି ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ପୁତ୍ର ସନ୍ତାନକୁ ଏହି ପର୍ବରେ ଲଣ୍ଡିତ ମସ୍ତକ କରି ଫକୀର ବେଶରେ ତାଜିଆ ଧରି ଗ୍ରାମ ପରିକ୍ରମା କରନ୍ତି। ତାଜିଆକୁ ହିନ୍ଦୁ ଫକୀର ମାନେ ଲଣ୍ଡିତ ମସ୍ତକରେ ପାଳନ କରୁଥିବା ବେଳେ ପୂଜା କରନ୍ତି ମୁସଲମାନ ମାନେ। ପ୍ରାୟ ୧୩୧୭ରୁ ଏହି ପରମ୍ପରା ପାଳିତ ହୋଇ ଆସୁଥିବା ବେଳେ ଏବେ କିନ୍ତୁ ଆଗପରି ଆଉ ଉତ୍ସାହ ଦେଖିବାକୁ ମିଳୁନଥିବା କହନ୍ତି ଗ୍ରାମର ମୁରବୀ ସନ୍ତୋଷ ଦାସ ପ୍ରମୁଖ। ଏହି ଗ୍ରାମରେ ଉଭୟ ସମ୍ପ୍ରଦାୟ ଶାନ୍ତି ଓ ଭାଇଚାରାର ବାର୍ତ୍ତା ନେଇ ଦୀର୍ଘ ବର୍ଷ ହେଲା ରହି ଆସିଥିବା ବେଳେ ଜନପାଳ ସତ୍ୟପୀର ପୀଠରେ ଉଭୟ ସମ୍ପ୍ରଦାୟର ବିଶ୍ୱାସ ଓ ଶ୍ରଦ୍ଧାସ୍ଥଳୀ। ଏହି ପୀଠରେ ବହୁ ସର୍ପାଘାତ ରୋଗୀ ପୂର୍ବକାଳରେ ସତ୍ୟ ପୀରଙ୍କ ଅପାର ମହିମାରୁ ଆରୋଗ୍ୟ ଲାଭ କରନ୍ତି ବୋଲି ବିଶ୍ୱାସ ରହିଥିବା ବେଳେ ମହରମ ତିଥିର ୧୦ ଦିନ ପୂର୍ବରୁ ଏଠାରେ ଉତ୍ସବର ଆରମ୍ଭ ହୋଇଥାଏ। ତାଜିଆ ଶୋଭାଯାତ୍ରାରେ ପ୍ରତି ହିନ୍ଦୁ ପରିବାରକୁ ଏହି ଲଣ୍ଡିତ ମସ୍ତକରେ ଥିବା ଫକୀର ମାନେ ଯାଇ ଭିକ୍ଷା କରିବା ସହ ମହରମ ଦିନ ସନ୍ଧ୍ୟାରେ ତାଜିଆ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ବାଲିଆ ନଦୀରେ ବିସର୍ଜନ କରିଥାନ୍ତି। ଚଳିତ ବର୍ଷ ଏହି ପର୍ବରେ ଚଳିତ ବର୍ଷ ପୂଜା କାର୍ଯ୍ୟ ସେକ୍ ଜାହିରୁଦ୍ଦିନ(ବାବୁ) ପରିଚାଳନା କରୁଥିବା ବେଳେ ୨୬ ଜଣ ହିନ୍ଦୁ ଯୁବକ ଲଣ୍ଡିତ ମସ୍ତକରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟକ୍ରମ ପାଳି କରି ସେକ୍ ନାସିରୁଦ୍ଦିନ, ସେକ୍ ଜାହିରୁଦ୍ଦିନ୍ ସେକ୍ ରାଜୁ ପ୍ରମୁଖ ପରିଚାଳନା କରିଆସୁଥିବା ବେଳେ ଆଖପାଖ ପ୍ରାୟ ୧୦ଟି ଗ୍ରାମରେ ଏହି ଶୋଭାଯାତ୍ରା ପରିକ୍ରମା ପ୍ରତିବର୍ଷ କରୁଥିବା ବେଳେ ଚଳିତ ବର୍ଷ କେବଳ ପୀଠରେ ପାଳନ କରାଯିବ। ଏହି ପର୍ବରେ ତାଜିଆ ବିସର୍ଜନର ୫ ଦିନ ପୂର୍ବରୁ ଯେଉଁଦିନ ଏହି ପର୍ବ ଆରମ୍ଭ କରାଯାଏ ବହୁ ହିନ୍ଦୁ ମହିଳା ଓ ପରୁଷ ଉପବାସ କରୁଥିବା ଦେଖାଯାଏ ଯାହା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି କାର୍ଯ୍ୟକ୍ରମ ପରେ ଲଣ୍ଡିତ ଫକୀର ମାନେ ସତ୍ୟନାରାୟଣ ପାଲା ସହ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ ଭୋଜି ଭାତ ମଧ୍ୟ କରିଥାନ୍ତି। ଜନାପାଳ ସତ୍ୟପୀର ପୀଠର ନିଆରା ପରମ୍ପର ସମାଜକୁ ଏକ ନୂଆ ବାର୍ତ୍ତା ଦେବ ବୋଲି କୁହନ୍ତି ଜନାପାଳର ଯୁବ ଗ୍ରାମର ମୁରବି ସନ୍ତୋଷ ଦାସ।

# ଶିକ୍ଷା ବଞ୍ଚାଅ ଶୀର୍ଷକରେ କଂଗ୍ରେସର ସମ୍ମିଳନୀ



ଜଗତସିଂହପୁର,୨୪।୬(ସମିସ): ଶିକ୍ଷାକ୍ଷେତ୍ର ହେଉଛି ଦେଶର ତଥା ଜାତିର ସାମାଜିକ, ଆର୍ଥିକ ଓ ରାଜନୈତିକ ବିକାଶର ମେରୁଦଣ୍ଡ। କିନ୍ତୁ ସମ୍ପ୍ରତି କେନ୍ଦ୍ର ଆଉ ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ଶିକ୍ଷା କ୍ଷେତ୍ରକୁ ଘୋର ଅନ୍ଧକାର ଭିତରକୁ ଠେଲି ଦେବା ସହ ଅଗଣିତ ଛାତ୍ରଛାତ୍ରୀ ଏବଂ ପରୀକ୍ଷାର୍ଥୀ ମାନଙ୍କ ଭବିଷ୍ୟତ ସହ ବିପଦପୂର୍ଣ୍ଣ ଖେଳ ବାରମ୍ବାର ଖେଳିଆସୁଛି ବୋଲି ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ ଅଭିଯୋଗ କରିଛନ୍ତି। ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ୨୦୨୪ ଓ ୨୦୨୬ ମସିହାରେ ନିଟ-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣା ଏବଂ ପାଠ୍ୟପୁସ୍ତକର ତ୍ରୁଟିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଆଇସିସି ମେମ୍ବର ତଥା ଓପିସିସି ପ୍ରବକ୍ତା ମଧୁମିତା ଆଚାର୍ଯ୍ୟ, ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ରୂପଶ୍ରୀ ରାଗିଣୀ ଦାଶ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ପୃଷ୍ଟି, ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାଇ ପ୍ରଭଞ୍ଜନ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସମ୍ପାଦକ ସୌମ୍ୟ ରଞ୍ଜନ ରାଉତ, ନିହାର ଦାସ, ଚିନ୍ମୟ ବିଶ୍ୱାଳ, ଅମରେଶ ରାଉତ, ମୁକ୍ତାର ଅଲ୍ଲୀ, ଶୁଭାଶିଷ ସ୍ୱାଇଁ, ସରସ୍ୱତୀ ସାହୁ, ସୁଚିସ୍ମିତା ପଣ୍ଡା, ଅଭିଷେକ ବଳ, ବିନତୀ ପଡିହାରୀ, ଧରିତ୍ରୀ ସାମଲ, କୃପାସିନ୍ଧୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ଢେଙ୍କାନାଳରେ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

# ଶୃଙ୍ଖଳିତ ଓ ସୁରକ୍ଷିତ ରଥଟଣାକୁ ଗୁରୁତ୍ୱ

ଢେଙ୍କାନାଳ,୨୪।୬ (ସମିସ) :

ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ପବିତ୍ର ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୧୬ ତାରିଖ ଗୁରୁବାର ଦିନ ଶ୍ରୀଶ୍ରୀ ବଳଦେବଜିଉ ବିଜେଙ୍କର ରଥଯାତ୍ରା ଅନୁଷ୍ଠିତ ହେବ । ଏଥି ନିମନ୍ତେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ରଥଯାତ୍ରା ସମୟରେ ଗାଡ଼ି ପାର୍କିଂ ଓ ଟ୍ରାଫିକ ନିୟନ୍ତ୍ରଣର ସୁବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଚିକିତ୍ସା ସେବା ଓ ଆମ୍ବୁଲାନସ ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବା ଏବଂ ଅଗ୍ନିଶମ ବିଭାଗ ଓ ପୌରପାଳିକା ପକ୍ଷରୁ ଯାତ୍ରାରେ ଜନସାଧାରଣଙ୍କ ଉପରେ ଜଳ ସିଞ୍ଚନର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ । ଉତ୍ସାହପୂର୍ଣ୍ଣ



ଓ ଶାନ୍ତି ଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ଶେଷ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ପଦ୍ମ ଚରଣ ସାହୁ ସ୍ୱାଗତ ଭାଷଣ ଦେଇ ରାଜପୁରୋଧାଙ୍କ ଦ୍ୱାରା ନିର୍ଘଣ୍ଟ କାର୍ଯ୍ୟସୂଚୀ ଅନୁଯାୟୀ ରଥ ଯାତ୍ରା ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ । ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ରଥଯାତ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବୈଠକରେ ରଥ ନିର୍ମାଣ ଓ ସାଜସଜ୍ଜା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ମୁତୟନ, ଗାଡ଼ି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ପରିଷ୍କାର ପରିଚ୍ଛନ୍ନତା, ସ୍ୱେଚ୍ଛାସେବୀ ମୁତୟନ, ଧାରା ବିବରଣୀ ପ୍ରଦାନ, ବିଦ୍ୟୁତ ସରବରାହ ନିୟନ୍ତ୍ରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇ ସୁରକ୍ଷିତ ଭାବେ ରଥଟଣା ଶେଷ କରିବାକୁ ସ୍ଥିର ହୋଇଛି । ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜଙ୍ଗଲ ଓ ପରିବେଶ ସଂଗଠନ ପକ୍ଷରୁ ବନବୀଜ ଓ ଜୈବବିବିଧତା ଉତ୍ସବ



ଖଜୁରିଆକଟା,୨୪।୬ (ସମିସ) : ହିନ୍ଦୋଳ ଉପଖଣ୍ଡରେ ବନବୀଜ ଓ ଜୈବବିବିଧତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜଙ୍ଗଲ ଓ ପରିବେଷ ସୁରକ୍ଷା ମଞ୍ଚର ସଭାପତି ତ୍ରିନାଥ ବେହେରାଙ୍କ ପୌରୋହିତ୍ୟରେ ତଥା ଏଫଇଏସ କର୍ମୀ ଜଗନ୍ନାଥ ରାୟଙ୍କ ତତ୍ୱାବଧାନରେ ପରମ୍ପରିକ ଜ୍ଞାନକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି, ଜିଲ୍ଲାସମ୍ପାଦକ ସୁଶାନ୍ତ ପତି, ସମ୍ମାନିତ ଅତିଥି ଭାବରେ ତହସିଲଦାର ଦିଲୀପ ସେଠି, ବାଉଁଶପୋଖରୀ ସରପଞ୍ଚ ରଂଜିତ ପ୍ରଧାନ, ରେଞ୍ଜର ତ୍ରିଲୋଚନ ଦେହୁରୀ, ସାମ୍ବାଦିକ ତଥା ସମାଜସେବୀ ପ୍ରଦ୍ୟୁମ୍ନ ବେହେରା, ଉପେନ୍ଦ୍ର ମାହୁନ୍ତ, ଅଦିତ୍ୱ ଅମାନ୍ତ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ପାରମ୍ପରିକ ଜ୍ଞାନ କୌଶଳକୁ ପୁନର୍ଜୀବିତ କରି କିପରି ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇପାରିବ ସେ ସମ୍ପର୍କରେ ବହୁମୂଲ୍ୟବାନ ସନ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପରିସରରେ ବହୁ ମୂଲ୍ୟବାନ ବିଲୁପ୍ତ ତଥା ପାରମ୍ପରିକ ଶସ୍ୟ ବୀଜ ପ୍ରଦର୍ଶନୀ କରାଯାଇଥିଲା ଯେଉଁଥିରେ ବହୁ ମୂଲ୍ୟବାନ ବିଷୟ ଶସ୍ୟ ବୀଜ ଉତ୍ପାଦନ, ସଂରକ୍ଷଣ, ଜ୍ଞାନ କୌଶଳ ପ୍ରୟୋଗ ସମ୍ପର୍କରେ ଜାଣିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ ବିଶିଷ୍ଟ ପରିବେଶବିତ ସମାଜସେବୀ ତଥା ପ୍ରଖ୍ୟାତ ଯାଦୁକର ବିମଳ ବିଶ୍ୱାଳ ସଞ୍ଚାଳନ କରିଥିବାବେଳେ ଜୈବ ବିବିଧତା ସମ୍ପର୍କୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଉପଢୌକନ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ହିନ୍ଦୋଳ ଉପଖଣ୍ଡରେ ଏହିପରି ଏକ ଯୁଗ ଉପଯୋଗୀ କାର୍ଯ୍ୟକ୍ରମକୁ ଅଞ୍ଚଳବାସି ପ୍ରଶଂସା କରିଥିବା ଜଣାପଡିଛି ।

## ସିନ୍ଦୂରାଇ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ପଣ୍ଡୁଆ,୨୪।୬(ସମିସ) : କାମାକ୍ଷାନଗର ଉପଖଣ୍ଡ ମହୁଲପାଳ ପଞ୍ଚାୟତ ବିଜାଡ଼ିହି ଠାରେ ୮ ଟି ଟିମକୁ ନେଇ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । କୁସୁମଯୋଡ଼ି, ବାଲିଗରଡ଼, ବଙ୍କୁଆଳ, ନଡ଼ିଆଳି, ବିଜାଡିହି, କାକୁଡ଼ିଆ, କାନ୍ତରିପାଟ, କାମାକ୍ଷାକୁ ନେଇ ବିଜାଡିହ ତଳସାହି ସଚେତନ ଯୁବକ ସଂଘ ସଦସ୍ୟ ବିକାଶ ସାହୁ, ପ୍ରବୀଣ ଖଟୁଆ, ସୌମ୍ୟଜିତ ସାହୁ, ମାନସ ରାଉଳ, ତନ୍ମୟ ଖୁଣ୍ଟିଆ, ଆର୍ଯ୍ୟନ ସାହୁ, ସୁନୀଲ ଖୁଣ୍ଟିଆ, ରୂପକ ବର, ପରେଶ ମହାଭୋଇ, ଜ୍ୟୋତି ସାହୁ, ରୋନିତ ସାହୁ, ବିଭୁଦତ୍ତ ମହାଭୋଇଙ୍କ ସହଯୋଗରେ ଭଲିବଲର ଏହି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ସମାଜସେବୀ ପର୍ଶୁରାମ ମହାଭୋଇ ଓ ଗତିକୃଷ୍ଣ ରାଉତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।

## ବିପଦସଂକୁଳ ଗଛପାଇଁ ବିପଦରେ ଜନତା



ଖଜୁରିଆକଟା,୨୪।୬ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସିର ବସ୍ ଷ୍ଟାଣ୍ଡ ଛକ ଠାରୁ ଜେଲ ସମ୍ମୁଖ ଭାଗ ଦେଇ ନରସିଂହପୁର ଦିଗକୁ ଯାଇଥିବା ମୁଖ୍ୟ ରାସ୍ତାର ଜେଲ ପାଚେରି ସଂଲଗ୍ନ ଏକ ଶୁଖିଲା ବୁଢ଼ା ଆମ୍ବ ଗଛରୁ ଆଜି ଭୋର୍ ସମୟରେ ଏକ ବଡ଼ ଡାଳ ଭାଙ୍ଗି ଅର୍ଦ୍ଧେକ ରାସ୍ତା ଉପରେ ପଡ଼ି ଯାତାୟାତରେ ବାଧା ସୃଷ୍ଟି କରିଛି । ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଦୁଇଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି । ପୂର୍ବରୁ ଏହି ବିପଦ ସଙ୍କୁଳ ଗଛ ସମ୍ପକରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ମାତ୍ର ସ୍ଥାନୀୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ଜେଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଅବହେଳା କରିବା ଫଳରେ ଏବେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଲା । ସୌଭାଗ୍ୟକୁ କୌଣସି ଅଘଟଣ ଘଟିନଥିବା ଜଣାପଡ଼ିଛି । ତୁରନ୍ତ ଏଥିପ୍ରତି ନଜର ଦେଇ ରାସ୍ତା ପାର୍ଶ୍ୱରୁ ଉକ୍ତ ଶୁଖିଲା ଗଛଟିକୁ କାଟି ସଫା କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ସୌଦାମିନୀ ସ୍ମୃତି ସରକାରୀ ବିଦ୍ୟାଳୟରୁ ଚୋରି



ଢେଙ୍କାନାଳ,୨୪।୬ (ସମିସ) : ସ୍ଥାନୀୟ ସୌଦାମିନି ସ୍ମୃତି ସରକାରୀ ବିଦ୍ୟାଳୟରୁ ବିଦ୍ୟୁତ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ହୋଇଛି । ବଜ୍ରପାତ ଓ ଉଚ୍ଚ ବିଦ୍ୟୁତ୍ ପ୍ରବାହ ରୋକିବା ପାଇଁ ଛାତରେ ଲାଗିଥିବା ବଜ୍ରପାତ ପ୍ରତିରୋଧ ଯନ୍ତ୍ରାଂଶକୁ ଦୁର୍ବୃତ୍ତ ଚୋରାଇ ନେଇଛନ୍ତି । ଦୁର୍ବୃତ୍ତ ଛାତରେ ଚଢ଼ି ତମ୍ବାରେ ତିଆରି ଉକ୍ତ ଯନ୍ତ୍ରାଂଶକୁ ଚୋରାଇ ନେଇଥିବା ଜଣାଯାଇଛି । ଏନେଇ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା ଟାଉନ ଥାନାରେ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ବାଜିଚୌକ ଅଞ୍ଚଳରେ ନିୟମିତ ଚୋରି ହେଉଛି । ବିଭିନ୍ନ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଚୋରି ହେଉଥିବା ବେଳେ ପୁଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଛି । ନିଶା ପାଇଁ ଛୋଟ ଚୋରି, ଛିନତାଇ ବଢ଼ିଚାଲିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ବିଲୋପ ହେବାକୁ ବସିଲାଣି ନବମ ଶତାବ୍ଦୀର ଅନନ୍ତଶୟନ ମୂର୍ତ୍ତି / ରକ୍ଷଣାବେକ୍ଷଣ ପାଇଁ ଭୁଲିଗଲେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା

ପରଜଙ୍ଗ,୨୪।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ସରାଙ୍ଗ ଗ୍ରାମର ବ୍ରାହ୍ମଣୀ ନଦୀକୂଳରେ ଥିବା ପ୍ରାଚୀନ ଅନନ୍ତ ଶୟନ କୀର୍ତ୍ତିରାଜି ଅସ୍ତିତ୍ୱ ହରାଇବା ଉପରେ ବସିଛି । ଅନନ୍ତଶୟନ ଭାବେ ବିଷ୍ଣୁ ମୂର୍ତ୍ତି ଯାହାକି ଏସିଆ ମହାଦେଶର ବୃହତମ ଭାବରେ ଖ୍ୟାତି ଅର୍ଜନ କରିପାରିଛି । ସ୍ଥାନୀୟ ବାସିନ୍ଦା କହିବା ମୁତାବକ ନବମ ଶତାବ୍ଦୀରେ ଭୌମ୍ୟ ବଂଶଜ ଭୀମ ଗୋଶାଇ ଭାବେ ବିଷ୍ଣୁ ମୂର୍ତ୍ତିକୁ ପୂଜା କରିଆସୁଥିଲେ । ୧୯୭୯ ମସିହାରେ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଭଗବତ୍ ଦୟାଲ ଶର୍ମା ଉକ୍ତ ସ୍ଥାନକୁ ପରିଦର୍ଶନ କରିବା ପରେ ଏଠାରେ ଶୟନ ଭାବେ ବିଷ୍ଣୁ ମୂର୍ତି ଥିବା ଦେଖିବା ପରେ ଅନନ୍ତଶୟନ ନାମରେ ନାମିତ କରିଥିଲେ । ଯାହାକି ପଥର ମୂର୍ତ୍ତିର ଲମ୍ବା ୫୨ ଫୁଟ, ପ୍ରସ୍ଥ ୧୮ ଫୁଟ ରହିଛି । ୨୦୦୦ ମସିହାରେ ଓଡ଼ିଶା ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପରିଚୟ ଦେଇଛନ୍ତି । ମାତ୍ର ଏହାର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ନିଜ ହାତକୁ ନେଇଥିଲେ



ମଧ୍ୟ କୌଣସି ବିକାଶ ଦିଗରେ ଦୃଷ୍ଟି ଦେଇନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ଦେଖିବାକୁ ମିଳିଛି । ମାତ୍ର କିଛି ଖଳ ପ୍ରକୃତିର ଲୋକ ଏହି ମୂର୍ତ୍ତି ନିକଟରେ ବାରମ୍ବାର ଡିନାମାଇଟ ବିସ୍ଫୋରଣ କରାଇ ମାଛ ଧରୁଥିବା ଫଳରେ ପଥର ମୂର୍ତିର କ୍ଷୟକ୍ଷତି ହେଉଥିବା ନେଇ ସ୍ଥାନୀୟ ଲୋକ କହିଛନ୍ତି । ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ ପଥର ନିର୍ମିତ ମୂର୍ତ୍ତି ଉପରେ ଫାଟ ସୃଷ୍ଟି ହେଲାଣି । ନାସିକା ଓ ଗୋଡ ଭାଙ୍ଗି ଯାଇଥିବାରୁ ଏହାକୁ ସିମେଣ୍ଟରେ ପୁନଶ୍ଚ କରାଯାଇଛି । ବ୍ରାହ୍ମଣୀ ନଦୀର ଜଳ ସ୍ରୋତ ବୃଦ୍ଧି ହେଲେ ପ୍ରଖର ସ୍ରୋତରେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଧୀର ପାଣି ପଥର କାଟିଲା ସଦୃଶ୍ୟ ମୂର୍ତ୍ତିର ବିଲୋପ ହେବାକୁ ବସିଲାଣି । ମୂର୍ତ୍ତିର ନଦୀ କୂଳରେ ସୁରକ୍ଷା ବାଡ଼ର ବ୍ୟବସ୍ଥା କରାଯାଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ବର୍ତ୍ତମାନ ଭଗ୍ନ ଅବସ୍ଥାରେ ରହିଛି ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଛି । ତତ୍କାଳୀନ ସରକାର ସମୟରେ ଭିତ୍ତିଭୂମିର ବିକାଶ ପାଇଁ ୩.୯୧ କୋଟି ଟଙ୍କାର ବ୍ୟୟ ଅଟକଳ ବରାଦ କରିଥିଲେ ମଧ୍ୟ ତାହା ମନ୍ଥର ଗତିରେ କାର୍ଯ୍ୟ ହେଉଛି । କେନ୍ଦ୍ର ସରକାରଙ୍କ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ନେଇଥିବା ବେଳେ କୌଣସି କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଦୃଷ୍ଟି ଦେଇ ବିକାଶ ଦିଗରେ ଏବଂ ମୂର୍ତ୍ତିର ସଂରକ୍ଷଣ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅନନ୍ତ ଶୟନ ଉନ୍ନୟନ କମିଟ ପକ୍ଷରୁ ଅନୁରୋଧ କରିବା ସହିତ ଦାବି କରିଛନ୍ତି ।

# ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଶ୍ରାଦ୍ଧ ବାର୍ଷିକୀ

ଢେଙ୍କାନାଳ,୨୪।୬ (ସମିସ) : ଢେଙ୍କାନାଳ ଜିଲ୍ଲା ଚନ୍ଦ୍ରଶେଖରପ୍ରସାଦ ଅଞ୍ଚଳରେ ଅବସ୍ଥାପିତ ଭୋଳେଶ୍ୱର ଧଳ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଭାରତର ବିଶିଷ୍ଟ ଭାଷା ବିଜ୍ଞାନୀ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ୫୬ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପ୍ରଫେସର ଗୋଲୋକ ବିହାରୀ ଧଳ ସ୍ମୃତି ସଂସଦ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡିଶାର ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ସଚିବ ତପନ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱର୍ଗତ ଧଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସଙ୍ଗେ ସଙ୍ଗେ ପ୍ରଫେସର ଧଳଙ୍କ ଧ୍ୱନି ବିଜ୍ଞାନ ଶାସ୍ତ୍ରର ଆଧୁନିକ ସମାଜକୁ ଦାନ ସଂପର୍କରେ ସୁଦୀର୍ଘ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିଗଣ ବିଦ୍ୟାଳୟ ପରିସରରେ ଥିବା ସତ୍ୟବାଦୀ ଗୋଷ୍ଠୀର ସାଧକମାନଙ୍କ ପ୍ରତିମୂର୍ତ୍ତି ତଥା ସଂଗ୍ରାମୀ ବ୍ରଜ କିଶୋର ଧଳ ଏବଂ ଭୋଳେଶ୍ୱର ଧଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ପ୍ରଫେସର ଧଳଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ମୃତି ସଭାରେ ସ୍ମୃତି ସଂସଦର ସଭାପତି ପ୍ରଫେସର ଡକ୍ଟର ଦୁର୍ଗା ମାଧବ ପୃଷ୍ଟି ଅଧ୍ୟକ୍ଷତା କରିଥିବାବେଳେ ପ୍ରତିଷ୍ଠାତା ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅପର୍ତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର ସଂପାଦକ ଇଂ. ଫକୀର ମୋହନ ସାହୁ ବିବରଣୀ ପାଠ କରିବା ସହିତ ସ୍ୱଦେଶ ରଞ୍ଜନ ଧଳ, ଧନଞ୍ଜୟ ଧଳ, ପ୍ରଫୁଲ୍ଲ ପଣ୍ଡା, ଇଂ. ଲଳିତ ମୋହନ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂସଦର କୋଷାଧ୍ୟକ୍ଷା ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଦସ୍ୟ ମଧୁସୂଦନ ଶତପଥୀ, ମନୋଜ କୁମାର ସାହୁ, ବୀରବର ମିଶ୍ର ପ୍ରଭୃତି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



## ବାଲ୍ୟାମ୍ବାରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଢେଙ୍କାନାଳ,୨୪।୬(ସମିସ): ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସଦର ବ୍ଲକର ବାଲ୍ୟାମ୍ବା ଗ୍ରାମ ପଞ୍ଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶ କାର୍ଯ୍ୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସମିତି ସଭ୍ୟ ଜୟକୃଷ୍ଣ ପଣ୍ଡା ଓ ମଧୁସୂଦନ ଜେନା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତର ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସଦସ୍ୟ, ଏମ୍‌ବିକେ, ସିଆର୍‌ପି, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ପିଇଓଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ବାୟୋ ବନ୍ଦନା, ସୁଭଦ୍ରା ଶକ୍ତି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଓ ଭିବିଜି ରାମଜୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ମନ୍ଦିର ରତ୍ନମୁଦ ଉତ୍ସବ

ଢେଙ୍କାନାଳ,୨୪।୬(ସମିସ) : ସ୍ଥାନୀୟ ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀଙ୍କର ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତକାଲି ଭାଗୀରଥି ସାଗର କୂଳରୁ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଦ୍ୱାରା ସହର ପରିକ୍ରମା ପୂର୍ବକ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂଜା ପ୍ରତିଷ୍ଠାନ ବହୁ ପ୍ରତିଷ୍ଠିତ ପୂଜା ପାଉଥିବା ବିଜେ ବିଗ୍ରହଙ୍କ ନୂତନ ମନ୍ଦିରର ଅଦ୍ୟ ବୁଧବାର ରତ୍ନମୁଦ କାର୍ଯ୍ୟ ଯଥା ହୋମଯଜ୍ଞ ବିଧି ଅନୁସାରେ କରାଯାଇ ତତ୍‌ପରେ ବିଭିନ୍ନ ରତ୍ନ, ଶସ୍ୟ ଓ ଶୁଷ୍କଧାନକୁ ପୂଜା କରାଯାଇ ମନ୍ଦିର ଗର୍ଭ ପୂରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ରାଣୀ ସାବିତ୍ରୀ ଦେବୀ ଓ ଜେମା ଅନୁସୟା ଦେବୀ ଉପସ୍ଥିତ ରହି ମା'ଙ୍କ ପାଖରେ ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ରତ୍ନମୁଦ କାର୍ଯ୍ୟକ୍ରମ ସମାପନ କରିଥିଲେ । ପୂର୍ବାହ୍ନରେ ବିଶେଷ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ର ନାରାୟଣ ପାଣି, ନଗରପାଳିକା ଶ୍ରୀମତୀ ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର



ପାତ୍ର, ଗଙ୍ଗାଧର ସାମଲ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ସମାଜସେବୀ ପ୍ରଦ୍ୟୁମ୍ନ ରଥ ଓ କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ମୀନାବଜାର ପୂଜା ପ୍ରତିଷ୍ଠାନ ଟ୍ରଷ୍ଟ ଅଧିକ ଲଳିତ କୁମାର ପଟ୍ଟନାୟକ, ବଜାର ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ସଂପାଦକ ପିତବାସ ସାହୁ, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଂଚିନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ଟ୍ରଷ୍ଟର ବରିଷ୍ଠ ସଭ୍ୟ କୃଷ୍ଣ ଦେବତା, ଟ୍ରଷ୍ଟ କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ସଂପାଦକ ପ୍ରଫୁଲ୍ଲ ବେହେରା, ପୂଜା କମିଟିର କୋଷାଧ୍ୟକ୍ଷ ଦୟାନିଧି ବେହେରା, ଜିତେନ୍ଦ୍ର ପଟ୍ଟନାୟକ, ଦିଲ୍ଲୀପ କୁମାର ସାହୁ, ଜି. ପରମେଶ୍ୱର ରାଓ, କେଶବ ରାଓ ପ୍ରମୁଖଙ୍କ ସୁପରିଚାଳନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ହିନ୍ଦୋଚା, ଜିତେଶ କୋଟକ୍, ରଜନ ପାତ୍ର, ପ୍ରଭାତ ଦଳେଇ, ଗିରିଜା ଶଙ୍କର ସାହୁ, ହେମନ୍ତ ଗଡନାୟକ, ସୁଧାଂଶୁ ସାହୁ, ବୀରବର ସାହୁ, ଆୟୁଷ ବେହେରା, ରନଦୀପ ସାହୁ, ଯଶୋବନ୍ତ ପଟ୍ଟନାୟକ, ଉଦୟନାଥ ବେହେରା, ରଞ୍ଜିତ୍ ସାହୁ, ଅଜିତ୍ ସାହୁ, ସୁଧାଂଶୁ କୁମାର ସାହୁ, ସୁବ୍ରତ କୁମାର ସାହୁ, ଶଶଧର ପାତ୍ର, ଶ୍ରୀକାନ୍ତ ମହାପାତ୍ର, ବିରଂଚି ରଣା, ତାପସ ପାତ୍ରଙ୍କ ସମେତ ବହୁ ସଭ୍ୟ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ସହଯୋଗ କରିଥିଲେ । ପୂଜକ ସୁରେଶ ଭୂଷଣ ନନ୍ଦ, ମନୋରଞ୍ଜନ ତ୍ରିପାଠୀ ଓ ସୂର୍ଯ୍ୟନାରାୟଣ ଶତପଥୀ ଏବଂ ମନ୍ଦିର ପୂଜକ ରବିନାରାୟଣ ଦାଶ, କର୍ତ୍ତା ନରେନ୍ଦ୍ର ସାହୁ, କର୍ତ୍ତୀ ମମତାରାଣୀ ସାହୁଙ୍କ ଉପସ୍ଥିତିରେ ସମସ୍ତ ପୂଜା ଅନୁଷ୍ଠିତ ହେଉଅଛି । ବିଶେଷ ଭାବରେ ସଂପାଦକ ପିତବାସ ସାହୁ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ତଦାରଖ କରିଥିଲେ ।

## ଲଭ-ସେକ୍ସ-ଧୋକା, ଜେଲ ପରେ ବିବାହ



ଭୁବନ,୨୪।୬(ସମିସ) : ଇନ୍‌ଷ୍ଟାଗ୍ରାମରୁ ଆରମ୍ଭ ହୋଇଥିବା ପ୍ରେମ କାହାଣୀର ଅନ୍ତ ହୋଇଛି । ପ୍ରଥମେ ଚାଟିଂ, ପ୍ରେମ, ତା'ପରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଶେଷରେ ଯୁବତୀଙ୍କୁ ଧୋକା ଦେଇ ଗାଏବ ହୋଇଯାଇଥିବା ଯୁବକକୁ ପୁଲିସ ଗିରଫ କରି ଜେଲ ପଠାଇବା ଓ ଶେଷରେ ଜାମିନରେ ଆସି ବିବାହ ଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲାର ଭୁବନ ଅଞ୍ଚଳରେ । ସୂଚନ ଅନୁସାରେ, ଭୁବନ ଥାନା ଯମୁନାକୋଟ ଗ୍ରାମର ଅଦିତ ସାହୁଙ୍କ ପୁଅ ଅଭିମନ୍ୟୁଙ୍କର ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଭୁବନ ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ପରିଚୟ ସୃଷ୍ଟି ହୋଇଥିଲା । ଦୀର୍ଘ ସାତ ମାସ ଧରି ଚାଟିଂ ପରେ ୨୦୨୪ ମସିହା ଜାଗରରେ ଦୁହିଁଙ୍କର ପ୍ରଥମ ସାକ୍ଷାତକାର ହୋଇଥିଲା ଭୁବନର ପ୍ରସିଦ୍ଧ ବାବା ବୁଦ୍ଧେଶ୍ୱରଙ୍କ ପୀଠରେ । ପରେ ଯୁବକ ଜଣଙ୍କ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଇ ଭୁବନ ତାରିଣୀ ମନ୍ଦିରରେ ସିନ୍ଦୂର ପିନ୍ଧାଇଥିଲେ । ଯୁବକଙ୍କ ପ୍ରତିଶ୍ରୁତିରେ ବିଶ୍ୱାସ କରି ଯୁବତୀ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି କିଛି ଦିନ ପରେ ଗର୍ଭବତୀ ହୋଇଥିଲେ । ପରେ ଯୁବକ ଜଣକ ଜୋର ଜବରଦସ୍ତି ତାଙ୍କ ଗର୍ଭନଷ୍ଟ କରାଇଥିଲେ । ତା'ପରେ ଯୁବତୀଙ୍କ ସହ ସବୁ ସମ୍ପର୍କ ଛିନ୍ନ କରି ତାଙ୍କ ଫୋନ୍ ନମ୍ବରକୁ ବ୍ଲକ କରିଦେଇଥିଲେ । ଏପଟେ ଯୁବତୀ ଜାଣିବାକୁ ପାଇଥିଲେ ଯେ, ଯୁବକଙ୍କର ଅନ୍ୟ ଜାଗାରେ ବିବାହ ପାଇଁ ପ୍ରସ୍ତୁତି ଚାଲିଛି । ନ୍ୟାୟ ପାଇଁ ଯୁବତୀ ଭୁବନ ଥାନାରେ ମେ ମାସ ଶେଷ ସପ୍ତାହରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଯୁବକକୁ ଭୁବନ ପୋଲିସ ଜେଲ ପଠାଇଥିଲେ ମେ ୩୧ ତାରିଖ ରେ । ପରେ ଉଭୟ ପରିବାର ସହମତିରେ ବାରୁଆଁ ସରପଞ୍ଚ ବୀଣାପାଣି ସାହୁ, ବିନୟ କୁମାର ସାହୁଙ୍କ ଉପସ୍ଥିତରେ ବାରୁଆଁ ମନ୍ଦିରରେ ବିବାହ କାର୍ଯ୍ୟ ବୈଦିକ ରୀତିନୀତିରେ ସମ୍ପନ୍ନ ହୋଇଛି ।

# ବିଲୁପ୍ତପ୍ରାୟ ବାଇଚଢ଼େଇ ବସା ସୁରକ୍ଷା ଓ ସଂରକ୍ଷଣ ଦାବି

ପରଜଙ୍ଗ,୨୪।୬(ସମିସ) :

ଗାଁ ମୁଣ୍ଡ ତାଳ, ଖଜୁରୀ ଓ ନଡ଼ିଆଗଛ ଡାଳରେ ଝୁଲୁଥିବା ମାଳମାଳ ବାଇଚଢ଼େଇ ବସା ଗ୍ରାମୀଣ ପରିବେଶର ଏକ ଆକର୍ଷଣ ଥିଲା । ସମୟ ବଦଳିବା ସହିତ ଗଛ ସଂଖ୍ୟା କମିଯାଉଥିବାରୁ ଏବେ ବାଇଚଢ଼େଇ ଗାଁ ଛାଡ଼ି ଜଙ୍ଗଲମୁହାଁ ହେଉଛନ୍ତି । ପୂର୍ବଭଳି ଗ୍ରାମ ନିକଟରେ ଏହି କୁନି ପକ୍ଷୀର ସୁନ୍ଦର ବସା ଦେଖିବା ଦୁର୍ଲଭ ହୋଇପଡ଼ିଛି । ବାଇଚଢେଇ ଛୋଟ ପକ୍ଷୀ ହେଲେ ମଧ୍ୟ ତା'ର ଜୀବନଶୈଳୀ, ପରିଶ୍ରମ ଓ ନିଖୁଣ କାରିଗରୀ ମଣିଷ ସମାଜ ପାଇଁ ଏକ ବଡ଼ ଶିକ୍ଷା । ଖରାଦିନ ଆସିଲେ ଗାଁ ମୁଣ୍ଡର ତାଳ,ଖଜୁରୀ ଓ ନଡ଼ିଆ ଗଛ ଡାଳରେ ଝୁଲୁଥିବା ସୁନ୍ଦର ବସା ମଧ୍ୟରେ ଏହି କୁନି ପକ୍ଷୀକୁ ଦେଖିବାକୁ ମିଳୁଥିଲା । ବାଇଚଢ଼େଇ ଦେଖିବାକୁ ଯେତିକି ସୁନ୍ଦର, ତା'ର ବସା ସେତିକି ଆକର୍ଷଣୀୟ । କୁନି ଥଣ୍ଟରେ ଘାସ,ତାଳ ଓ ଖଜୁରୀ ପତ୍ରର ସୂକ୍ଷ୍ମ ତନ୍ତୁ ସଂଗ୍ରହ କରି ନିଖୁଣ ଭାବରେ ବୁଣି ସେ ତିଆରି କରିଥାଏ ମଜବୁତ ବସା । ପବନ,ବର୍ଷା କିମ୍ବା ଝଡ଼ତୋଫାନ ଆସିଲେ






ମଧ୍ୟ ଉକ୍ତ ବସା ସହଜରେ ଭାଙ୍ଗିନଥାଏ । ଘର ତିଆରି କରିବା ହେଉ କି ଭବିଷ୍ୟତ ପାଇଁ ସୁରକ୍ଷା ବ୍ୟବସ୍ଥା କରିବା ହେଉ,ବାଇଚଢେଇ ସବୁଠାରୁ ଆଗରେ ରହିଥାଏ । ପ୍ରତିକୂଳ ପରିସ୍ଥିତିରେ ପ୍ରକୃତି ସହ ସମନ୍ୱୟ ରଖି କିପରି ହାର ନ ମାନି କାମ କରାଯାଏ ତାହା ବାଇଚଢେଇ ମଣିଷକୁ ଶିଖାଇଥାଏ । ଆଜିର ଆଧୁନିକ ମଣିଷ ପରିବାର ଓ ସମାଜଠାରୁ ଠାରୁ ଦୂରେଇ ଯାଉଥିବା ବେଳେ, ବାଇଚଢ଼େଇ ଗୋଷ୍ଠୀଗତ ଭାବେ ଏକାଠି ବଞ୍ଚିବାର ମହତ୍ୱ ବୁଝାଇଥାନ୍ତି । ସବୁଠାରୁ ବଡ଼ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାର ବ୍ୟବସ୍ଥାଠାରୁ ମୁହଁ ଫେରାଉ ଥିବାବେଳେ, ବାଇଚଢ଼େଇ ଗୋଷ୍ଠୀଗତ ଭାବେ ରହିବାକୁ ପସନ୍ଦ କରନ୍ତି । ଓଡ଼ାପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମ ମାନଙ୍କରେ ପୋଖରୀହୁଡ଼ା, ନଦୀତୋଟା, ବଣଜଙ୍ଗଲ ଓ ବିଲମାହାଳରେ ପୂର୍ବରୁ ବହୁ ସଂଖ୍ୟାରେ ଥିବା ତାଳ,ଖଜୁରୀ,ନଡ଼ିଆ ଓ ଅନ୍ୟାନ୍ୟ ଗଛ ଭରପୁର ରହିଥିଲା । ପ୍ରତ୍ୟେକ ଗଛରେ ମାଳମାଳ ବାଇଚଢ଼େଇ ବସା ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳୁଥିଲା । ବିଶେଷ କରି ତାଳବରଡ଼ା ତଳେ କିଚିରିମିଚିରି ଶବ୍ଦ ସହ ସେମାନଙ୍କର ସୁନ୍ଦର କାରିଗରୀ ଦେଖଣାହାରୀଙ୍କୁ ଆକର୍ଷିତ କରୁଥିଲା । ଶିକାରୀ ପକ୍ଷୀଙ୍କ ଆକ୍ରମଣରୁ ସନ୍ତାନଙ୍କୁ ବଞ୍ଚାଇବା ପାଇଁ ସେମାନେ ବାବୁରି ଓ ଗୁହିରା ଭଳି କଣ୍ଟା ଗଛରେ ମଧ୍ୟ ବସା ତିଆରି କରୁଥିଲେ । ସମୟ ସହିତ ଗ୍ରାମାଞ୍ଚଳରେ ଗଛ ସଂଖ୍ୟା କମିବାରୁ ବାଇଚଢ଼େଇଙ୍କ ଆବାସସ୍ଥଳ ମଧ୍ୟ ସଂକୁଚିତ ହେଉଛି । ଫଳରେ ଏହି କୁନି ପକ୍ଷୀମାନେ ଏବେ ଗାଁ ଛାଡ଼ି ଜଙ୍ଗଲ ମୁହାଁ ହୋଇ ବସା ବାନ୍ଧିବାକୁ ବାଧ ହେଉଛନ୍ତି । ପରିବେଶବିତ୍‌ଙ୍କ ମତରେ ବାଇଚଢ଼େଇ ପ୍ରକୃତିର ଏକ ଅମୂଲ୍ୟ ସମ୍ପଦ । ଏହାକୁ ସୁରକ୍ଷିତ ରଖିବା ପାଇଁ ତାଳ, ଖଜୁରୀ, ବାବୁରି, ଗୁହିରା, ନଡ଼ିଆ, ଗୁଆ ଓ ଅନ୍ୟାନ୍ୟ ଗଛ ଚାରା ରୋପଣ ବୃଦ୍ଧି କରିବା ସହ ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ଜରୁରି ବୋଲି ମତ ପ୍ରକାଶ କରିବା ସହିତ ରାସ୍ତା ପ୍ରଶସ୍ତୀକରଣ ପାଇଁ ତାଳଗଛ କାଟିବା ପୂର୍ବରୁ ବନବିଭାଗର ଅନୁମତିକୁ ବାଧ୍ୟତାମୂଳକ କରିବାକୁ ପରିବେଶବିତମାନେ ଦାବି କରିଛନ୍ତି । ଆଧୁନିକତା ଓ କଂକ୍ରିଟ ବ୍ରିଟ ସହରର ବିସ୍ତାର ଯୋଗୁଁ ବାଇଚଢ଼େଇ ଭଳି ଅନେକ ପ୍ରେରଣାଦାୟକ ଜୀବ ଧୀରେଧୀରେ ଲୋପ ପାଇବାକୁ ବସିଲେଣି । ବାଇଚଢ଼େଇ ସମେତ ଅନ୍ୟାନ୍ୟ ପକ୍ଷୀଙ୍କ ସୁରକ୍ଷା ପ୍ରତି ରାଜ୍ୟ ସରକାର ଅଧିକ ଯତ୍ନବାନ ହେବାକୁ ମଧ୍ୟ ସାଧାରଣରେ ଦାବି ହେଉଛି ।

**ଅଭାବରେ ମହାପ୍ରଭୁ**

# ବନ୍ଦ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା !

ବାରିପଦା, ୨୪।୬ (ସମିସ): ଆଉ ତିନି ସପ୍ତାହ ପରେ ରଥଯାତ୍ରା। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଦେବତ୍ତୋର ବିଭାଗ ଅଧୀନ ମଠ ଓ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଦେବତ୍ତୋର ବିଭାଗ ଅଧୀନରେ ହେଉଥିବା ରଥଯାତ୍ରା ପାଇଁ ଏଥର ମୋଟ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ଉପସ୍ଥାପିତ ହୋଇଛି। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଏହି ଅଟକଳ ଉପସ୍ଥାପିତ ହୋଇଛି। ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉ ମନ୍ଦିର ପାଇଁ ଏଥର ରଥଯାତ୍ରା ଖର୍ଚ୍ଚ ଅଟକଳ ୬୬ ଲକ୍ଷ ୧୦ ହଜାର ଟଙ୍କା ରହିଛି। ଏଥିରେ ଚାରିଟି ରଥ ନିର୍ମାଣ ଓ ଖୋଲା, ରଥ କାଠ ଓ ପରିବହନ, ରଥ ଦଉଡି, ଲୁହା ସାମଗ୍ରୀ, ଦେବତାଙ୍କ ସାଜସଜ୍ଜା, ଗହଣା ରଙ୍ଗ ଓ ମରାମତି, ଟାହିଆ, ଆଲୋକ ବ୍ୟବସ୍ଥା, ଟେଣ୍ଟ, ଜେନେରେଟର, ସିସି



କ୍ୟାମେରା ଆଦି ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସେହିପରି ମାଣତ୍ରୀ ମନ୍ଦିର ପାଇଁ ୨.୬୦ ଲକ୍ଷ ଟଙ୍କା, ପ୍ରତାପପୁର ମନ୍ଦିର ଓ ରାସଗୋବିନ୍ଦପୁର ଖୁଣ୍ଟା ମଠ ପାଇଁ ୧.୬୦ ଲକ୍ଷ ଟଙ୍କା ଲେଖାଏଁ, କାନ୍ଠଥ ମଠ ପାଇଁ ୧.୧୦ ଲକ୍ଷ ଟଙ୍କା, ଅମର୍ଦ୍ଦା ମଠ ପାଇଁ ୧ ଲକ୍ଷ ଟଙ୍କା ଓ ମଙ୍ଗଳପୁର ମଠ ପାଇଁ ୭୦ ହଜାର ଟଙ୍କାକୁ ମିଶାଇ ୮ ଲକ୍ଷ ୬୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ମିଶି ଚଳିତବର୍ଷ ରଥଯାତ୍ରା ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ମୋଟ ୭୪ ଲକ୍ଷ ୭୦ ହଜାର ଟଙ୍କାର ଅଟକଳ ହୋଇଛି।

**ଅଟକଳ ୭୪ ଲକ୍ଷ ୭୦ ହଜାର**

**ଜାନୁଆରୀରୁ ବାକିପଡ଼ିଛି ୬୦ ଲକ୍ଷ**

ସର୍ବାଧିକ ଚିନ୍ତାର ବିଷୟ ହେଉଛି ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ୍ ପର୍ଯ୍ୟନ୍ତ ଦୈନନ୍ଦିନ ଖର୍ଚ୍ଚ ବାବଦ ୬୦ ଲକ୍ଷ ଟଙ୍କା ବକେୟା ରହିଛି। ଏଣୁ ବକେୟା ଟଙ୍କା ପ୍ରଦାନ ନ କରିବା ଯାଏଁ ଯୋଗାଣକାରୀ ଦୋକାନୀ ବା ବ୍ୟବସାୟୀ ରଥଯାତ୍ରା ପାଇଁ ସାମଗ୍ରୀ ଦେବା ଆଶା ଚିନ୍ତାର ବିଷୟ। ଏହି ବକେୟା ସହ ମୋଟ ଖର୍ଚ୍ଚ ଅଟକଳ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଦେବତ୍ତୋର ବିଭାଗ ଏହି ଅଟକଳ ଉପସ୍ଥାପନ କରିଥିବାବେଳେ ବକେୟା ଟଙ୍କା ସମୟରେ ମିଳିଲେ ହିଁ ସମୟମତେ ରଥଯାତ୍ରା ସମ୍ପନ୍ନ ହୋଇପାରିବ ବୋଲି ଉକ୍ତ ମହଲ ଆଶା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେପରି କୌଣସି ଅସୁବିଧା ବିନା ସୁଚାରୁରୂପେ ସମ୍ପନ୍ନ ହୁଏ, ସେ ଦିଗରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରୁଛି ଏହି ଅଟକଳ।

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ସହ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ, କାଜୁ ନିଗମ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରାଗଲେ ଉପରୋକ୍ତ ଅଭାବ ପରିଲକ୍ଷିତ ହୁଅନ୍ତା ନାହିଁ ବୋଲି ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।

**■ ଛତ୍ରପୁର ଅଞ୍ଚଳରେ ଗୁଣିଆ ସନ୍ଦେହରେ ହତ୍ୟା ମାମଲା**

## ଅଭିଯୁକ୍ତ ୨୪ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ

କଟକ,୨୪।୬(ସମିସ): ଏକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ଦୀର୍ଘ ୨୪ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ସାକ୍ଷୀଙ୍କ ବୟାନରେ ବିରୋଧାଭାସ ଏବଂ ଦୁର୍ବଳ ଅନୁସନ୍ଧାନ କାରଣରୁ ଏକ ଦୀର୍ଘ ଦିନର ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୩ରୁ ଚାଲିଆସୁଥିବା ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ତଥା ଆବେଦନକାରୀ ବାବୁ ଦାସଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ପ୍ରମାଣରେ ଥିବା ବଡ଼ ଫାଙ୍କଗୁଡ଼ିକୁ ଅଣଦେଖା କରିଥିଲେ। ଆଇନ ଅନୁଯାୟୀ ପ୍ରସିକ୍ୟୁସନକୁ ନିଜ ମାମଲା ସନ୍ଦେହରୁ ଉର୍ଦ୍ଧ୍ୱରେ ପ୍ରମାଣ କରିବାକୁ ପଡ଼ିଥାଏ, କିନ୍ତୁ ଏଠାରେ ନିମ୍ନ ଅଦାଲତ ଓଲଟା ଅଭିଯୁକ୍ତ ଉପରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଭାର ଲଦି ଦେଇଛନ୍ତି, ଯାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

**‘ନିର୍ଦ୍ଦୋଷ ପ୍ରମାଣ ପାଇଁ ଅଭିଯୁକ୍ତ ଉପରେ ବୋଝ ଲଦିବା ଗ୍ରହଣୀୟ ନୁହେଁ’**

ମାମଲାରୁ ପ୍ରକାଶ ଯେ ଗତ ୨୦୦୨ ମସିହା ମେ’ ୨୮ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ସାରୁ ଗ୍ରାମର ଗୁଣିଆ ନଟବର ଗୌଡ଼ଙ୍କୁ ଲାଠିରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବାବୁ ଦାସ ନିଜ ପରିବାର ଉପରେ ଗୁଣି ଗାରେଡ଼ି ସନ୍ଦେହ କରି ଏହି ହତ୍ୟାକାଣ୍ଡ ଭିଆଇଥିବା ପ୍ରସିକ୍ୟୁସନ ଦାବି କରିଥିଲା। ୩୧ ଅକ୍ଟୋବର ୨୦୦୩ରେ ଛତ୍ରପୁର ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ତରଫରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା। ପ୍ରସିକ୍ୟୁସନର ସମସ୍ତ ପ୍ରମାଣ ସନ୍ଦେହଘେରରେ ଥିବାରୁ, ଆଇନର ‘ବେନିଫିଟ୍ ଅଫ୍ ଡାଉଟ୍’ ବା ସନ୍ଦେହର ଲାଭ ଅଭିଯୁକ୍ତଙ୍କ ସପକ୍ଷରେ ଯିବା ଉଚିତ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏହି ଆଧାରରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

**‘ଡିଜିଟାଲ୍ ଆରେଷ୍ଟ’ ଠକେଇ**

# ଅବସରପ୍ରାପ୍ତ ପ୍ରଫେସର ଫେରିପାଇଲେ ୧.୧୦ କୋଟି

କଟକ,୨୪।୬(ସମିସ): ‘ଡିଜିଟାଲ୍ ଆରେଷ୍ଟ’ ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଆକାଉଣ୍ଟରୁ ଯାଇଥିବା ୨.୪୫ କୋଟି ଟଙ୍କା ମଧ୍ୟରୁ ୧କୋଟି ୧୦ ଲକ୍ଷ ଫେରସ୍ତ ଆଣିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। ‘୧୯୩୦’ ସାଇବର ହେଲ୍ପଲାଇନ୍ ମାଧ୍ୟମରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଅର୍ଥ ଉଦ୍ଧାର କରାଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଏହି ଅବସରପ୍ରାପ୍ତ ପ୍ରଫେସର ଜଣକ ଗତ ଫେବୃଆରୀ ୨୦୨୬ରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହରାଇଥିଲେ। ଏନେଇ ସେ ଗତ ମେ ୧୫ରେ ସେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି)ରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ତଥା ଗତ ମାର୍ଚ୍ଚ ୨ତାରିଖରେ ସେ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ଏହି ପ୍ରକ୍ରିୟାରେ ଠକେଇ ସହ ଜଡ଼ିତ କେତେକ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରାଯାଇଥିଲା ଏବଂ ସେଗୁଡ଼ିକୁ ତୁରନ୍ତ ଫ୍ରିଜ୍ ବା ଅଚଳ କରିବାକୁ ପଦକ୍ଷେପ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ‘ୟେସ୍ ବ୍ୟାଙ୍କ’ର ଏକ ଆକାଉଣ୍ଟରେ ଥିବା ୧କୋଟି ୧୦ଲକ୍ଷ ଟଙ୍କାକୁ ଅଟକାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, କୋର୍ଟଙ୍କ ଆଦେଶ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରି ଏହି ସମ୍ପୂର୍ଣ୍ଣ ଅର୍ଥକୁ ଅଭିଯୋଗକାରୀ ପ୍ରଫେସରଙ୍କ ଆକାଉଣ୍ଟକୁ ସଫଳତାର ସହ ଫେରସ୍ତ ଅଣାଯାଇଛି।

**୪ ମାସରେ ୧୬୩୩୫ଟି ସାଇବର ଠକେଇ ଅଭିଯୋଗ**

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଗତ ୨୦୨୫ରେ ଏନସିଆରପିରେ ମୋଟ ୪୩୨.୨୮ କୋଟି ଟଙ୍କା ଠକେଇ ନେଇ ୪୯୪୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଗୁଡିକ ଆଧାରରେ ୬୮.୭୧କୋଟି ଟଙ୍କାକୁ ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇଥିବା ବେଳେ ୫.୩୧କୋଟି ଟଙ୍କା ଅଭିଯୋଗକାରୀ ମାନଙ୍କୁ ଫେରସ୍ତ ଦିଆଯାଇପାରିଛି। ସେହିଭଳି ୨୦୨୬ ଏପ୍ରିଲ୩୦ ସୁଦ୍ଧା ୧୩୪.୨୪କୋଟି ଟଙ୍କା ଠକେଇ ନେଇ ୧୬୩୩୫ଟି ଅଭିଯୋଗ ହୋଇଥିବା ବେଳେ ୨୪.୨୭କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇ ରଖାଯାଇଛି। ଏଥିରୁ ୨.୯୭କୋଟି ଟଙ୍କା ଅଭିଯୋଗକାରୀ ମାନେ ଫେରସ୍ତ ପାଇଛନ୍ତି। ଏଭଳି କୌଣସି ସନ୍ଦିଗ୍ଧ ଫୋନ କଲ୍ ଆସିଲେ ନିଜର ବ୍ୟକ୍ତିଗତ ଓ ବ୍ୟାଙ୍କ ତଥ୍ୟ ସେୟାର ନକରିବାକୁ କୁହାଯାଇଛି। ଏଭଳି ଘଟଣା ଘଟିଲେ ତୁରନ୍ତ ଟୋଲ୍ ଫ୍ରି ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କିମ୍ବା www.cybercrime.gov.inରେ ଅଭିଯୋଗ ଯେତେ ଶୀଘ୍ର କରାଯିବ ତେବେ ଟଙ୍କା ଫ୍ରିଜ୍ ହେବାର ଏବଂ ଫେରସ୍ତ ମିଳିବାର ସମ୍ଭାବନା ସେତେ ଅଧିକ ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

## ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କଣିହାଁ,୨୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ନିମ୍ନଭାଗ କଦଳିପାଳ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରେଙ୍ଗାଲି ଡ୍ୟାମ ତଳ ଅଞ୍ଚଳ କଦଳିପାଳ ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଙ୍କ ନିକଟକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ କଣିହାଁ ବ୍ଲକ ଖାମାର ଗ୍ରାମର ରାଜେଶ ଗୋଚ୍ଛାୟତ ବୋଲି ଜଣାପଡ଼ିଛି। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଷ୍ଟ୍ରିଟ୍ ଲାଇଟ୍ କାମରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର ୨୪।୬ (ସମିସ): ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ। ବୁଧବାର ଭିଜିଲାନ୍ସ ଟିମ୍ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିଛି। ଭିଜିଲାନ୍ସ ପକ୍ଷରୁ ୮୧ ଜଣ ଅଧିକାରୀଙ୍କୁ ନେଇ ୨୪ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ତଦନ୍ତ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ଟେଣ୍ଡର ନିୟମ ଉଲ୍ଲଂଘନ ସହ ଏନର୍ଜି ମିଟର, କେବୁଲ, ଏମସିବି, ଫଟୋ ସ୍ୱିଚ୍ ଟାଇମର ଆଦି ସ୍ଥାପନ ନକରି ମଧ୍ୟ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଆଜି ଭିଜିଲାନ୍ସର ଟିମ୍ ୩ଟି ଜିଲ୍ଲାର ୫୦ଟି ସ୍ଥାନରେ ପ୍ରାୟୋଗିକ ଯାଞ୍ଚ ଓ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ କେତେ ଦୁର୍ନୀତି ହୋଇଛି ଓ ସରକାରୀ କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଭୂମିକା କ’ଣ ରହିଛି, ତା’ର ତଦନ୍ତ ଆରମ୍ଭ ହୋଇଛି ।

**୩ ଜିଲ୍ଲାରେ ଭିଜିଲାନ୍ସ ଯାଞ୍ଚ**

**■ ଜଷ୍ଟିସ ନାଇଡୁ କମିସନ ରିପୋର୍ଟ ଗାଏବ୍ ଘଟଣା**

## ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

କଟକ,୨୪।୬(ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ଜଷ୍ଟିସ ଏ.ଏସ.ନାଇଡୁ ତଦନ୍ତ କମିସନଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ଘଟଣାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ତେବେ ଏହି ମାମଲାରେ ଜଷ୍ଟିସ ନାଇଡୁ କମିସନଙ୍କ ରିପୋର୍ଟ ଗାଏବ ପ୍ରସଂଗକୁ ନେଇ ଆଇନଜୀବୀ ତଥା ଆବେଦନକାରୀ ଇଂ ଦେବାଶିଷ ହୋତା ହାଇକୋର୍ଟରେ ଏକ ଅନ୍ତରୀଣ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କନ୍ଧମାଳର ଜଲେସପଟା ଆଶ୍ରମରେ ଭିଏଚପି ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ୪ଜଣ ଅନୁଗାମୀଙ୍କ ୨୦୦୮ ମସିହାରେ ହୋଇଥିବା ନିର୍ମମ ଓ ସୁଚିନ୍ତିତ ହତ୍ୟାକାଣ୍ଡର ତଦନ୍ତ ପାଇଁ ବିଶେଷ ଭାବେ ଜଷ୍ଟିସ ଏ.ଏସ.ନାଇଡୁ କମିସନ ଗଠନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କମିସନର ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୧୬ରେ ସିଏମଓକୁ ପଠାଯାଇଥିଲା। ଏବେ ସେହି ରିପୋର୍ଟ ମିଳୁ ନଥିବା ନେଇ କ୍ୟାପିଟାଲ ଥାନାରେ ଗତ ୨୦ ଜୁନ୍‌ରେ ଏକ ଅପରାଧିକ ମାମଲା ରୁଜୁ କରିଛି। ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ସଂସ୍ଥା ମାଧ୍ୟମରେ ଏହାର ତଦନ୍ତ ଆବଶ୍ୟକତା ରହିଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

## ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ମୃତ

କେନ୍ଦୁଝର, ୨୪।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ମୋଟ ୮ରେ ପହଞ୍ଚିଛି। ବୁଧବାର ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରମିକମାନେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ କାମ କରୁଥିଲେ। କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କ ମୃତ୍ୟୁ ସୂଚନା ମିଳିଥିଲା। ଏହି ଘଟଣାରେ ଆଉ ଜଣଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ବିଏସ୍-୬...

ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ନିର୍ଗତ କରନ୍ତି। ଏହି କାରଣରୁ ସେଗୁଡିକ ପାଇଁ ନିୟମ କୋହଳ କରାଯାଇପାରେ। ତେବେ ନିୟମାବଳୀ ଅନୁଯାୟୀ ପିୟୁସିସି ନ ଥିଲେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ହୋଇପାରେ।

### କୋଲକାତାରେ ନିର୍ମାଣାଧୀନ...

ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଉଦ୍ଧାର କରାଯାଇ ଏସଏସକେଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରାୟ ୧୨ ରୁ ୧୫ ଜଣ ଏବେ ମଧ୍ୟ ଫସି ରହିଥିବା ଆଶଙ୍କା କରାଯାଉଛି।

ଉଦ୍ଧାରକାରୀ ଦଳ ଅନୁଯାୟୀ, ଭଗ୍ନସ୍ତୂପ ତଳୁ ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଆର୍ତ୍ତନାଦ ଶୁଣାଯାଉଛି। କିଛି ଶ୍ରମିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଛି ଏବଂ ସେମାନଙ୍କୁ ପାଇପ୍ ଜରିଆରେ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଉଛି। ଗ୍ୟାସ କଟର ଏବଂ ଡ୍ରିଲିଂ ମେସିନ ସାହାଯ୍ୟରେ କଂକ୍ରିଟ ସ୍ଲାବ୍ କାଟି ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରାଥମିକ ତଦନ୍ତରୁ ବିଲ୍ଡିଂ ପ୍ଲାନରେ ତ୍ରୁଟି ଏବଂ ନିର୍ମାଣ ସାମଗ୍ରୀର ନିମ୍ନମାନର ଗୁଣବତ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ କୋଲକାତା ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବ୍ୟବସାୟିକ ପ୍ରକଳ୍ପର ସୁରକ୍ଷା ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧ ପର୍ଯ୍ୟନ୍ତ କୌଣସି ନୂତନ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ଅନେକ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସରିଲା ତଦନ୍ତ...

ପଡ଼ିଛନ୍ତି। ସାରା ରାଜ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦାନା ବାନ୍ଧିଥିବାବେଳେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମସ୍ତେ ଅପେକ୍ଷା କରିଛନ୍ତି।

ବିଶେଷକରି ପୁସ୍ତକ ପାଠ୍ୟକ୍ରମ ପ୍ରସ୍ତୁତି ଓ ସମୀକ୍ଷା ପାଇଁ ଗଠିତ ୨୪ ଜଣିଆ କୋର୍ କମିଟି ସଦସ୍ୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଖଣ୍ଡା ଝୁଲୁଛି। ଏହାସହ ଓସେପା, ଏସ୍‌ସିଇଆର୍‌ଟି ଓ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟର କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆଶଙ୍କା ରହିଛି। ରାଜ୍ୟ ସମେତ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ପ୍ରସଙ୍ଗରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନେବାକୁ ଚାରିଆଡୁ ଚାପ ମଧ୍ୟ ବଢ଼ିବାରେ ଲାଗିଥିବାରୁ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠାରୁ ବଡ଼ ପ୍ରଶ୍ନବାଚୀ ହେଲା, ତଦନ୍ତ ସରିଥିଲେ ମଧ୍ୟ ରିପୋର୍ଟକୁ ସରକାର ସାର୍ବଜନୀନ କରିବେ ନା ବଡ଼ବଡ଼ିଆ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ପ୍ରୟାସ କରିବେ ବୋଲି ରାଜନୈତିକ ସମୀକ୍ଷକମାନେ ପ୍ରଶ୍ନ କରିଛନ୍ତି।

### ପୁଅ ମୃତ...

ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପାଟପୁର ପୋଲିସ ଆହତ ଓ ମୃତକକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଘଟଣା ସ୍ଥଳରେ ପାଟପୁର ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ସନ୍ତୋଷ ଦାସ ଘରେ ବାଣ ତିଆରି କରି ବିକ୍ରି କରୁଥିବା ବେଳେ ବାଣ ଭିଡୁଥିବା ସମୟରେ ଏଭଳି ଘଟଣା ଘଟିଥିବା ଗ୍ରାମରେ ଆଲୋଚନା ହେଉଛି।

### ଇଂରାଜୀ ବହିକୁ...

ବସ୍ତ୍ରହରଣ କରିଥିବା ବି ଲୋକମାନେ କଟାକ୍ଷ କରିଛନ୍ତି।

ଗୁରୁବାର ଦିନ ତମାମ୍ ସାମାଜିକ ଗଣମାଧ୍ୟମରେ ଇଂରାଜୀ ବହିରେ ରଜଦୋଳି ଗୀତର ଭିଡିଓ ଭାଇରାଲ୍ ହୋଇଛି। ଜଣେ ଶିକ୍ଷୟିତ୍ରୀ ଭିଡିଓକୁ ପ୍ରସ୍ତୁତ କରିଥିବା କୁହାଯାଉଛି। ଇଂରାଜୀ ପୁସ୍ତକରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ସେ କିପରି ପଢ଼ାଇବେ ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚମ ଶ୍ରେଣୀର ଇଂରାଜୀ ପୁସ୍ତକ ‘ପଲ୍ଲଭୀ’ ର ମଧ୍ୟ ଭାଗରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ଲେଖା ହୋଇଥିବା ଲୋକଲୋଚନକୁ ଆସିବା ପରେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ହୋଇଛି। ଇଂରାଜୀରେ ଲେଖାଯାଇଥିବା ଏନ୍‌ସିଇଆର୍‌ଟି ପୁସ୍ତକକୁ ଏଆଇ ଉପଯୋଗ କରି ଓଡ଼ିଆରେ ଅନୁବାଦ କରାଯାଇଥିବାରୁ ମାଳମାଳ ବନାନ୍ ଓ ବାକ୍ୟ ଭୁଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ମାତ୍ର ଇଂରାଜୀ ବହିରେ ଓଡ଼ିଆ କିପରି ପ୍ରବେଶ କଲା? ଏହା ତ ଏଆଇ ର ଅବଦାନ ହୋଇ ନ ଥିବ! ଏପରି ଗୁରୁଚଣ୍ଡାଳ ତ୍ରୁଟି କେବଳ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମାନୀ ଓ ଖାମଖିଆଲ୍ ନୀତି ଦ୍ୱାରା ହିଁ ସମ୍ଭବ। ରାଜ୍ୟର ପ୍ରାୟ ୫୭ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ସହ ଖେଳିଥିବା ଏହି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ଦାବି ଜୋର୍ ଧରିଛି। ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି କରିଥିବା ସମସ୍ତ ବରିଷ୍ଠ ଓ ଅଭିଜ୍ଞ (!) ଶିକ୍ଷାବିତ ଏବଂ ଅଧିକାରୀଙ୍କ ଠାରୁ ମୁଦ୍ରଣ ବାବଦକୁ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ଭରଣା କରିବାକୁ ଦାବି ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଆବାଳବୃଦ୍ଧବନିତା ସରକାରଙ୍କ ଏପରି ତ୍ରୁଟିକୁ ଅକ୍ଷମଣୀୟ କହିବା ସହ କଠୋର ସମାଲୋଚନା ଜାରି ରଖିଛନ୍ତି।

### ସାମୁଦ୍ରିକ ବାଣିଜ୍ୟ...

ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ ‘ସାଗର’, ‘ଆକ୍ଟ ଇଷ୍ଟ ପଲିସି’, “ବିମଷ୍ଟେକ’ ଏବଂ ‘କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩’ ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଏହେ ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ମୁଁ ମାନିବାକୁ...

ଆଲୋଚନା ଚଳାଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ ଉପରେ ଚାପ ସୃଷ୍ଟି କରିଛି। ସିନେଟର ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି ଏବଂ ଏହା କାର୍ଯ୍ୟକାରୀ ହେବା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଦାବି କରାଯାଇଛି। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରସଙ୍ଗଟି ଆଗକୁ ଏକ ଆଇନଗତ ଲଢେଇର ରୂପ ନେଇପାରେ। ଶେଷରେ ନ୍ୟାୟାଳୟ ଦ୍ୱାରା ହିଁ ଏହାର ସମାଧାନ ହେବାର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏଭଳି ପ୍ରସ୍ତାବ/ନିର୍ଦ୍ଦେଶକୁ ଅର୍ଥହୀନ ବୋଲି କହିଛନ୍ତି। ସେ ଏହାକୁ ମାନିବା ଲାଗି ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

### ହୋଟେଲ ମାଲିକଙ୍କୁ...

ଚନ୍ଦନ ସେହି ହୋଟେଲକୁ ନିଜ କବ୍‌ଜାକୁ ନେବାଲାଗି ଉଦ୍ୟମ କରୁଥିବାରୁ ମାଲିକ ପବିତ୍ରଙ୍କ ସହିତ କିଛିଦିନ ହେବ ବିବାଦ ଲାଗିରହିଥିଲା।

ପୁଲିସ ସୂତ୍ରରୁ ପ୍ରକାଶ ଯେ ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲରେ ରହୁଥିବା କିଛି ଯାତ୍ରୀଙ୍କ ଫୋନ୍ ପରେ ପବିତ୍ର ହୋଟେଲକୁ ଯାଇଥିଲେ। ମ୍ୟାନେଜର ଏବଂ କିଛି କର୍ମଚାରୀ ଆବଶ୍ୟକ ସେବା ଦେଉ ନ ଥିବା ଅଭିଯୋଗ କରିଥିଲେ କିଛି ଯାତ୍ରୀ। ଫଳରେ ମାଲିକ ପବିତ୍ର ମ୍ୟାନେଜର ଚନ୍ଦନକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଚନ୍ଦନ ନିଜ ପାଖରେ ରଖିଥିବା ଏକ ଛୁରୀରେ ପବିତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ପବିତ୍ରଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବଳିଆପଣ୍ଡା ଥାନା ପୁଲିସ। ମୁଖ୍ୟ ଅଭିଯୁକ୍ତ ସେହି ହୋଟେଲର ମ୍ୟାନେଜର ଚନ୍ଦନ ଜାଣିବା ପରେ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା ମାତା ମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚି ରହିଛି ଚନ୍ଦନ। ସେଠାରେ ପୁଲିସ ପହଞ୍ଚିବା ପରେ ଚନ୍ଦନ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଗୁଳିରେ ଆହତ ହୋଇଥିଲା। ଚନ୍ଦନର ବାମପଟ ଗୋଡ଼ରେ ପୁଲିସର ଗୁଳି ବାଜିଥିବା ବେଳେ ତାକୁ ଚିକିତ୍ସା ପାଇଁ ପ୍ରଥମେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ଏବଂ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଚନ୍ଦନକୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଆଉ କିଛି ବ୍ୟକ୍ତି ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି।

### ଜେଲ୍‌ବାବୁଙ୍କୁ ବାନ୍ଧିବ...

ଆଉଟ୍ ରେଜିଷ୍ଟରରେ ଶ୍ରୀ ରାଉଳ କରିଥିବା ଦସ୍ତଖତର ସମୟ ମେଳ ଖାଉ ନାହିଁ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଶ୍ରୀ ରାଉଳ ରେଜିଷ୍ଟରରେ ଦସ୍ତଖତ ଜାଲିଆତି ଭଳି ସାଙ୍ଘାତିକ ଭୁଲ୍ କରିଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ମୁଖ୍ୟ ୱାର୍ଡର ଓ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ବରିଷ୍ଠ ଅଧୀକ୍ଷକଙ୍କ ଦେହରେ ଧୂଳି ଲାଗିନଥିଲା।

ଇଏ କେବଳ ଦୁଇଟି ଘଟଣା ନୁହେଁ, ଏପରି ଅନେକ ଉଦାହରଣ ମଧ୍ୟ ରହିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ପୁଲିସ ଅପବାଦ ମୁଣ୍ଡାଇଥିବା ବେଳେ ଅପାରଗ ଅଧିକାରୀଙ୍କ ଲାଗି ସୁରକ୍ଷା ତ୍ରୁଟି ଜେଲ୍ ବିଭାଗ ମଧ୍ୟ ବଦନାମ ହେଉଛି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜେଲରେ ସୁରକ୍ଷା ଜନିତ ତ୍ରୁଟି ଠାରୁ ଆରମ୍ଭ କରି ବିଭିନ୍ନ ବିଶୃଙ୍ଖଳା ଲାଗି ରହିଛି। ତଳତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏହି ଧାରା ବଢ଼ିବାରେ ଲାଗିଛି।

**KASTURBA GANDHI BALIKA VIDYALAYA, KOTANA**

Kotana, Block-Jharbandh, Dist-Bargarh, PIN-768042
Letter No.: 301, Date: 24.06.2026

**SHORT TENDER CALL NOTICE**

Sealed Tenders are invited from the registered/reputed firms and manufacturers having valid PAN and valid Goods and Service Tax (GST) Registration Certificate for supply of the following items like Grocery, Cosmetics, Dress Material, Course Books, Medicines, Non-Veg Items, Milk Products, Toilet Items, Vegetables and Fruits to Kasturba Gandhi Balika Vidyalaya, Kotana, Block-Jharbandh, Dist-Bargarh, PIN-768042 for the year 2026-27.
The last date for receipt of tender forms is **09.07.2026 at 4.00 PM.**
For further details, interested parties may contact the undersigned during office hours.

Sd/- Headmistress-cum-Convener
KGBV, Kotana, Bargarh.

**ZILLA SWASTHYA SAMITI, ANGUL**

10001/304/2627

O/o The Chief District Medical & Public Health Officer, Angul

**TENDER CALL NOTICE FOR SUPPLY OF CALIBRATED BLOOD COLLECTION DRAPES**

No: 1844Date: 22/06/2026

Sealed Tenders are invited from the interested firms / agencies / organization for SUPPLY OF CALIBRATED BLOOD COLLECTION DRAPES for Angul district and details of terms and conditions are available in Angul district website i.e. **https://angul.odisha.gov.in.** Interested firms/agencies/organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 on or before **15.07.2026 (till 11:00 AM)** through Registered Post/Speed Post/Courier only.The authority reserves all the rights to cancel or reject partially or all tender without assigning any reason thereof.

Sd/-
CDM & PHO-cum-District Mission Director,
Angul

OIPR-10001/10142/1/26-27/0009

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୮୮ - ଭର୍ଜିନିଆ ଆମେରିକୀୟ ସମ୍ବିଧାନକୁ ଆପଣାଇବାରେ ୧୦ମ ରାଜ୍ୟ ହେଲା।
- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳିନ ପରିସ୍ଥିତି ଘୋଷଣା କରାଗଲା।




## ଛଅ ପ୍ରକାର ବାଦ୍ୟଯନ୍ତ୍ରରେ ନଦୀ ସୁରକ୍ଷା ବାର୍ତ୍ତା

ଆଜିକାଲି ସମସ୍ତେ ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ପାଇଁ ଭିଡିଓ ବନାଉଥିବା ବେଳେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ସଙ୍ଗୀତକୁ ନଦୀମାନଙ୍କର ସ୍ୱରଭାବେ ଉପସ୍ଥାପିତ କରୁଛନ୍ତି। ତାଙ୍କର ଏହି ଶୈଳୀ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ପୁନେର ସ୍ୱପ୍ନିଲ ଠାକୁର ଏକାକାଳୀନ ୧୪ କିଲୋ ବାଦ୍ୟଯନ୍ତ୍ର ବଜାଇ ନଦୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆଇଟି ଇଞ୍ଜିନିୟରରୁ ପରିବେଶ ସଚେତନତା ଅଭିଯାନ ଚଳାଉଥିବା ସ୍ୱପ୍ନିଲ ଏବେ ଚର୍ଚ୍ଚାରେ ଅଛନ୍ତି। ସେହିପରି ଇନ୍‌ଷ୍ଟାରେ ସେ ସ୍ୱପ୍ନିଲ ନଦୀୱାଲା ନାଁରେ ଲୋକପ୍ରିୟ। ସେ ଏକାକାଳୀନ ୬ ଅଲଗା ଅଲଗା ବାଦ୍ୟଯନ୍ତ୍ର ବଜାନ୍ତି। ସେ ଏମିତି ଶୈଳୀରେ ବଜାନ୍ତି ଯେ, ଶୁଣିବା ଲୋକେ ପୂରା ଅର୍କେଷ୍ଟ୍ରା ବଜାଇବା ଭଳି ଅନୁଭବ କରନ୍ତି। ସ୍ୱପ୍ନିଲ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଏକ ଗୁରୁତର ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ଏହି ଘଟଣା ପରେ ସେ ହାର୍ ମାନିବା ପରିବର୍ତ୍ତେ ଜୀବନକୁ ଏକ ନୂଆ ଉଦ୍ଦେଶ୍ୟ ଲାଗି ସମର୍ପଣ କଲେ। ଏବେ ସେ ପୁନେ ରାଜରାସ୍ତାରେ ପ୍ରାୟ ୧୪ କେଜି ଓଜନର ବାଦ୍ୟଯନ୍ତ୍ର ସହିତ ଗୀତ ଗାଆନ୍ତି ଏବଂ ଲୋକଙ୍କୁ ନଦୀ ବଞ୍ଚାଇବାର ବାର୍ତ୍ତା ଦେଉଛନ୍ତି। ସେ ବିଶ୍ୱାସ କରନ୍ତି, ନଦୀ କେବଳ ଏକ ଜଳ ସ୍ରୋତ ନୁହେଁ, ବରଂ ଜୀବନର ଆଧାର। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ପରିବେଶ ସଂରକ୍ଷଣ ଏବଂ ଜଳ ସ୍ରୋତର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ପିଠିରେ ୧୪ କିଲୋର ବୋଝ, ହାତରେ ଛଅଟି ବାଦ୍ୟଯନ୍ତ୍ର ଏବଂ ହୃଦୟରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଲୋକମାନଙ୍କ ପାଖରେ ଏହି ସନ୍ଦେଶ ପହଞ୍ଚାଇବା ଯେ, ଆମ ନଦୀଗୁଡ଼ିକ ବିପଦରେ ଅଛି। ଏବେ ତାଙ୍କର ଏହି ନିଆରା ଶୈଳୀ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲୋକମାନେ ତାଙ୍କର ଏହି ଆଗ୍ରହ ଓ ସାହସକୁ ମଧ୍ୟ ପ୍ରଶଂସା କରୁଛନ୍ତି।

## ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର






ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ବକ୍ସ ଅଫିସ୍‌ର ସବୁଠୁ ଦାମୀ ଅଭିନେତା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରଣବୀର ଗୋଟିଏ ପ୍ରୋଜେକ୍ଟରୁ ପାଖାପାଖି ୩୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତରେ କୌଣସି ଅଭିନେତାଙ୍କୁ ଗୋଟିଏ ପ୍ରୋଜେକ୍ଟ ପାଇଁ ଏହା ମିଳିଥିବା ସର୍ବାଧିକ ଅର୍ଥରାଶି ବୋଲି କୁହାଯାଉଛି। ଏହା ମାଧ୍ୟମରେ ସେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଛନ୍ତି। ରଣବୀରଙ୍କୁ ଏହି ଅର୍ଥ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସିରିଜ୍‌ରୁ ମିଳିଛି। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହି ଦୁଇଟି ଫିଲ୍ମ ମିଶି ସାରା ବିଶ୍ୱରେ ପାଖାପାଖି ୩୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ କେବଳ ଭାରତୀୟ ବଜାରରୁ ହିଁ ଏହା ୧୯୦୦ କୋଟିରୁ ଅଧିକ ଟଙ୍କା ଆୟ କରିଛି। ତେବେ ରଣବୀର ଏହି ପ୍ରୋଜେକ୍ଟ ପାଇଁ କୌଣସି ମୋଟା ଅଙ୍କର ଫିସ୍ ମଧ୍ୟ ନେଇ ନ ଥିଲେ। ପ୍ରତିବଦଳରେ ପ୍ରଫିଟ୍ ଶେୟାରିଂ ବିକଳ୍ପ ବାଛିଥିଲେ। ଏହା ସହିତ ଫିଲ୍ମର ବଜେଟ୍ ବଢ଼ିବା ଯୋଗୁଁ ସେ ନିଜ ଆଡୁ ମଧ୍ୟ କିଛି ଅର୍ଥ ବିନିଯୋଗ କରିଥିଲେ, ଯାହାଫଳରେ ତାଙ୍କର ଫିଲ୍ମର ଲାଭରେ ଅଂଶୀଦାର ଆହୁରି ବଢ଼ିଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ରଣବୀରଙ୍କ ପୂର୍ବରୁ ରଜନୀକାନ୍ତଙ୍କ ନାମ ସବୁଠାରୁ ଆଗରେ ଥିଲା। ରଜନୀକାନ୍ତ 'ଜେଲର୍' ଚଳଚ୍ଚିତ୍ରରୁ ୨୫୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲେ। ଏହା ସହିତ ଅଲ୍ଲୁ ଅର୍ଜୁନ ଏବଂ ପ୍ରଭାସ ମଧ୍ୟ ନିଜ ନିଜ ଚଳଚ୍ଚିତ୍ର ଦ୍ୱାରା ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିସାରିଛନ୍ତି। ଏବେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ବି ଫିସ୍ ନ ନେଇ ପ୍ରଫିଟ୍ ସେୟାରିଂରେ ଭାଗୀଦାର ହେଉଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହେଲା, କଳାକାର ଜଣକ ତାଙ୍କର ପାରିଶ୍ରମିକ ହରାଇ ବସନ୍ତି।

## ଠିଆଠିଆରେ ବାରବର୍ଷ

ଭାରତରେ ସାଧୁସନ୍ଥମାନଙ୍କର ତପସ୍ୟା ଏବଂ ତ୍ୟାଗର କାହାଣୀ ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ଆକର୍ଷିତ କରିଆସିଛି। ଏହି କ୍ରମରେ ସୋସିଆଲ ମିଡିଆରେ ଏମିତି ଜଣେ ସାଧୁଙ୍କ କାହାଣୀ ଚର୍ଚ୍ଚାରେ ଅଛି, ଯିଏ ନିଜର ଅନନ୍ୟ ସାଧନା ଯୋଗୁଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଲାଲ ଗିରି ଜୀ ମହାରାଜ ନାମକ ଜଣେ ସାଧୁ ଦୀର୍ଘଦିନ ଧରି ଠିଆ ହୋଇ ତପସ୍ୟା କରିବା ପାଇଁ ବିଶ୍ୱସ୍ତରରେ ଚର୍ଚ୍ଚାରେ ଅଛନ୍ତି। ସେ ବିଗତ ପ୍ରାୟ ୧୨ ବର୍ଷ ହେଲାଣି ଖଡ଼େଶ୍ୱରୀ ତପସ୍ୟା ମାଧ୍ୟମରେ ମହାଦେବଙ୍କ ଦିବ୍ୟ ଦର୍ଶନ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ବିଶ୍ୱବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ି ଆଧ୍ୟାତ୍ମିକ ମାର୍ଗ ଆପଣେଇଥିଲେ। ଭଗବାନ ଶିବଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁଁ ସେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ଜୀବନ ଗ୍ରହଣ କରିଥିଲେ। ସେ ବିଗତ ପ୍ରାୟ ୧୨ ବର୍ଷ ହେବ ଲଗାତାର ଠିଆ ହୋଇ ରହିଛନ୍ତି। ଦିନ ହେଉ କି ରାତି, ଭୋଜନ ହେଉ କି ବିଶ୍ରାମ ସବୁକିଛି ସେ ଠିଆ ହୋଇ କରୁଛନ୍ତି। ଦୀର୍ଘ ସମୟ ଧରି ଏଭଳି ଜୀବନଯାପନ କରିବା ଫଳରେ ତାଙ୍କ ପାଦରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ତାଙ୍କ ସଂକଳ୍ପ କେବେ ଦୁର୍ବଳ ହୋଇନାହିଁ। ଶୋଇବା ସମୟରେ ମଧ୍ୟ ସେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଦ୍ୱାରା ଠିଆ ହୋଇ ବିଶ୍ରାମ ନିଅନ୍ତି। ଏହି କାଠପଟା ଉପରେ ସେ ତାଙ୍କ ଶରୀରର ଅଧା ଅଂଶକୁ ଝୁଲାଇ ରଖି ବିଶ୍ରାମ ନିଅନ୍ତି। ଏତେ ବର୍ଷ ଧରି ଲଗାତାର ଭାବେ ଠିଆ ହୋଇ ରହିବା ଯୋଗୁଁ ତାଙ୍କ ଶରୀର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ତାଙ୍କର ଦୁଇଟି ଯାକ ଗୋଡ଼ ଫୁଲି କଳା ପଡ଼ି ଯାଇଛି।



## ମକାଉତ୍ପାଦରୁ ପରିବେଶ ସଚେତନତା ବାର୍ତ୍ତା





**ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନଙ୍କୁ ସ୍ୱ-ରୋଜଗାରର ଅବସର ପ୍ରଦାନ କରାଯାଉଛି। ଏହି କ୍ରମରେ ଏବେ ଉତ୍ତରାଖଣ୍ଡର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ପ୍ଲାଷ୍ଟିକ୍ ମୁକ୍ତ ହିମାଳୟ ଅଭିଯାନରେ ସାମିଲ ହୋଇ ମକା ଚୋପାରୁ ପରିବେଶ ଅନୁକୂଳ ବାଲ୍‌ଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ହିମାଳୟ ପାହାଡ଼କୁ ସ୍ୱଚ୍ଛ ରଖିବା ସହ ନିଜେ ରୋଜଗାରକ୍ଷମ ହେଉଛନ୍ତି। ଏପରି କରି ସେମାନେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଉଛନ୍ତି।**

### ମକାଚୋପାରୁ ଉତ୍ପାଦ

ଉତ୍ତରାଖଣ୍ଡ ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନରେ ଯୋଡ଼ି ହୋଇ ମହିଳାମାନେ ମକା ଚୋପାକୁ ବ୍ୟବହାର କରି ପରିବେଶ ଅନୁକୂଳ ବାଲ୍‌ଟି ସମେତ ଅନ୍ୟାନ୍ୟ ଜିନିଷ ତିଆରି କରନ୍ତି। ଏହାକୁ ତୀର୍ଥଯାତ୍ରୀମାନେ ପ୍ରସାଦ ରଖିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରିଥାନ୍ତି। ଏଥିସହ ମହିଳାମାନେ ସୁନ୍ଦର ସୁନ୍ଦର ଥାଳି ମଧ୍ୟ ତିଆରି ଥାନ୍ତି। ଏଥିରେ ଭଳିକି ଭଳି ଡିଜାଇନ୍ କରିବା ସହ ଯମୁନା ନଦୀର କଳାକୃତି କରିଥାନ୍ତି। ଏହାଦ୍ୱାରା ସ୍ଥାନୀୟ କଳା ଏବଂ ସଂସ୍କୃତିକୁ ଏକ ନୂଆ ବଜାର ମିଳିଛି।

### ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ତୀର୍ଥଯାତ୍ରୀଙ୍କ ଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା। କାରଣ ଏଠାକୁ ଅଧିକ ସଂଖ୍ୟାର ତୀର୍ଥଯାତ୍ରୀ ଆସୁଥିବାରୁ ଏହି ସ୍ଥାନରେ ପଲିଥିନ୍ ସହ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକର ଆବର୍ଜନା ବୃଦ୍ଧି ପାଏ। ଏହା ମାଟିରେ ପଡ଼ି ରହି ମୃତ୍ତିକା ପ୍ରଦୂଷଣ କରିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ମହିଳାମାନେ ଏଭଳି ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

### ବଢୁଛି ଲୋକପ୍ରିୟତା

ସ୍ୱୟଂ ସହାୟକ ଗୋଷ୍ଠୀର ପୁନମ୍ ବଧାନୀଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସୀମିତ ସଂସାଧନ ଥିଲା। ହେଲେ ସମୟ କ୍ରମେ ମିଶନରେ ଯୋଡ଼ି ହେବା ପରେ ସେମାନଙ୍କୁ ରୋଜଗାରର ଅନେକ ପନ୍ଥା ମିଳିଛି। ମହିଳାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଏହି ହାତ ତିଆରି ଜିନିଷ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଡ଼ି ହେବା ପରେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

### ବେକରୀ ଉତ୍ପାଦରୁ ମିଳିଛି ପରିଚୟ

ବିକାଶ ଖଣ୍ଡ ନୌଗାଁଆର ମହିଳାମାନେ ବେକରୀ ଉଦ୍ୟୋଗରୁ ମଧ୍ୟ ଭଲ ଆୟ କରୁଛନ୍ତି। ମହିଳାମାନେ ମାଣ୍ଡିଆରୁ ବିସ୍କୁଟ୍, ମଲ୍‌ଟିଗ୍ରେନ୍ ଅଟା କ୍ରିମ ରୋଲ୍ ସମେତ ଅନ୍ୟାନ୍ୟ ଜିନିଷ ତିଆରି କରୁଛନ୍ତି। ଗୋଷ୍ଠୀର ମହିଳା କୃଷ୍ଣାଦେବୀଙ୍କ କହିବାନୁଯାୟୀ ଏହାଦ୍ୱାରା ପରିବାରର ଆୟ ବଢ଼ିବା ସହ ନିଜେ ନିଷ୍ପତି ନେବା ସକ୍ଷମ ବୃଦ୍ଧି ପାଇଛି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

## ମାଟିହାଣ୍ଡି ନଡ଼ିଆ ମାଛ



**ଆବଶ୍ୟକ ସାମଗ୍ରୀ**

ଭାକୁର ମାଛ– ୫୦୦ ଗ୍ରାମ୍, ନଡ଼ିଆ କୋରା – ଅଧା କପ୍, ପିଆଜ - ଦୁଇ କପ୍, ଅଦା, ରସୁଣ ବଟା – ଏକ ଚାମଚ, ଜିରାଗୁଣ୍ଡ – ଅଧା ଚାମଚ, ଲଙ୍କାଗୁଣ୍ଡ– ଅଧା ଚାମଚ, ଫୁଟଣ – ଅଧା ଚାମଚ, କଞ୍ଚାଲଙ୍କା – ଦୁଇଟି, ଧନିଆ ପତ୍ର – ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମାଛରେ ହଳଦୀ, ଲୁଣ ଗୋଳାଇ ଚୁଲାରେ କଡ଼େଇ ବସାଇ ଭାଜନ୍ତୁ। ଏହାପରେ ଗରମ ପାଣିରେ କୋରା ନଡ଼ିଆ ଦେଇ ଚିପୁଡ଼ି କ୍ଷୀର ବାହାର କରନ୍ତୁ। ଆଉ ଏକ ହାଣ୍ଡି ନେଇ ତେଲ, ଫୁଟଣ, ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇ ଆସିଲେ ଏଥିରେ ଅଦାରସୁଣ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଦେଇ କଷନ୍ତୁ। ପରେ ନଡ଼ିଆ କ୍ଷୀର ଦେଇ ଫୁଟାନ୍ତୁ। ଝୋଳ ଫୁଟିଆସିଲେ, ଭଜାମାଛ ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ନଡ଼ିଆ ମାଛ'।

## ଲୋଫା ବ୍ୟବହାର କରୁଥିଲେ...

ଅଧିକାଂଶ ମହିଳା ଗାଧୋଇବାରେ ଲୋଫା ବ୍ୟବହାର କରିଥାନ୍ତି। ଏହା ଶରୀରରେ ଥିବା ମଇଳାକୁ ସଫା କରି ଏକ ସତେଜ ଅନୁଭୂତି ଦେଇଥାଏ। ହେଲେ ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ମଇଳା ଜମିଯାଏ। ତେଣୁ ଏହାକୁ ମଝିରେ ମଝିରେ ସଫା କରିବା ଜରୁରି।

- ଗାଧୋଇବା ପରେ ଲୋଫାକୁ ଭଲରେ ଧୁଅନ୍ତୁ। ଏହାକୁ ଚିପୁଡ଼ି ଶୁଖାଇବା ଜରୁରି।
- ବାଥରୁମ୍ ବାହାରେ ଏହାକୁ ଖୋଲା ସ୍ଥାନରେ ଶୁଖାନ୍ତୁ।
- ସପ୍ତାହକୁ ଥରେ ଏହାକୁ ନଖ ଉଷୁମ ପାଣିରେ ଧୁଅନ୍ତୁ।
- ସେହିପରି ଚାହିଁଲେ ନଖ ଉଷୁମପାଣିରେ ବୁଡ଼ାଇ ଏଥିରେ ଥିବା ଜୀବାଣୁଙ୍କୁ କମ୍ କରାଯାଇପାରିବ।
- ସେହିପରି ଦୁଇ, ଚାରି ସପ୍ତାହରେ ନିଜର ଲୋଫା ବଦଳାନ୍ତୁ।
- ସମ୍ବେଦନଶୀଳ ତ୍ୱଚା, ଏକ୍‌ଜିମା, ବ୍ରଣ ଆଦି ଥିଲେ ଏହା ବ୍ୟବହାର ନ କରିବା ଭଲ।

## ସାଧାରଣ ପୋଷାକରୁ ରିଚ୍ ଲୁକ୍



**ଅଧିକାଂଶ ମହିଳା ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ରିଚ୍ ଲୁକ୍ ମିଳିଥାଏ ବୋଲି ଅନେକ ଭାବନ୍ତି। ହେଲେ, କିଛି ସହଜ ଉପାୟ ଆପଣାଇ ସାଧାରଣ ପୋଷାକରୁ ମଧ୍ୟ ରିଚ୍ ଲୁକ୍ ପାଇପାରିବେ।**

### ଫିଟିଙ୍ଗ୍‌ର ଧ୍ୟାନ

ଦାମୀ ହେଉ ବା ଶସ୍ତା ପୋଷାକର ଫିଟିଙ୍ଗ୍ ମୁଖ୍ୟ ହୋଇଥାଏ। ତେଣୁ ନୂଆ ପୋଷାକ କିଣିଲେ ପ୍ରଥମେ ଏହାକୁ ନିଜ ଶରୀରରେ ଅନୁସାରେ ଫିଟିଙ୍ଗ୍ କରିବା ଜରୁରି। ଏହାକୁ ଅଧିକ ଢିଲା କିମ୍ବା ଟାଇଟ୍ କରନ୍ତୁନି।

### ରଙ୍ଗଚୟନ

ଯେକୌଣସି ପୋଷାକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ମୁଖ୍ୟଭୂମିକା ନିଭାଇଥାଏ। ଏଥିପାଇଁ ପୋଷାକ ପିନ୍ଧିବା ପୂର୍ବରୁ କେଉଁ ରଙ୍ଗ ମାନିବ ତାକୁ ଧ୍ୟାନ ଦିଅନ୍ତୁ। ସାଧାରଣତଃ କଳାଧଳା କମ୍ବିନେସନ୍ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ନୀଳ ଏବଂ ନାଲି ରଙ୍ଗ ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶେ।

### ଆକର୍ଷଣୀୟ ଗହଣା ପିନ୍ଧନ୍ତୁ

ଓଜନିଆ ଅଳଙ୍କାର ପିନ୍ଧିବା ପରିବର୍ତ୍ତେ ମିନିମାଲିଷ୍ଟ ଅଳଙ୍କାର ପିନ୍ଧନ୍ତୁ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିପାଇଁ ପତଳା ଚେନ୍, ବ୍ରେସ୍‌ଲେଟ୍ ଏବଂ ରିଙ୍ଗ କାନଫୁଲ ପିନ୍ଧିପାରିବେ। ଅବଶ୍ୟ ଚାହିଁଲେ, ହାଲୁକା ମୁଦି ମଧ୍ୟ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ।

## କେଶମୂଳର ଯତ୍ନ

**ଧୂଳି, ମାଟି ଏବଂ ରାସାୟନିକ ପ୍ରସାଧନ ବ୍ୟବହାର ଦ୍ୱାରା କେଶମୂଳରେ ମଇଳା ଜମି ରହେ। ଏପରି ସ୍ଥଳେ ସ୍କାଲ୍ପ ଡିଟକ୍ସ ଆବଶ୍ୟକ। ଏହା କେଶମୂଳକୁ ଗଭୀରରୁ ସଫା କରିବା ସହ କେଶ ମଜବୁତ୍ ଏବଂ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥିସହ କେଶରେ ରକ୍ତ ସଞ୍ଚାଳନ ଉନ୍ନତ କରିଥାଏ। ତେବେ ଘରେ କିପରି ସ୍କାଲ୍ପ ଡିଟକ୍ସ କରିବେ ଜାଣନ୍ତୁ।**

### ଆପଲ୍ ସାଇଡ୍ ଭିନେଗାର୍

ଏହା ଏକ ପ୍ରାକୃତିକ କ୍ଲିନ୍‌ଜର୍ ଭଳି କାର୍ଯ୍ୟ କରିଥାଏ। ଏକ କପ୍ ପାଣିରେ ଦୁଇଚାମଚ ଆପଲ୍ ସାଇଡ୍ ଭିନେଗାର ନେଇ କେଶରେ ଲଗାଇ କିଛି ସମୟ ରଖି ସଫା କରନ୍ତୁ। ଏହା କେଶମୂଳରେ ଜମିଥିବା ମୃତକୋଷ, ଅପରିଷ୍କାର କାଢ଼ିବାରେ ସହାୟକ ହୋଇଥାଏ।

### ନିମ୍ବ ତୁଳସୀ ମାସ୍କ

ନିମ୍ବ ଏବଂ ତୁଳସୀ କେଶମୂଳ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ୍ ଗୁଣ ଥାଏ। ଯାହା କେଶମୂଳକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏଥିପାଇଁ ତୁଳସୀ, ନିମ୍ବପତ୍ର ଗ୍ରାଇଣ୍ଡିଂ କରି କେଶରେ ଲଗାନ୍ତୁ। ଲଗାଇବାର ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ଟି –ଟ୍ରି ଅଏଲ୍ ମସାଜ୍

ଟି ଟ୍ରି ଅଏଲ୍ କେଶମୂଳକୁ ସଫା ରଖିବାରେ ସହାୟକ ହୋଇଥାଏ। ଏହାକୁ ନଡ଼ିଆ କିମ୍ବା ବାଦାମ ତେଲରେ ମିଶାଇ ଲଗାଇପାରିବେ।






# ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଲା ଘାନା

ଫକ୍ସବରୋ,୨୪।୬(ଏଜେନ୍ସି)

ଶକ୍ତିଶାଳୀ ତଥା ଟାଇଟଲର ଅନ୍ୟତମ ଆଶାୟୀ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଛି ଘାନା। ବୋଷ୍ଟନ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍-ଏ'ର ଏକ ଲିଗ୍ ମୁକାବିଲାରେ ଏହା ଦେଖିବାକୁ ମିଳିଛି। ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉପଭୋଗ୍ୟ ହୋଇଥିଲା। ଉଭୟ ଦଳର ରକ୍ଷଣଭାଗ ଏତେ ଶକ୍ତିଶାଳୀ ଥିଲେ, ଯେ ଗୋଲ ଦେବା ତ ଦୂରର କଥା, ଗୋଲ ପୋଷ୍ଟ ଉପରେ କେହି ଠିକ୍‌ରେ ଆକ୍ରମଣ କରିବାରେ ସମର୍ଥ ହୋଇ ନ ଥିଲେ। ଉଭୟ ଦଳର ରଣକୌଶଳ ଏହି ମ୍ୟାଚ୍‌ରେ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ବିଶେଷକରି ଘାନା ଗୋଲ ରକ୍ଷକ ବେଞ୍ଜାମିନ ଆସାରେଙ୍କ ପ୍ରଦର୍ଶନ ସବୁଠାରୁ ଆକର୍ଷଣୀୟ ହୋଇଥିଲା। ସେ ବିଶ୍ୱର ଦୁଇ ପ୍ରସିଦ୍ଧ ଫରୱାର୍ଡ ଖେଳାଳି ଇଂଲଣ୍ଡର ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଗୋଟିଏ ହେଲେ ସଟ୍‌କୁ ପୋଷ୍ଟ ମଧ୍ୟକୁ ଛାଡ଼ି ନ ଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କ୍ରୋଏସିଆ ୧-୦ ଗୋଲରେ ପାନାମାକୁ ପରାସ୍ତ କରିଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ଶେଷରେ ଉଭୟ ଇଂଲଣ୍ଡ ଓ ଘାନା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଗୋଲ ବ୍ୟବଧାନରେ ଇଂଲଣ୍ଡ ନଂ-୧ ଓ ଘାନା ନଂ-୨ ସ୍ଥାନରେ ରହିଛନ୍ତି। ଶେଷରାଉଣ୍ଡ ମୁକାବିଲାରେ ଇଂଲଣ୍ଡ ସହ ପାନାମାର ଓ କ୍ରୋଏସିଆ ସହ ଘାନାର ମୁକାବିଲା ହେବ। ଏହି ଗ୍ରୁପ୍‌ରୁ ୩ଟି ଦଳ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏହି ମୁକାବିଲା ଆରମ୍ଭରୁ ଇଂଲଣ୍ଡ ଆକ୍ରମଣ କରିଥିଲା। ଘାନା ୫-୪-୧ରେ ଖେଳିଥିଲା। ଫଳରେ ଇଂଲଣ୍ଡର ଫରୱାର୍ଡ ବାହିନୀ ଘାନାର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲେ। ବିଶେଷକରି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଭଳି ଟାଣୁଆ ଫରୱାର୍ଡ ଖେଳାଳିଙ୍କୁ ଘାନା ରକ୍ଷଣଭାଗରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଇଂଲଣ୍ଡ ଦଳ ନିକଟରେ ବଲ ନିୟନ୍ତ୍ରଣ ୭୮.୮ ଶତକଡ଼ା ରହିଥିଲା। ତଥାପି ଦଳ ଗୋଲ କରି ପାରି ନ ଥିଲା। ବିଶ୍ୱକପ୍‌ରେ ଏତେ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖି ଗୋଲ କରି ନ ପାରିବାରେ ଇଂଲଣ୍ଡ ଏକ ନକରାତ୍ମକ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଉପରେ ଘାନାର ଆକମ୍ରଣ ଅତି ନଗଣ୍ୟ ରହିଥିଲା। ଦଳ ମାତ୍ର ଜଣେ ଫରୱାର୍ଡ ଖେଳାଳିଙ୍କୁ ନେଇ ସମଗ୍ର ମ୍ୟାଚ୍‌ରେ ଖେଳିଥିଲା। ଦଳର କୋଚ୍ କାର୍ଲୋସ କ୍ୱିରୋଜ୍‌ଙ୍କ ରଣ କୌଶଳ ଆଗରେ ଗୋଲ ଦେବାରେ ଫେଲ ମାରିଥିଲା ତାରକା ଖଚିତ ଇଂଲଣ୍ଡ ଦଳ। କ୍ରୋଏସିଆକୁ ୪-୨ ଗୋଲରେ ହରାଇବା ପରେ ଇଂଲଣ୍ଡ ଏହି ମୁକାବିଲାକୁ ଜିତି ଆଗୁଆ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିବାକୁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ଘାନାର ଡିଫେନ୍ସ କରିବାକୁ ଦେଇ ନ ଥିଲା। ଦଳର ଗୋଲରକ୍ଷକ ବେଞ୍ଜାମିନ ଆସାରେ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରି କେନ୍-ବେଲିଂହାମ-ଗର୍ଡନ-ରାଶଫୋର୍ଡଙ୍କ ଆକ୍ରମଣକୁ ଅଟକାଇବାରେ ସଫଳ ହୋଇଥିଲେ।



## ୬ଟି ବିଶ୍ୱକପ୍‌ରେ ଗୋଲ ଦେବାରେ ରୋନାଲ୍ଡୋ ପ୍ରଥମ

ହଷ୍ଟନ, ୨୪।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଗୋଲ ଦେବାରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୬ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଏଭଳି ରେକର୍ଡ କରିପାରି ନାହାନ୍ତି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-କେ'ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପର୍ତ୍ତୁଗାଲ ୫-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ରୋନାଲ୍ଡୋ ୨ଟି ଗୋଲ ଦେବା ଫଳରେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି ଓ ସେ ନିଜ ଦେଶର କିଂବଦନ୍ତୀ ଖେଳାଳି ୟୁସେବିଓଙ୍କ ୯ଟି ଗୋଲର ରେକର୍ଡକୁ ଅତିକ୍ରମ କରିଥିଲେ। ୪୧ ବର୍ଷ ୧୩୮ ଦିନରେ ରୋନାଲ୍ଡୋ ବିଶ୍ୱକପ୍‌ରେ ଗୋଲ ଦେବାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୪୨ବର୍ଷ ୩୯ ଦିନରେ ଗୋଲ ଦେଇଥିବା ଇଜିପ୍ଟର ରୋଜର ମିଲାଙ୍କ ନାମରେ ଏହି ରେକର୍ଡ ରହିଛି। ରୋନାଲ୍ଡୋ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ, ୨୦୧୮ରେ ୪ଟି, ୨୦୨୨ରେ ଗୋଟିଏ ଓ ଏବେ ଚାଲିଥିବା ୨୦୨୬ରେ ୨ଟି ଗୋଲ ସ୍କୋର କରିଛନ୍ତି।

## ଲୋକପ୍ରିୟତା ଶୀର୍ଷରେ କେପ୍ ଭର୍ଡର ଭୋଜିନା

ଡଲାସ,୨୪।୬(ଏଜେନ୍ସି): ଫୁଟବଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହେଉଛି ଫିଫା ବିଶ୍ୱକପ୍। ଫିଫା ପକ୍ଷରୁ ଏଥର ଟିମ୍ ସଂଖ୍ୟା ୪୮କୁ ବୃଦ୍ଧି କରିବା ଫଳରେ ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଏହି ଦେଶ ପୂରା ଫାଇଦା ଉଠାଇ ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଏହି ଦଳକୁ ଅପରାଜିତ ରଖିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଗୋଲରକ୍ଷକ ୪୦ ବର୍ଷୀୟ ଭୋଜିନା। ଭୋଜିନାଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଯୋଗୁଁ ଦଳ ତ ଅପରାଜିତ ରହିଛି, ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୧୫.୬ ମିଲିଅନ୍‌ରେ ପହଞ୍ଚିଛି। ଫଳରେ ଚଳିତ ଫିଫା ବିଶ୍ୱକପ୍‌ରେ ସେ ସବୁଠାରୁ ଲୋକପ୍ରିୟ ତଥା ଅଧିକ ଫଲୋଅର୍ସ ଗୋଲକିପର ହୋଇଛନ୍ତି। ଜର୍ମାନୀର ଗୋଲରକ୍ଷକ ମାନୁଏଲ ନୁଏର ଏବଂ ଆମେରିକାର କିଂବଦନ୍ତୀ ଏନ୍ଏଫଏଲ୍ ଖେଳାଳି ଟମ୍ ବ୍ରାଡିଙ୍କୁ ପଛରେ ପକାଇଦେଇଛନ୍ତି। ତାଙ୍କ ଚମତ୍କାରିତା ଯୋଗୁଁ କେପ୍ ଭର୍ଡ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ସହ ଗୋଲଶୂନ୍ୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉରୁଗୁଏ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା।



## କ୍ରୋଏସିଆ ଆଶା ଉଜ୍ଜୀବିତ

ଟରଣ୍ଟୋ,୨୪।୬(ଏଜେନ୍ସି): ପାନାମାକୁ ୧-୦ ଗୋଲରେ ପରାସ୍ତ କରି କ୍ରୋଏସିଆର ଚଳିତ ଫିଫା ବିଶ୍ୱକପ୍‌ରେ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ପରେ ୨ଟି ମୁକାବିଲାରୁ କ୍ରୋଏସିଆ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏଲ'ରେ ତୃତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଘାନା ସହ ଖେଳିବ। ଦଳ ଏହି ମ୍ୟାଚ୍‌କୁ ଡ୍ର ରଖିପାରିଲେ ନିଶ୍ଚିତ ନକ୍‌ଆଉଟରେ ପ୍ରବେଶ କରିଛ। ପ୍ରଥମ ଦୁଇଟି ସ୍ଥାନ ହାସଲ ନ କଲେ ମଧ୍ୟ ଶ୍ରେଷ୍ଠ ତୃତୀୟ ସ୍ଥାନିତ ୮ଟି ଦଳ ମଧ୍ୟରେ ରହିବ। ବିଜୟୀ କ୍ରୋଏସିଆ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଆଣ୍ଟେ ବୁଦିମିର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ଦଳ ପ୍ରଥମ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨-୪ ଗୋଲରେ ପରାଜିତ ହୋଇଥିଲା।



## କଙ୍ଗୋକୁ ହରାଇ ନକ୍‌ଆଉଟ୍‌ରେ କଲମ୍ବିଆ

ଫକ୍ସବରୋ,୨୪।୬(ଏଜେନ୍ସି): ଡାନିଏଲ୍ ମୁନୋଜଙ୍କ ଏକମାତ୍ର ଗୋଲ ବଳରେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଗ୍ରୁପ୍-କେ'ର ଏକ ଲିଗ୍ ମ୍ୟାଚ୍‌ରେ କଲମ୍ବିଆ ୧-୦ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ କଲମ୍ବିଆ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥାଇ ପ୍ରଥମେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଦଳ ତାହାର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ପର୍ତ୍ତୁଗାଲ୍‌କୁ ଭେଟିବ। ଏହି ଗ୍ରୁପ୍‌ରେ ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ପର୍ତ୍ତୁଗାଲ ୫-୦ ଗୋଲରେ ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ୪ ପଏଣ୍ଟ ପାଇ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ କରିଛି। ପର୍ତ୍ତୁଗାଲ ସହ ପ୍ରଥମ ମ୍ୟାଚ୍ ଡ୍ର ରଖିଥିବା କଙ୍ଗୋ ଶେଷ ଲିଗ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇପାରିଲେ ନକ୍‌ଆଉଟ ଖେଳିବା ଦୌଡ଼ରେ ତିଷ୍ଠି ରହିବ।

କଙ୍ଗୋ ବିପକ୍ଷରେ ଗୋଲ ଦେବାକୁ କଲମ୍ବିଆକୁ ପ୍ରଥମାର୍ଦ୍ଧରେ ସଂଘର୍ଷ କରିବାକୁ ପଡ଼ିଥିଲା। କଙ୍ଗୋର ରକ୍ଷଣଭାଗ ବେଶ ସ୍ମାର୍ଟ ଥିଲା ଓ କଲମ୍ବିଆର ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। କଲମ୍ବିଆ ନିକଟରେ ୬୬ ଶତକଡ଼ା ବଲ ନିୟନ୍ତ୍ରଣ ୮୮ ଶତକଡ଼ା ସଠିକ୍ ପାସ୍ ଓ ଟାର୍ଗେଟରେ ୯ଟି ସଟ୍ ମାରିଥିଲେ ମଧ୍ୟ କେବଳ ଗୋଟିଏ ଗୋଲ କରିବାକୁ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୭୬ତମ ମିନିଟ୍‌ରେ ଡାନିଏଲ ମୁନୋଜ ଗୋଲ ସ୍କୋର କରି ସଂଘର୍ଷ କରୁଥିବା କଲମ୍ବିଆର ଖେଳାଳି ଓ ସମର୍ଥକମାନଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏବେଠାରୁ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ। ଇଂଲଣ୍ଡ ଓ ପର୍ତ୍ତୁଗାଲ ଭଳି ପରବର୍ତ୍ତୀ ମ୍ୟାଚ୍ ଗୁଡିକରେ ଖେଳରେ ଉନ୍ନତି ନ ଆଣିଲେ ଦଳକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିବ।



### ଫିଫା ବିଶ୍ୱକପ୍ ମୁକାବିଲା

| |
|---|
| ଜୁନ୍-୨୫, ଗୁରୁବାର ରାତି |
| ଆଇଭରୀ କୋଷ୍ଟ-କ୍ୟୁରାସାଓ |
| ଫିଲାଡେଲ୍‌ଫିଆ, ରାତି ୧.୩୦ |
| ଜର୍ମାନୀ-ଇକ୍ୱେଡର |
| ନ୍ୟୁ ଜର୍ସି, ରାତି ୧.୩୦ |
| ନେଦରଲାଣ୍ଡସ-ଟ୍ୟୁନିସିଆ |
| କାନସାସ୍ ସିଟି, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ସ୍ୱିଡେନ-ଜାପାନ |
| ଆରଲିଙ୍ଗଟନ, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ଜୁନ୍-୨୬ ଶୁକ୍ରବାର ସକାଳ |
| ଆମେରିକା-ତୁର୍କୀ |
| ଲସ୍ ଏଞ୍ଜେଲ୍ସ, ସକାଳ ୭.୩୦ |
| ଅଷ୍ଟ୍ରେଲିଆ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |




## ୪୮ ମ୍ୟାଚ୍ ପରେ ୫ ଟିମ୍ ବିଦା

ଡଲାସ,୨୪।୬ (ଏଜେନ୍ସି): ଉତ୍ତରଆମେରିକାରେ ଚାଲିଥିବା ୨୩ତମ ଫିଫା ବିଶ୍ୱକପ୍‌ରେ ଏଥର ୪୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ଶେଷରେ ୧୬ଟି ଟିମ୍ ସ୍ୱଦେଶ ଫେରିବେ ଓ ୩୨ଟି ଟିମ୍ ନକ୍‌ଆଉଟକୁ ଉନ୍ନୀତ ହେବେ। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଲିଗ୍ ପର୍ଯ୍ୟାୟରେ ୭୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏଥର ଭାଗ ନେଇଥିବା ୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ଅର୍ଥାତ୍ ୨୪ଟି ଟିମ୍ ସିଧାସଳଖ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବେ। ବାକି ୮ଟି ଦଳ କିପରି ଆସିବେ। ନିୟମ ଅନୁଯାୟୀ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳ ରାଉଣ୍ଡ ଅଫ୍ ୩୨ର ସ୍ଥାନ ପୂରଣ କରିବେ। ପ୍ରଥମ ୪୮ଟି ମ୍ୟାଚ୍ ପରେ ୭ଟି ଦଳ ଯଥା ଯୁଗ୍ମ ଆୟୋଜକ ମେକ୍ସିକୋ ଓ ଆମେରିକା, କଲମ୍ବିଆ, ୪ଥରର ଚାମ୍ପିଅନ ଜର୍ମାନୀ, ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା, ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ନରୱେ ଟିମ୍ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତୃତୀୟ ରାଉଣ୍ଡ ଖେଳ ହେବା ପୂର୍ବରୁ ଯେଉଁ ଦଳଗୁଡିକ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ହାରିବା ପରେ ତୃତୀୟ ସ୍ଥାନ ହାସଲ କରିବାର ସମ୍ଭାବନା ନାହିଁ ସେହି ଦଳଗୁଡିକ ବାଦ୍ ପଡ଼ିଛନ୍ତି। ଏହି ୫ଟି ଟିମ୍ ହେଲେ ଗ୍ରୁପ୍-ସି'ରେ ହାଇତି, ଗ୍ରୁପ୍-ଡି'ରେ ତୁର୍କୀ, ଗ୍ରୁପ୍-ଏଫ୍'ରେ ଟ୍ୟୁନିସିଆ, ଗ୍ରୁପ୍-ଏଲ୍'ରେ ପାନାମା ଓ ଗ୍ରୁପ୍-ଜେ'ରେ ଜୋର୍ଡାନ। ଗ୍ରୁପ୍-ଆଇ'ରେ ୨ଟି ଦଳ ପ୍ରଥମ ୨ଟି ମ୍ୟାଚ୍ ହାରିଛନ୍ତି, ଗ୍ରୁପ୍-କେ'ରେ ଉଜ୍‌ବେକିସ୍ତାନ ୨ଟି ହାରିଥିଲାବେଳେ କଙ୍ଗୋ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବାରୁ କେଉଁ ଦଳ ବିଦା ହେବ ତାହା ସ୍ପଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର,୨୪।୬(ସମିସ): ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୮ ତାରିଖଯାଏ ଖେଳାଯିବ। ଏଥର ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସ୍କୁଲ ଗୁଡିକ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କୁ ମୋ-୬୩୭୨୮୮୭୦୬୯ କିମ୍ବା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମୋ-୯୯୩୭୧୪୧୮୬୧ରେ ଯୋଗାଯୋଗ କରିବାକୁ ସଭାପତି ତପନ ମହାନ୍ତି ଅନୁରୋଧ କରିଛନ୍ତି।

## ଛତିଶଗଡ଼ରେ ନ୍ୟାସନାଲ୍ ମିନି ଗଲ୍ଫ

ଭୁବନେଶ୍ୱର,୨୪।୬(ସମିସ): ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟଠାରେ ଆସନ୍ତାକାଲିଠାରୁ ନ୍ୟାସନାଲ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସ୍ମୃତିରେଖା ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରୁଛି। ଏହି ନ୍ୟାସନାଲ ପ୍ରତିଯୋଗିତାରେ ୨୧ଟି ରାଜ୍ୟର ପ୍ରତିନିଧିକ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଏଥର ଭଲ ସଫଳତା ପାଇବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ ଆଶା ପ୍ରକାଶ କରିଛନ୍ତି।




■ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍

## କୋହଲିଙ୍କ ଟପିଲେ ଗିଲ୍

ଦୁବାଇ,୨୪।୬(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳାରେ ୮୪ ଓ ୧୫୪ ରନ୍ କରିଥିବା ଭାରତର ଅଧିନାୟକ ଶୁବମନ ଗିଲ୍ ସର୍ବଶେଷ ଦିନିକିଆ ମାନ୍ୟତାରେ ବିରାଟ କୋହଲିଙ୍କୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ନଂ-୧ସ୍ଥାନରେ ଥିଲାବେଳେ କୋହଲି ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଭାରତର ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ରହିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରେ ୧୬, ୪୮ ଓ ୭୯ ରନ୍ କରିଥିଲେ। ନିକଟରେ ଇଂଲଣ୍ଡ ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିରେ ପୁଣିଥରେ ମାନ୍ୟତାରେ ପରିବର୍ତ୍ତନ ହେବାର ସମ୍ଭାବନା ରହିବ।

## ଇଂଲଣ୍ଡ ଗସ୍ତରେ ସୂର୍ଯ୍ୟବଂଶୀଙ୍କୁ ଅଲଗା ଡ୍ରେସିଂ ରୁମ୍



ଲଣ୍ଡନ, ୨୪।୬(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଥିବା ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ଲାଗି ଅଲଗା ଡ୍ରେସିଂ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଆଇସିସି ନିୟମ ଅନୁଯାୟୀ ମ୍ୟାଚ୍ ଖେଳାଯିବାକୁ ଥିବା ୫ଟି ଯାକ ଷ୍ଟାଡିୟମ୍‌ରେ ଏହି ବ୍ୟବସ୍ଥା ଲାଗୁ ହେବ, ବୈଭବ କେବଳ ଟିମ୍ ମିଟିଂ ଓ ଖେଳବେଳେ ସେ ଟିମ୍ ଡ୍ରେସିଂରୁମ୍‌କୁ ଯାଇପାରିବେ। ସେହିପରି ଜଣେ ପ୍ରାପ୍ତବୟସ୍କ ହୋଇ ନ ଥିବାରୁ ସେ ତାଙ୍କ ମାତାପିତାଙ୍କ ସହ ରହିବ। ଏଥିଲାଗି ମା' ଆରତୀ ଓ ପିତା ଅଜିତ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ପଠାଇବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବୈଭବ ଯେପରି ଏକୁଟିଆ ଅନୁଭବ ନ କରିବେ ସେଥିଲାଗି ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ଫୁଟବଲ୍ ଖେଳରେ ଏଭଳି ଘଟଣା ଦେଖିବାକୁ ମିଳିଛି।

## ପ୍ରଜ୍ଞାଙ୍କୁ କାଂସ୍ୟ, ଜ୍ୟୋତିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୪।୬(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଆ ଧାବିକା ପ୍ରଜ୍ଞାପ୍ରଶାନ୍ତ ସାହୁ ୧୦୦ମିଟର ହର୍ଡଲ୍ସରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଜ୍ଞା ୧୩.୪୮ ସେକେଣ୍ଡ ସମୟ ନେଇ ତୃତୀୟ ଓ ସବିତା ଟପ୍ପୋ ୧୩.୭୮ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। କିନ୍ତୁ ଏହି ବିଭାଗରେ ସ୍ୱର୍ଣ୍ଣପଦକ ଜିତିଛନ୍ତି ରିଲାଏନ୍ସ ଆଥଲେଟିକ୍ ଫାଉଣ୍ଡେସନର ଜ୍ୟୋତି ୟାରାଜୀ। କଳିଙ୍ଗ ଷ୍ଟାଡିୟମ୍‌ରେ ପ୍ରଶିକ୍ଷଣ ନେଉଥିବା ଜ୍ୟୋତି ଆଘାତ ସମସ୍ୟାରୁ ଫେରିବା ପରେ ୧୨.୯୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ସହ ସେ ମଧ୍ୟ ଜାପାନ ଏସିଆନ୍ ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ପୋଲ ଭଲ୍ଟରେ ଏମ୍‌ପିର ଦେବ ମୀନା ୫.୪୫ ମିଟରକୁ ଡେଇଁ ସ୍ୱର୍ଣ୍ଣ ବିଜୟ ସହ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋ'ରେ ୟୁପିର ଅନୁସ୍କା ଯାଦବ ୬୭.୦୨ ମିଟର ଦୂରତାକୁ ଫିଙ୍ଗି ଏହି ରେକର୍ଡ କରିଛନ୍ତି। ସେ ମଧ୍ୟ ଜାପାନ ଏସିଆନ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଆଙ୍କ ମଧ୍ୟରେ ମହିଳା ଟ୍ରିପଲ ଜମ୍ପରେ ମେରୀମୁକ୍ତା ସୋରେଙ୍ଗ ୬ଷ୍ଠ, ମହିଳା ହାମର ଥ୍ରୋରେ ସନ୍ଧ୍ୟା ସାଣ୍ଡିଲ୍ୟ ୬ଷ୍ଠ ଓ ମହିଳା ୮୦୦ ମିଟର ଦୌଡ଼ର ହିଟ୍ସ-୨ରେ ଦୀପ୍ତିରାଣୀ ସାହୁ ୬ଷ୍ଠରେ ରହିଛନ୍ତି।




## ଟେଷ୍ଟ ବୋଲିଂ ଶୀର୍ଷରେ ବୁମ୍ରା ଓ ହେନ୍‌ରୀ

ଦୁବାଇ, ୨୪।୬(ଏଜେନ୍ସି): ଆଇସିସିର ସଦ୍ୟତମ ଟେଷ୍ଟ ବୋଲିଂ ମାନ୍ୟତାରେ ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରୀ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡର ପ୍ରଥମ ବୋଲର ଭାବେ ଟେଷ୍ଟ ବୋଲିଂ ମାନ୍ୟତାର ଶୀର୍ଷରେ ପହଞ୍ଚିଛନ୍ତି। ୩୪ ବର୍ଷ ବୟସ୍କ ହେନ୍‌ରୀ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍ରାଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛି। ଉଭୟ ବୁମ୍ରା ଓ ହେନ୍‌ରୀ ସମାନ ୮୭୦ ପଏଣ୍ଟ ପାଇଛନ୍ତି। ବିଶ୍ୱର ୧ନଂ ଟେଷ୍ଟ ବୋଲର ହେବାରେ ମ୍ୟାଟ୍ ହେନ୍‌ରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର। ୧୯୪୭ରେ ନ୍ୟୁଜିଲାଣ୍ଡର ଜ୍ୟାକ୍ କୋୱି ଓ ୧୯୮୪ରୁ ୧୯୯୦ ମଧ୍ୟରେ ରିଚାର୍ଡ ହାଡ୍‌ଲି ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଥିଲେ।

■ ମହିଳା ଟି-୨୦ ବିଶ୍ୱକପ୍

## ଭାରତ-ବାଂଲାଦେଶ ଲଢ଼େଇ ଆଜି

ମାଞ୍ଚେଷ୍ଟର,୨୪।୬(ଏଜେନ୍ସି): ଭାରତ ଓ ବାଂଲାଦେଶ ମଧ୍ୟରେ ଏଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଆସନ୍ତାକାଲି ଖେଳାଯିବ। ଉଭୟ ଦେଶ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲାବେଳେ ଏହି ମ୍ୟାଚ୍‌ରେ ପରାଜିତ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବ। ଆଜି ଅଷ୍ଟ୍ରେଲିଆ ଦଳ କ୍ରମାଗତ ଚତୁର୍ଥ ବିଜୟ ପରେ ସେମିଫାଇନାଲ ଖେଳିବା ସ୍ପଷ୍ଟ କରିଛି। ଭାରତ ବାଂଲାଦେଶକୁ ହରାଇଲେ ମଧ୍ୟ ସେମିଫାଇନାଲ ଖେଳିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବାକୁ ପଡ଼ିବ। ଏଣୁ ଆସନ୍ତାକାଲି ମ୍ୟାଚ୍‌ରେ ଭାରତ ତାହାର ଫର୍ମ ପ୍ରଦର୍ଶନ କରିବାକୁ ହେବ।

● ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ

## କନିଷ୍ଠ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତର ୨୪ ଜଣିଆ କନିଷ୍ଠ ମହିଳା ହକି ଦଳ ଗ୍ରେଟବ୍ରିଟେନ୍ ଗସ୍ତରେ ଯିବ। ଏହି ଗସ୍ତ ଲାଗି ସେଇଲିମା ଚାନୁଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ଗୋଲରକ୍ଷକ ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ମିଡ୍‌ଫିଲ୍ଡର ତନୁଜା ଟପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସ୍ଥାନ ମିଳିଛି। ଜୁଲାଇ ୫ରୁ ୧୪ ତାରିଖଯାଏ ହେବାକୁ ଥିବା ଏହି ଗସ୍ତରେ ସ୍କଟଲାଣ୍ଡ ଓ ଇଂଲଣ୍ଡ ସହ ଭାରତ ଖେଳିବ। ଏସିଆ କପ୍ ପୂର୍ବରୁ ଏହା ଦଳର ଭଲ ପ୍ରସ୍ତୁତି ହେବ ବୋଲି ନୂଆ ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS